

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୧୦ ସେପ୍ଟେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 10 September 2026

Vol.No. 36 ■ No.238 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ରଥ ସଂଖ୍ୟା)

ଡିଜିଟାଲ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ଦସକ୍ଷାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


## ବ୍ରିକ୍ସ ସମ୍ମିଳନୀ ୨୦୨୬: ସି ଜିନ୍‌ପିଙ୍ଗ୍‌ଙ୍କଠାରୁ ପୁଟିନ୍ ପର୍ଯ୍ୟନ୍ତ ଦିଲ୍ଲୀରେ ଜମିବ ଦିଗ୍‌ଗଜ ନେତାଙ୍କ ସମାବେଶ

ନୂଆଦିଲ୍ଲୀ,୯/୯ : ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ ୨୦୨୬ରେ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ସେପ୍ଟେମ୍ବର ୧୨ ଏବଂ ୧୩ ତାରିଖରେ ଆୟୋଜିତ ହେବାକୁ ଯାଉଛି । ଏହି ଦୁଇ ଦିନିଆ ଶିଖର ସମ୍ମିଳନୀରେ ବିଶ୍ୱର ପ୍ରମୁଖ ଉଦୀୟମାନ ଅର୍ଥବ୍ୟବସ୍ଥାର ନେତାମାନେ ଗୋଟିଏ ମଞ୍ଚରେ ଏକାଠି ହେବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସମ୍ମିଳନୀର ଅଧ୍ୟକ୍ଷତା ଓ ଆୟୋଜନ କରୁଛନ୍ତି । ଏଥିରେ ଚୀନ୍‌ର ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କ ସମେତ ରୁଷର ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ଯୋଗ ଦେଉଛନ୍ତି । ଏହା ବ୍ୟତୀତ ଇରାନର ରାଷ୍ଟ୍ରପତି ମସୁଦ ପେଜେସକିଆନ, ଦକ୍ଷିଣ ଆଫ୍ରିକା, ମିଶର, ଇଣ୍ଡୋନେସିଆ, ଇଥିଓପିଆ ଏବଂ ଅନ୍ୟାନ୍ୟ ପ୍ରମୁଖ ସଦସ୍ୟ ତଥା ଅଂଶୀଦାର ଦେଶଗୁଡ଼ିକର ନେତାମାନେ ଏହି ବୈଠକରେ ଭାଗ ନେଉଛନ୍ତି । ଚୀନ୍‌ର ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କ ଏହି ସମ୍ମିଳନୀରେ ଯୋଗଦାନକୁ ନେଇ କୂଟନୈତିକ ସ୍ତରରେ ବେଶ୍ ଚର୍ଚ୍ଚା ଚାଲିଛି। ଯଦି ସେ ଭାରତ ଗସ୍ତ କରନ୍ତି, ତେବେ ୨୦୧୯ର ମାମଲ୍ଲାପୁରମ୍ ଅନୌପଚାରିକ



ଶିଖର ସମ୍ମିଳନୀ ପରେ ଏହା ତାଙ୍କର ପ୍ରଥମ ଭାରତ ଗସ୍ତ ହେବ। ଦୁଇ ଦେଶ ମଧ୍ୟରେ ଥିବା ସୀମା ବିବାଦ ଓ ଜଟିଳ ସମ୍ପର୍କ ମଧ୍ୟରେ ଏହି ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ସି ଜିନ୍‌ପିଙ୍ଗ୍‌ଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହେବାର ସମ୍ଭାବନା ରହିଛି, ଯାହା ଉଚ୍ଚସ୍ତରୀୟ ଆଲୋଚନାର ଏକ ନୂଆ ପଥ ଖୋଲିବ । ସେହିପରି ରୁଷର ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କ ଉପସ୍ଥିତି ଏହି ମଞ୍ଚର ରଣନୈତିକ ମହତ୍ତ୍ୱକୁ ଆହୁରି ବଢ଼ାଇଦେଇଛି। ଏହା ଏକ ବର୍ଷ ମଧ୍ୟରେ ତାଙ୍କର ଦ୍ୱିତୀୟ ଭାରତ ଗସ୍ତ। ଗତ ଡିସେମ୍ବର ୨୦୨୫ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ବାର୍ଷିକ ଦ୍ୱିପାକ୍ଷିକ ସମ୍ମିଳନୀ ପରେ ସେ ପୁଣି ଭାରତ ଆସୁଛନ୍ତି । ଅଗଷ୍ଟ ୩୧ରେ ବିଶକେକ୍‌ଠାରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ ସମ୍ମିଳନୀ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ଏହି ବ୍ରିକ୍ସ ସମ୍ମିଳନୀ ପାଇଁ ନିମନ୍ତ୍ରଣ କରିଥିଲେ । ବ୍ରିକ୍ସ ୨୦୦୬ ମସିହାରେ ଏକ ଅନୌପଚାରିକ ଗୋଷ୍ଠୀ ଭାବରେ ଆରମ୍ଭ ହୋଇଥିଲା ଏବଂ ୨୦୦୯ ଜୁନ୍ ୧୬ରେ ଏହାର ପ୍ରଥମ ଆନୁଷ୍ଠାନିକ ଶିଖର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ୨୦୨୬ ମସିହାରେ ଏହି ସଂଗଠନ ଗଠନର ୨୦ ବର୍ଷ ପୂରଣ ହେଉଛି । ବର୍ତ୍ତମାନ ଏଥିରେ ଭାରତ, ବ୍ରାଜିଲ, ରୁଷ, ଚୀନ୍, ଦକ୍ଷିଣ ଆଫ୍ରିକା, ମିଶର, ଇଥିଓପିଆ, ଇଣ୍ଡୋନେସିଆ, ଇରାନ, ସାଉଦି ଆରବ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ସମେତ ୧୧ଟି ସଦସ୍ୟ ଦେଶ ରହିଛନ୍ତି । ବିସ୍ତାରିତ ବ୍ରିକ୍ସ ସମୂହ ବିଶ୍ୱର ପ୍ରାୟ ୪୯ ପ୍ରତିଶତ ଜନସଂଖ୍ୟା, ବିଶ୍ୱ ମୋଟ ଗ୍ରାହସ୍ଥ ଉତ୍ପାଦ ର ୩୯ ପ୍ରତିଶତ ଏବଂ ଆନ୍ତର୍ଜାତୀୟ ବ୍ୟବସାୟର ପ୍ରାୟ ୨୩ ପ୍ରତିଶତ ଅଂଶ ଗ୍ରହଣ କରେ । ଏହି ସଂଗଠନକୁ ପାଶ୍ଚାତ୍ୟ ପ୍ରଭୁତ୍ୱର ଏକ ବିକଳ୍ପ ମଞ୍ଚ ଭାବରେ ଦେଖାଯାଏ । ବିଶ୍ୱ ବ୍ୟାଙ୍କ, ଏଟ ଏବଂ ଜାତିସଂଘ ସୁରକ୍ଷା ପରିଷଦ ଭଳି ସଂସ୍ଥାଗୁଡ଼ିକରେ ପାଶ୍ଚାତ୍ୟ ଦେଶଗୁଡ଼ିକର ଆଧିପତ୍ୟକୁ ଚ୍ୟାଲେଞ୍ଜ କରିବା ଏବଂ ବିଶ୍ୱସ୍ତରୀୟ ସଂସ୍ଥାଗୁଡ଼ିକରେ ସୁଧାର ଆଣିବା ପାଇଁ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକ ଦାବି କରିଆସୁଛନ୍ତି । ଭାରତ ପାଇଁ ବ୍ରିକ୍ସ କେବଳ ଏକ ଅର୍ଥନୈତିକ ମଞ୍ଚ ନୁହେଁ । ଏହା ଏପରି ଏକ ସ୍ଥାନ ଯେଉଁଠାରେ ଭାରତ ଚୀନ୍ ଏବଂ ରୁଷ ସହିତ ଗୋଟିଏ ଟେବୁଲରେ ବସି ନିଜର ଆଞ୍ଚଳିକ ଓ ବୈଶ୍ୱିକ ସ୍ୱାର୍ଥ ସମ୍ପର୍କରେ କଥା ହୋଇପାରେ । ଏହା ସହିତ ଆମେରିକା, ୟୁରୋପ, ଜାପାନ ଏବଂ ଅଷ୍ଟ୍ରେଲିଆ ଭଳି ପାଶ୍ଚାତ୍ୟ ଦେଶଗୁଡ଼ିକ ସହ ନିଜର ସମ୍ପର୍କ ଅକ୍ଷୁର୍ଣ୍ଣ ରଖି ଗ୍ଲୋବାଲ ସାଉଥର ନେତୃତ୍ୱ ନେବାରେ ଭାରତ ସଫଳ ହୋଇପାରିଛି । ବିଶ୍ୱ ସ୍ତରୀୟ ଆର୍ଥିକ ଓ କୂଟନୈତିକ ସଂସ୍ଥାଗୁଡ଼ିକରେ ବ୍ୟାପକ ସୁଧାର ଆଣିବା ପାଇଁ ଭାରତ ବ୍ରିକ୍ସ ମାଧ୍ୟମରେ ନିଜର ଦାବିକୁ ଦୃଢ଼ ଭାବରେ ଉପସ୍ଥାପନ କରୁଛି ।

## କଳା ଗାଡ଼ି ବଢ଼ାଇଲା ସନ୍ଦେହ: ଓରାଙ୍ଗଉଟାନ ମାମଲାରେ ନୂଆ ମୋଡ଼

ଭୁବନେଶ୍ୱର, ୯/୯ (ନି.ପ୍ର): ଘଞ୍ଚ ଜଙ୍ଗଲ ବଦଳରେ ବନ୍ଦ ଘର, ମାଉ ମମତା ବଦଳରେ ସାଥୀ କଣ୍ଢେଇ। ତଥାପି, ନନ୍ଦନ କାନନର ସଂଘରୋଧ ଗୃହରେ ଖୁସିରେ ଖେଳୁଛନ୍ତି କୁନି ଓରାଙ୍ଗଉଟାନ୍। ଅବିକଳ ଦିଶୁଥିବା କଣ୍ଢେଇଙ୍କୁ ଜାବୁଡ଼ି ଧରିଛନ୍ତି। ନିଜେ କ୍ଷୀର ପିଉଛନ୍ତି ଫଳ ବି ଖାଉଛନ୍ତି। ସେମାନଙ୍କ ଏକାପଣ ସିନା ଦୂର ହୋଇଛି ହେଲେ ଏବେ ବି ପ୍ରଶ୍ନ, ଭୋଗରାଇ ଜଙ୍ଗଲରେ ସେମାନଙ୍କୁ ଏକା କରି ଛାଡ଼ିଲା କିଏ ? କିଏ, କାହିଁକି ଆଉ କେଉଁଠୁ ଏମାନଙ୍କୁ ଆଣିଥିଲା ? କାହାକୁ ଦେଇଥାନ୍ତା, କୁଆଡେ ଯାଇଥାନ୍ତେ ଏମାନେ ? ଏସବୁ ପ୍ରଶ୍ନର ଉତ୍ତର ଖୋଜିବାକୁ ପ୍ରଥମେ ଭୋଗରାଇର



ଘଟଣାସ୍ଥଳରେ ପହଁଚିଥିଲା ଏସଟିଏଫ ଟିମ୍। ସେଠାରେ ଅନୁଧ୍ୟାନ ପରେ ତଦନ୍ତକାରୀ ଟିମ୍ ଯାଇଥିଲା ପଶ୍ଚିମବଙ୍ଗର ଦୀଘା। ମେରାଇନ ଥାନାର ସିସିଟିଭି ଯାଞ୍ଚ ସହ ଆରମ୍ଭ ହୋଇଛି ଖୋଳତାଡ। ତଦନ୍ତକାରୀ ଟିମର ଫୋକସରେ ରହିଛି ସମୁଦ୍ର ପଥ। ଦୀଘା ଦେଇ କେଉଁ କେଉଁ ସ୍ଥାନକୁ ଜଳପଥ ରହିଛି, କେଉଁଠୁ ଏହି ଜଳପଥ ଦେଇ ଓରାଙ୍ଗଉଟାନମାନେ ଆସିଥାଇପାରନ୍ତି, ସେନେଇ ମେରାଇନ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ଦୀଘା ମୁହାଁଣ ଓ ମତ୍ସ୍ୟ ବନ୍ଦର ସହ ପ୍ରତିଦିନ ଯାଆସ ◆◆ପୃଷ୍ଠା ୭

## ଉତ୍ତମ କର୍କଟ ଚିକିତ୍ସା ସେବା ପହଂଚାଇବା ଆମର ପ୍ରମୁଖ ଲକ୍ଷ୍ୟ: ସ୍ୱାସ୍ଥ୍ୟ ମନ୍ତ୍ରୀ

ଭୁବନେଶ୍ୱର, ୯/୯ (ନି.ପ୍ର): ଓଡ଼ିଶାରେ କର୍କଟ ରୋଗ ଚିକିତ୍ସା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ନେଇ ଭୁବନେଶ୍ୱରରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଏବଂ କ୍ରିୟା ଫାଉଣ୍ଡେସନ୍ ତରଫରୁ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇଥିଲେ। ଏହି ଅବସରରେ କ୍ରିୟାର ବରିଷ୍ଠ ଅଧିକାରୀ, ଅଂଶୀଦାର ଏବଂ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। କର୍କଟ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି, ରୋଗର ପ୍ରାଥମିକ ଚିହ୍ନଟ, ଉନ୍ନତ ଚିକିତ୍ସା ସେବାର ସୁଯୋଗ ବୃଦ୍ଧି ସହ ରୋଗୀମାନଙ୍କୁ ସୁଲଭ ଓ ସହଜରେ ଗୁଣାତ୍ମକ ଚିକିତ୍ସା ଯୋଗାଇଦେବା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। 'କ୍ଲୋଜିଂ ଦି କ୍ୟାନ୍ସର କେୟାର ଗ୍ୟାପ୍' ଲକ୍ଷ୍ୟକୁ ସାକାର କରି, ଓଡ଼ିଶାର ପ୍ରତ୍ୟେକ ନାଗରିକଙ୍କ ନିକଟରେ ଉତ୍ତମ କର୍କଟ ଚିକିତ୍ସା ସେବା ପହଂଚାଇବା ଆମର ପ୍ରମୁଖ ଲକ୍ଷ୍ୟ।

## ଏସଆଇଆରକୁ ନେଇ ବଢୁଛି ବିବାଦ: ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷୋଭ

ଭୁବନେଶ୍ୱର, ୯/୯ (ନି.ପ୍ର): ଥମୁନି ଏସ୍‌ଆଇଆର୍ ତାତି । ରାଜ୍ୟର ବିଭିନ୍ନ ସ୍ଥାନରେ ତେଜୁଛି ବିରୋଧ, ଆନ୍ଦୋଳନର ମଙ୍ଗ ଧରୁଛି ବିରୋଧୀ ବିଜେଡି । ରାଜନୈତିକ ଉଦ୍ଦେଶ୍ୟ ରଖି ଆକ୍ରୋଶମୂଳକ ଭାବେ ନାଁ କଟାଯାଉଥିବା, ନିର୍ଦ୍ଦିଷ୍ଟ ବର୍ଗଙ୍କୁ ଟାର୍ଗେଟ୍ କରାଯାଉଥିବା ଆଦି ଅଭିଯୋଗରେ କେଉଁଠି ଅଫିସ ଘେରାଉ ହୋଇଛି, ତ କେଉଁଠି ବିରାଟ ପ୍ରତିବାଦ ଶୋଭାଯାତ୍ରା । ନିଆଳି, ଝାରସୁଗୁଡ଼ା, ପାଟଣାଗଡ଼ । ବିଭିନ୍ନ ସ୍ଥାନରେ ଏସ୍‌ଆଇଆର୍ ତ୍ରୁଟି ଅଭିଯୋଗରେ ତେଜୁଛି ଜନ



ଆନ୍ଦୋଳନ, ବଢୁଛି ରାଜନୀତି ପାରା । କଟକ ଜିଲ୍ଲା ନିଆଳିରେ ଭୋଟର୍ ତାଲିକାରୁ ୧୦୦ରୁ ଅଧିକ ସଂଖ୍ୟାଲଘୁ ବାଦ୍ ପଡ଼ିଥିବା ଅଭିଯୋଗ କରି, ତହସିଲ ଅଫିସ ଘେରାଉ ହୋଇଛି । ନୂଆଗାଁ ଓ ନିଆଳି ପଂଚାୟତର ଏଭଳି ତ୍ରୁଟି ପଛରେ ରାଜନୈତିକ ଉଦ୍ଦେଶ୍ୟ ଥିବା ଅଭିଯୋଗ କରି, ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ◆◆ପୃଷ୍ଠା ୭

## ୟୁଏଇ ଇନଭେଷ୍ଟର୍ସ ମିଟ: ପ୍ରଥମ ଦିନରେ ଆଇଏଚ୍‌ସି-ଆଦାନୀ ସହ ୨.୧ ଲକ୍ଷ କୋଟିର ଚୁକ୍ତି, ୮.୬ ଲକ୍ଷ ନିଯୁକ୍ତି ସୁଯୋଗ

ନୂଆଦିଲ୍ଲୀ/ଭୁବନେଶ୍ୱର, ୮/୯ (ନି.ପ୍ର): ୟୁଏଇ ଇନଭେଷ୍ଟର୍ସ ମିଟ୍ (ନିବେଶକ ସମ୍ମିଳନୀ)ର ପ୍ରଥମ ଦିନରେ ଓଡ଼ିଶାରେ ପ୍ରାୟ ୨.୧୦ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପାଇଁ ପ୍ରତିଶ୍ରୁତି ମିଳିଛି। ବିଶ୍ୱର ଅଗ୍ରଣୀ ହୋଲଡିଂ କମ୍ପାନୀ ଇଣ୍ଟରନ୍ୟାସନାଲ ହୋଲ୍ଡିଂ କମ୍ପାନୀ (ଆଇଏଚ୍‌ସି) ଓ ଆଦାନୀ ଗ୍ରୁପ୍ ସହ ରାଜ୍ୟ ସରକାର ଆଜି ୧୪ଟି ମେଗା ପ୍ରକଳ୍ପ ପାଇଁ ଐତିହାସିକ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତି ଯୋଗୁ ରାଜ୍ୟକୁ ପ୍ରାୟ ୨ ଲକ୍ଷ ୧୦ ହଜାର ୫୦୦ କୋଟି ଟଙ୍କାର ବିଦେଶୀ ପୁଞ୍ଜି ଆସିବା ସହ ୮ ଲକ୍ଷ ୬୮ ହଜାରରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ କର୍ମନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇଛି। ଏହି ଇନଭେଷ୍ଟର୍ସ ମିଟ୍ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଟିମ୍ ସହ ଗତକାଲିଠୁ ଆବୁଧାବିରେ ଡେରା ପକାଇଛନ୍ତି। ଆବୁଧାବିରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ରାଉଣ୍ଡଟେବୁଲ ବୈଠକରେ ଆଇଏଚସିର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ସୟଦ ବସର ସୋଏବ, ଆଦାନୀ ପୋର୍ଟସର ◆◆ପୃଷ୍ଠା ୭



## ଆସୁଛି ଲଘୁଚାପ: ଆଜିଠୁ ବଢ଼ିବ ବର୍ଷା



ଭୁବନେଶ୍ୱର, ୯/୯ (ନି.ପ୍ର): ଓଡ଼ିଶାରେ ପୁଣି ବର୍ଷା । ଆସୁଛି ଲଘୁଚାପ । ଆଜିଠୁ ବଢ଼ିବ ପରିମାଣ । ପ୍ରବଳ ଗରମ ଓ ଗୁଳୁଗୁଳି ପରେ ରାଜ୍ୟରେ ପାଣିପାଗ ବଦଳିବାକୁ ଯାଉଛି । ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାକୁ ଯାଉଛି। ଏହା ପରେ ଏକ ଲଘୁଚାପ କ୍ଷେତ୍ରରେ ପରିଣତ ହେବ । ଏହାର ପ୍ରଭାବରେ ଓଡ଼ିଶାରେ ବର୍ଷା। ପରିମାଣ ବଢ଼ିବ । ସମୁଦ୍ରରୁ ରାଜ୍ୟକୁ ପ୍ରଚୁର ଜଳୀୟବାଷ୍ପ ଆସୁଛି । ପାଣିପାଗ ମଡେଲ୍‌ର ଆକଳନ ଅନୁସାରେ, ଆଜି ନହେଲେ କାଲି ମଧ୍ୟରେ ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ ଏକ ଘୂର୍ଣ୍ଣିବଳୟ। ପରେ ଏହା ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ କ୍ଷେତ୍ର ଧୀରେ ◆◆ପୃଷ୍ଠା ୭

## ୟୁପିରେ ବିଜେପିର ୧୨୫ରୁ ୧୨୮ ବିଧାୟକଙ୍କ ଟିକଟ କଟିପାରେ: ଦଳୀୟ ସର୍ଭେ ରିପୋର୍ଟରେ ବଢ଼ିଲା ଚିନ୍ତା

ନୂଆଦିଲ୍ଲୀ,୯/୯ : ଉତ୍ତରପ୍ରଦେଶରେ ୨୦୨୭ ବିଧାନସଭା ନିର୍ବାଚନକୁ ନେଇ ବିଜେପି ଭିତରେ ଟିକଟ କଟା ନେଇ ଆଲୋଚନା ଜୋର ଧରିଛି। ଦଳର ଗୋପନୀୟ ଓ ବହୁସ୍ତରୀୟ ଆଭ୍ୟନ୍ତରୀଣ ସର୍ଭେରେ ପ୍ରାୟ ୧୨୫ରୁ ୧୨୮ ଜଣ ବର୍ତ୍ତମାନର ବିଧାୟକଙ୍କ ବିରୋଧରେ ନିଜ ନିଜ ନିର୍ବାଚନମଣ୍ଡଳୀରେ ତୀବ୍ର ଜନଅସନ୍ତୋଷ ଥିବା ଜଣାପଡ଼ିଛି। ତେଣୁ ଏହି ବିଧାୟକମାନଙ୍କ ମଧ୍ୟରୁ ଅନେକଙ୍କ ଟିକଟ କଟିବା ଏବଂ ସେମାନଙ୍କ ସ୍ଥାନରେ ନୂଆ ପ୍ରାର୍ଥୀ ଦିଆଯିବାର ସମ୍ଭାବନା ରହିଛି। ଏହି ସର୍ଭେ ୪୦୩ଟି ଯାକ ବିଧାନସଭା ଆସନରେ କରାଯାଇଥିବା ରିପୋର୍ଟରେ କୁହାଯାଇଛି। ବିଜେପିର ଏହି ପଦକ୍ଷେପ ପଛରେ ୨୦୨୪ ଲୋକସଭା ନିର୍ବାଚନର



ଫଳାଫଳ ଏକ ବଡ଼ କାରଣ ବୋଲି କୁହାଯାଉଛି। ଉତ୍ତରପ୍ରଦେଶରେ ଦଳକୁ ଲୋକସଭା ନିର୍ବାଚନରେ ଲାଗିଥିବା ଝଟକାରୁ ଶିକ୍ଷା ନେଇ ଏଥର ପ୍ରାର୍ଥୀ ଚୟନରେ ସ୍ଥାନୀୟ ଲୋକଙ୍କ ମତ, ବିଧାୟକଙ୍କ କାର୍ଯ୍ୟଦକ୍ଷତା ଓ ଲୋକପ୍ରିୟତାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ବର୍ତ୍ତମାନ ବିଜେପିର ୨୫୫ ଜଣ ବିଧାୟକ ଅଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ଅଧା ନେତାଙ୍କ ଟିକଟ କଟିପାରେ ବୋଲି ରିପୋର୍ଟରେ ଦାବି କରାଯାଇଛି। ବିଜେପି ଉତ୍ତରପ୍ରଦେଶକୁ ସାଂଗଠନିକ ଭାବେ ୬ଟି ଅଞ୍ଚଳରେ ବିଭକ୍ତ କରିଛି। ସର୍ଭେ ଆଧାରରେ ପଶ୍ଚିମ ଅଞ୍ଚଳର ୭୧ଟି ଆସନରୁ ୨୩ରୁ ୨୫ ଜଣ ବିଧାୟକଙ୍କ ଟିକଟ କଟିପାରେ। ବ୍ରଜ ଅଞ୍ଚଳର ୬୫ଟି ଆସନରୁ ୨୪ରୁ ୨୬, ଅବଧ ଅଞ୍ଚଳର ୮୨ଟି ଆସନରୁ ୨୬ରୁ ୨୮, କାନପୁର ଅଞ୍ଚଳର ୫୨ଟି ଆସନରୁ ୨୨ରୁ ୨୪, କାଶୀ ଅଞ୍ଚଳର ୭୨ଟି ଆସନରୁ ୧୯ରୁ ୨୧ ଏବଂ ଗୋରଖପୁର ଅଞ୍ଚଳର ୬୨ଟି ଆସନରୁ ୧୮ରୁ ୨୨ ଜଣଙ୍କ ଟିକଟ କଟିବାର ଆକଳନ କରାଯାଇଛି। ଏଥିରେ କେତେକ ମନ୍ତ୍ରୀ ଓ ବରିଷ୍ଠ ବିଧାୟକଙ୍କ ନାମ ମଧ୍ୟ ଥିବା ସୂଚନା ମିଳିଛି। ୨୦୨୭ ନିର୍ବାଚନରେ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱରେ କ୍ରମାଗତ ତୃତୀୟଥର ସରକାର ଗଠନ କରିବା ବିଜେପିର ଲକ୍ଷ୍ୟ। ଗତ ଦେଢ଼ ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଅଧିକାଂଶ ଜିଲ୍ଲା ଗସ୍ତ କରି ବିଭିନ୍ନ ବିକାଶ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ୨୦୨୨ରେ ବିଜେପି ୨୫୫ଟି ଆସନ ଜିତିଥିଲା ଏବଂ ନିଜ ସହଯୋଗୀ ଦଳଗୁଡ଼ିକ ସହ ଏନ୍‌ଡିଏ ◆◆ପୃଷ୍ଠା ୭

## କୁପଓ୍ୱାରାରେ ହିଜବୁଲ୍ ମୁଜାହିଦ୍ଦିନ୍ କାର୍ଯ୍ୟକର୍ତ୍ତା ଗିରଫ: ମୋଡ୍ୟୁଲ୍ ଠାବ

ନୂଆଦିଲ୍ଲୀ,୯/୯ : ଜାମ୍ମୁ କାଶ୍ମୀରର କୁପଓ୍ୱାରା ଜିଲ୍ଲାରେ ବୁଧବାର ଦିନ ସୁରକ୍ଷା ବାହିନୀ ଏକ ଆତଙ୍କବାଦୀ ମୋଡ୍ୟୁଲର ପର୍ଦ୍ଦାଫାସ କରି ହିଜବୁଲ ମୁଜାହିଦ୍ଦିନର ଜଣେ ଆତଙ୍କବାଦୀଙ୍କୁ ଗିରଫ କରିଛନ୍ତି। ପୋଲିସ ମୁଖପାତ୍ର କହିଛନ୍ତି ଯେ ହାଣ୍ଡଓ୍ୱାଡ଼ା-କୁପଓ୍ୱାଡ଼ା ଅଂଚଳରେ ନିଷିଦ୍ଧ ହିଜବୁଲ ମୁଜାହିଦ୍ଦିନ(ଏଚ୍‌ଏମ୍) ମଡ୍ୟୁଲ ଅଧିନରେ କାର୍ଯ୍ୟ କରୁଥିବା ଜଣେ 'ହାଇବ୍ରିଡ୍ ଆତଙ୍କବାଦୀ' ବିଷୟରେ ହାଣ୍ଡଓ୍ୱାଡ଼ା ପୋଲିସ ବିଶ୍ୱସନୀୟ ସୂଚନା ପାଇଛି। ଏକ 'ହାଇବ୍ରିଡ୍ ଆତଙ୍କବାଦୀ' ଜଣେ ଅଣ-ତାଲିକାଭୁକ୍ତ, ଉଗ୍ରବାଦୀ ବ୍ୟକ୍ତିଙ୍କୁ ବୁଝାଏ, ଯିଏ ତାଙ୍କ ପରିଚାଳକଙ୍କ ନିର୍ଦ୍ଦେଶରେ ଏକ ନିର୍ଦ୍ଦିଷ୍ଟ ଧ୍ୱଂସାତ୍ମକ କିମ୍ବା ହିଂସାତ୍ମକ କାର୍ଯ୍ୟ ସମ୍ପାଦନ କରନ୍ତି ଏବଂ ତା'ପରେ ସାଧାରଣ ଜୀବନକୁ ଫେରନ୍ତି। ଜଣେ ପୁଲିସ ମୁଖପାତ୍ର କହିଛନ୍ତି ଯେ ସୂଚନା ପାଇବା ପରେ ସୁରକ୍ଷା ବାହିନୀ ହାଣ୍ଡଓ୍ୱାଡ଼ା ସହରରେ ଚିହ୍ନଟ ହୋଇଥିବା ସ୍ଥାନରେ କର୍ଡନ୍ ଏବଂ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥିଲେ। ପୁଙ୍ଖାନୁପୁଙ୍ଖ ସୁରକ୍ଷା ଯାଂଚ ପରେ ହାଣ୍ଡଓ୍ୱାଡ଼ାର କ୍ରୁହାମୁରାର ବାସିନ୍ଦା ମଞ୍ଜୁର ଅହମ୍ମଦ ଭଟ୍ଟଙ୍କୁ ଗିରଫ କରାଯାଇଥିଲା। ତାଙ୍କ ଠାରୁ ଏକ ଚାଇନିଜ୍ ପିସ୍ତଲ, ଦୁଇଟି ମାଗାଜିନ୍ ଏବଂ ୧୬ ରାଉଣ୍ଡ ପିସ୍ତଲ ଗୁଳି ଜବତ କରାଯାଇଛି ବୋଲି ସେମାନେ କହିଛନ୍ତି। ମୁଖପାତ୍ରଙ୍କ କହିବା ଅନୁଯାୟୀ, ମଞ୍ଜୁର ଅହମ୍ମଦ ଭଟ୍ଟଙ୍କୁ ପ୍ରଥମ ଦୁଇଟି ମାମଲାରେ ଗିରଫ କରାଯାଇଛି। ତାଙ୍କ ବିରୋଧରେ ହାଣ୍ଡଓ୍ୱାଡ଼ା ପୋଲିସ ଷ୍ଟେସନରେ ଏକ ନୂଆ ମାମଲା ରୁଜୁ ହୋଇଛି ବୋଲି ପୋଲିସ କହିଛି। ତାଙ୍କ ମଡ୍ୟୁଲ୍ ଏବଂ ଏହାର ନେଟଓ୍ୱାର୍କ ଏବଂ ଅନ୍ୟାନ୍ୟ ସମ୍ବନ୍ଧୀୟ କାର୍ଯ୍ୟକଳାପର ସମ୍ପୂର୍ଣ୍ଣ ବିବରଣୀ ଜାଣିବା ପାଇଁ ଅନୁସନ୍ଧାନ ଚାଲିଛି।

# ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କୁ ମିଳିବ ପ୍ରତିଷ୍ଠିତ ସ୍କଚ୍ ଆୱାର୍ଡ: ନୂଆଦିଲ୍ଲୀରେ ହେବେ ସମ୍ମାନିତ

ମାଲକାନଗିରି,୯/୦୯ (ନି.ପ୍ର): ପ୍ରଶାସନିକ ଦକ୍ଷତା ଏବଂ ଜନକଲ୍ୟାଣକାରୀ ଅଭିନବ ପ୍ରୟାସ କ୍ଷେତ୍ରରେ ମାଲକାନଗିରି ଜିଲ୍ଲା ପ୍ରଶାସନ ଏକ ବଡ଼ ସଫଳତା ହାସଲ କରିଛି। ଜିଲ୍ଲାର ପ୍ରମୁଖ ଯୁବ ସଶକ୍ତିକରଣ କାର୍ଯ୍ୟକ୍ରମ ପ୍ରଗତି ପଥେ ଯୁବ ମାଲକାନଗିରି ପାଇଁ ଜିଲ୍ଲା ପ୍ରଶାସନକୁ ପ୍ରତିଷ୍ଠିତ ଜାତୀୟ ସ୍କଚ୍ ଆୱାର୍ଡ ପ୍ରଦାନ କରାଯିବ। ସ୍କଚ୍ ଗ୍ରୁପ୍ ପକ୍ଷରୁ କରାଯାଇଥିବା ସମସ୍ତ ଜଟିଳ ଓ ବହୁସ୍ତରୀୟ ମୂଲ୍ୟାୟନ ପ୍ରକ୍ରିୟାରେ ସଫଳ ହେବା ପରେ, ମାଲକାନଗିରି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କୁ ଏହି ପୁରସ୍କାର ସମ୍ପର୍କରେ ଆଧିକାରିକ ଭାବେ ଅବଗତ କରାଯାଇଛି। ଆସନ୍ତା ସେପ୍ଟେମ୍ବର ୨୬ ତାରିଖ ଅର୍ଥାତ୍ ଶନିବାର ଦିନ ନୂଆଦିଲ୍ଲୀର ଲୋଧି ରୋଡ୍ ସ୍ଥିତ ଇଣ୍ଡିଆ ହାବିଟାଟ୍ ସେଂଟର ଠାରେ ଆୟୋଜିତ ହେବାକୁ ଥିବା ୧୧୦ତମ ସ୍କଚ୍ ସମିଟ୍ ରେ ଜିଲ୍ଲା ପ୍ରଶାସନକୁ ଆନୁଷ୍ଠାନିକ ଭାବେ ଏହି ପୁରସ୍କାର ପ୍ରଦାନ କରାଯିବ। ଏହି ଗୌରବମୟ ସଫଳତା ସମ୍ପର୍କରେ ସୂଚନା ଦେଇ ଜିଲ୍ଲାପାଳ କହିଛନ୍ତି ଯେ, ଏହି ଜାତୀୟ ସ୍ୱୀକୃତି ମାଲକାନଗିରିର ସମଗ୍ର କ୍ଷେତ୍ରସ୍ତରୀୟ ଟିମ୍ ଅକ୍ଲାନ୍ତ ପରିଶ୍ରମ, ସ୍ଥାନୀୟ ଯୁବପିଢ଼ିଙ୍କ ସକ୍ରିୟ ସହଭାଗିତା ଏବଂ ଓଡ଼ିଶା ସରକାରଙ୍କ ନିରନ୍ତର ମାର୍ଗଦର୍ଶନର ପରିଣାମ ଅଟେ। ଏହି ପ୍ରୟାସ ଜିଲ୍ଲାର ଯୁବ ସମାଜକୁ ସଶକ୍ତ କରିବା ସହ ସେମାନଙ୍କୁ ପ୍ରଗତି ପଥରେ ଆଗେଇ ନେବାରେ ସହାୟକ ହୋଇଛି। ଏହି ପୁରସ୍କାର ଆଗାମୀ ଦିନରେ ଜିଲ୍ଲାବାସୀଙ୍କ ସେବା ଓ ବିକାଶମୂଳକ କାର୍ଯ୍ୟକୁ ଆହୁରି ଅଧିକ ତ୍ୱରାନ୍ୱିତ କରିବା ପାଇଁ ଆମକୁ ପ୍ରେରଣା ଯୋଗାଇବ। ଏହି ଅଭୂତପୂର୍ବ ସଫଳତା ପରେ ସମଗ୍ର ଜିଲ୍ଲାରେ ଏକ ଖୁସିର ଲହରୀ ଖେଳିଯାଇଛି। ଏକ ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାରା, ପ୍ରେରଣାଦାୟୀ ନେତୃତ୍ୱ ଏବଂ ଜିଲ୍ଲାପାଳଙ୍କ ନିରନ୍ତର ମାର୍ଗଦର୍ଶନ ସହ ସମଗ୍ର ମାଲକାନଗିରି ଟିମ୍ ର ଉତ୍ସର୍ଗୀକୃତ ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ଏହି ବଡ଼ ସଫଳତା ସମ୍ଭବ ହୋଇପାରିଛି ବୋଲି ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ ପ୍ରକାଶ କରିଛନ୍ତି। ଏହି ଅଭିନବ ପ୍ରୟାସ, ସଫଳ ଯୋଜନା ଓ ଦୃଢ଼ ନେତୃତ୍ୱ ପାଇଁ ସମସ୍ତେ ଜିଲ୍ଲାପାଳଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇବା ସହ ଟିମ୍ ମାଲକାନଗିରିର ଏହି ଦୂରଦୃଷ୍ଟି, ନେତୃତ୍ୱ, ସହଭାଗିତା ଏବଂ ଶ୍ରେଷ୍ଠତାକୁ ଉଚ୍ଚ ପ୍ରଶଂସା କରିଛନ୍ତି।

# ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ

ବଲାଙ୍ଗୀର,୯/୦୯ (ନି.ପ୍ର): ଶିକ୍ଷା ଓ ସାକ୍ଷରତାର ମହତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର କନଫରେନ୍ସ ହଲ୍ରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାକ୍ଷରତାକୁ ସମାଜର ସାମଗ୍ରିକ ବିକାଶର ମୁଖ୍ୟ ଆଧାର ଭାବେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ନୋଡାଲ ଅଧିକାରୀ ରୀନା କୁମାରୀ ବେହେରା ଯୋଗଦେଇ ସାକ୍ଷରତା ଦିବସର ଉଦ୍ଦେଶ୍ୟ ଓ ଏହାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ସାକ୍ଷରତା କେବଳ ପଢ଼ିବା ଓ ଲେଖିବାରେ ସୀମିତ ନୁହେଁ; ଏହା ଜ୍ଞାନ, ସୁଯୋଗ, ସମାନତା ଓ ଉନ୍ନତିର ଦ୍ୱାର ଖୋଲିଥାଏ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା ଓ ସେବାଶ୍ରୀ ଭୋଇ ମଧ ନିଜ ବକ୍ତବ୍ୟ ରଖି ସମାଜର ପ୍ରତ୍ୟେକ ବର୍ଗଙ୍କ ମଧରେ ଶିକ୍ଷା ଓ ସାକ୍ଷରତାର ପ୍ରସାର ପାଇଁ ସମସ୍ତଙ୍କ ମିଳିତ ପ୍ରୟାସ ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ପିଏମ୍ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଓ ପିଏମ୍ଶ୍ରୀ ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟର ଛାତ୍ରମାନେ ସଚେତନତା ରାଲିରେ ସାମିଲ ହୋଇ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସାକ୍ଷରତାର ଆବଶ୍ୟକତା, ଶିକ୍ଷାର ମହତ୍ୱ ଓ ସମାଜରେ ଜ୍ଞାନର ପ୍ରସାର ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ପରେ ଆୟୋଜିତ ସଭାରେ ଛାତ୍ରଛାତ୍ରୀମାନେ ସାକ୍ଷରତା ଓ ଶିକ୍ଷାର ପ୍ରସାର ପାଇଁ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡା ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ଓ ଶିକ୍ଷକ କୃଷ୍ଣ ଚନ୍ଦ୍ର ଶତପଥୀ ମଂଚାସୀନ ଥିଲେ। ଜିଲ୍ଲାର ୧୪ଟି ବ୍ଲକରୁ 'ଉଲ୍ଲାସ' କାର୍ଯ୍ୟକ୍ରମରେ ଯୋଡି ହୋଇ ଅକ୍ଷର ଜ୍ଞାନ ହାସଲ କରିଥିବା ନବସାକ୍ଷରମାନେ ଏଥିରେ ଯୋଗଦେଇଥିଲେ। ସେମାନେ ଅକ୍ଷର ଜ୍ଞାନ ଶିଖିବା ପୂର୍ବର ଜୀବନ ଓ ଶିକ୍ଷା ହାସଲ କରିବା ପରେ ଆସିଥିବା ପରିବର୍ତ୍ତନ ସମ୍ପର୍କରେ ନିଜ ଅଭିଜ୍ଞତା ବଖାଣିଥିଲେ। ଅକ୍ଷର ଚିହ୍ନିବା, ନିଜ ନାମ ଲେଖିବା ଓ ଦୈନନ୍ଦିନ ଜୀବନରେ ପଢ଼ାଲେଖାର ଉପଯୋଗ କରିପାରୁଥିବାର ଅନୁଭବ ସେମାନଙ୍କ ମୁହଁରେ ଆତ୍ମସନ୍ତୋଷ ଓ ଆତ୍ମବିଶ୍ୱାସ ଆଣିଥିବା ପ୍ରକାଶ ପାଇଥିଲା। ସେମାନଙ୍କ ଅଭିଜ୍ଞତା ଉପସ୍ଥିତ ଅନ୍ୟମାନଙ୍କୁ ମଧ ଅନୁପ୍ରାଣିତ କରିଥିଲା। ଶିକ୍ଷକ ହେମନ୍ତ ପଧାନ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଶିକ୍ଷକ ଜଗଦୀଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।ଏହି କାର୍ଯ୍ୟକ୍ରମ ରେ ବିଭିନ୍ନ ବ୍ଲକ ର ସିଆରସିସି ଓ ନବସାକ୍ଷରମାନେ ଯୋଗ ଦେଇଥିଲେ।

## ଭୂ-ବିଜ୍ଞାନ ଛାତ୍ରୀ ସ୍ୱାତୀ ସୂଚନାଙ୍କୁ ସ୍ୱର୍ଣ୍ଣ ପଦକ

କେନ୍ଦୁଝର,୯/୦୯ (ନି.ପ୍ର): ସମ୍ବଲପୁର ବିଶ୍ୱ ବିଦ୍ୟାଳୟରେ ୨୦୨୫-୨୬ ଶିକ୍ଷା ବର୍ଷରେ ଭୂ-ବିଜ୍ଞାନରେ ଶତକଡା ୯୦.୦୫ ନମ୍ବର ସିଜିପିଏ ରଖି ଉତୀର୍ଣ୍ଣ ହୋଇଥିବା ଘଟଗାଁ ବ୍ଲକ ଗଦାଧରପୁର ବାସିନ୍ଦା ସୁରେଶ ଚନ୍ଦ୍ର ବେହେରାଙ୍କ ଝିଅ ସ୍ୱାତୀ ସୂଚନା ବେହେରା କୃତିତ୍ୱ ହାସଲ କରିବା ସହିତ ଆଜି ଏହି ବିଶ୍ୱ ବିଦ୍ୟାଳୟର ସମାବର୍ତନ ଉତ୍ସବରେ ସ୍ୱର୍ଣ୍ଣ ପଦକ ସହ ଉପଢୌକନ ପ୍ରାପ୍ତ ହୋଇଛନ୍ତି। ମୁଖ୍ୟଅତିଥି ଭାବେ ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଛାତ୍ରୀ ସ୍ୱାତୀ ସୂଚନା ସମ୍ବର୍ଦ୍ଧିତ ହୋଇଛନ୍ତି । କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧରେ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶି ସୁରଜ, କୁଳାଧିପତି ତଥା ରାଜ୍ୟପାଳ ହରିବାବୁ କୁମ୍ଭମ୍ ପଟ୍ଟି ପ୍ରମୁଖ ଉପସ୍ଥିତ ଥିଲେ । ଘଟଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିବା ସ୍ୱାତୀ ସୂଚନା ପିଲାଟି ଦିନରୁ ଜଣେ ମେଧାବୀ ଛାତ୍ରୀର ପରିଚୟ ସୃଷ୍ଟି କରିଥିଲେ । ଝିଅର ଏହି କୃତିତ୍ୱରେ ପିତା ସୁରେଶ ଓ ମାତା ପୂର୍ଣ୍ଣିମା ନିଜର ଖୁସି ବ୍ୟକ୍ତ କରିଛନ୍ତି ।

# ସାହିତ୍ୟିକ, ଗବେଷକ ରତ୍ନାକର ମହାନ୍ତଙ୍କ ରଚିତ 'ଜୁଆଙ୍ଗ ଜୀବନ ଚରିତ' ପୁସ୍ତକ ଉନ୍ମୋଚିତ

କେନ୍ଦୁଝର,୯/୦୯ (ନି.ପ୍ର): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଗୋନାସିକା ଗ୍ରାମପଂଚାୟତସ୍ଥିତ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଶିକ୍ଷାନିକେତନ), ଗୋନାସିକା ପରିସରରେ କବି ସାହିତ୍ୟିକ ତଥା ଗବେଷକ ରତ୍ନାକର ମହାନ୍ତଙ୍କ ରଚିତ 'ଜୁଆଙ୍ଗ ଜୀବନ ଚରିତ' ପୁସ୍ତକର ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଆଂଚଳିକ ବିକାଶ ମଂଚ, ଜୁଙ୍ଗା ଗ୍ରାମପଂଚାୟତ, କେନ୍ଦୁଝର ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମାରୋହରେ ଅବସରପ୍ରାପ୍ତ ବାଣିଜ୍ୟକର ଅଧିକାରୀ ରୁଦ୍ରସେନ୍ ଜୀତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ସାହିତ୍ୟକ ତଥା ସଭାପତି ମିଳନୀ ସାହିତ୍ୟ ସଂସଦ ଦେବାଶିଷ ଚକ୍ରବର୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବଟକୃଷ୍ଣ ଦେହୁରୀ ଅବସର ପ୍ରାପ୍ତ ଅତିରିକ୍ତ ଶାସନ ସଚିବ ଷ୍ଟୀଲ ଓ ମାଇନସ ଓଡିଶା ସରକାର ସ୍ୱତନ୍ତ୍ର ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତା ଭାବେ ଗାଳ୍ପିକ ଡ. ଅନିଲ କୁମାର ଦାସ, ଅବସର ପ୍ରାପ୍ତ ପ୍ରାଧାପକ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ଯୋଗ ଦେଇଥିଲେ। ପୁସ୍ତକ ସମୀକ୍ଷକ ଭାବେ ଅବସର ପ୍ରାପ୍ତ ପ୍ରାଧାପକ ଓଡ଼ିଆ ଧରଣୀଧର ବିଶ୍ୱବିଦ୍ୟାଳୟ କେନ୍ଦୁଝର ସୁଧାକର ଦାଶ, ଶିଶିର ଭୂଷଣ ରାୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଇସୁଆଁ ହାଇସ୍କୁଲ, ଶ୍ରୀମତୀ ପ୍ରଦୀପ୍ତା କୁମାରୀ ବ୍ରହ୍ମ ଅଧକ୍ଷା ସରକାରୀ ବାଳିକା ଉଚ୍ଚ ମାଧ୍ୟମିକବିଦ୍ୟାଳୟ ଗୋନାସିକା, ଇନ୍ଦୁମତୀ ପାତ୍ର ଅବସର ପ୍ରାପ୍ତ ଘୋଷିକା ଆକାଶବାଣୀ, କେନ୍ଦୁଝର ତଥା ସମ୍ପାଦକ ଲେଖିକା ସଂସଦ, କେନ୍ଦୁଝର, ଡମ୍ବରୁଧର ମହାନ୍ତ ସମ୍ପାଦକ ସଞ୍ଜିବନୀ ସାହିତ୍ୟ ସଂସଦ ଓ ଖଣ୍ଡାଧାର ନିଉଜ୍ ର ପରିଚାଳନା ସମ୍ପାଦକ, ଜୁଆଙ୍ଗ ଜନଜାତି ବର୍ଗର ପ୍ରଥମ ଗ୍ରାଜୁଏଟ୍ ଶ୍ରୀକାନ୍ତ ଜୁଆଙ୍ଗ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ତୀର୍ଥକ୍ଷନନ୍ଦ ସେଠୀ ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ଦେଇଥିଲେ। ଗବେଷକ ରତ୍ନାକର ମହାନ୍ତ ପୁସ୍ତକ ଲେଖକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଜୁଆଙ୍ଗ ଜନଜାତିର ଭାଷା ଓ ସଂସ୍କୃତିର ସୁରକ୍ଷା ସହ ଏହାର ପ୍ରସାର ଉପରେ ଆଲୋଚନା କରାଯାଇଥିଲା। ଜୁଆଙ୍ଗ ସମାଜର ପାରମ୍ପରିକ ଜୀବନଧାରା, ସଂସ୍କୃତି, ଐତିହ୍ୟ ଓ ସାମାଜିକ ଚିତ୍ରକୁ ଲିପିବଦ୍ଧ କରିବାରେ ' ଜୁଆଙ୍ଗ ଜୀବନ ଚରିତ ' ପୁସ୍ତକ ଏକ ମହତ୍ୱପୂର୍ଣ୍ଣ ପ୍ରୟାସ ବୋଲି ମତ ପ୍ରକାଶ ପାଇଥିଲା। ଦିନକୁ ଦିନ ଲୁପ୍ତପ୍ରାୟ ହେଉଥିବା ଜୁଆଙ୍ଗ ଭାଷା, ଓ ସଂସ୍କୃତିକୁ ଆଗାମୀ ପିଢ଼ି ପାଖରେ ପହଂଚାଇବା ନେଇ ମଧ ଗୁରୁତ୍ୱ ଦିଆଯାଇଥିଲା। ବକ୍ତାମାନେ କହିଥିଲେ, ଭାଷା ଓ ଲିପି ହେଉଛି ଗୋଟିଏ ସମାଜର ପରିଚୟର ମୁଖ୍ୟ ଆଧାର। ଏହାର ସୁରକ୍ଷା ନହେଲେ ଜନଜାତି ସମାଜର ଅନେକ ପାରମ୍ପରିକ ଜ୍ଞାନ, ରୀତିନୀତି ଓ ସାଂସ୍କୃତିକ ମୂଲ୍ୟବୋଧ ଧୀରେ ଧୀରେ ହଜିଯିବାର ଆଶଙ୍କା ରହିଛି। ତେଣୁ ଜୁଆଙ୍ଗ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ସମସ୍ତଙ୍କ ମିଳିତ ପ୍ରୟାସ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ସଭା ପରିଚାଳନା ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ହୃଷିକେଶ ବାରିକ କରିଥିବାବେଳେ ପୂର୍ଣ୍ଣଚନ୍ଦ୍ର ବେହେରା ବିବରଣୀ ପାଠ କରିଥିଲେ । ଆଂଚଳିକ ବିକାଶ ମଂଚ, ଜୁଙ୍ଗା ଗ୍ରାମପଂଚାୟତର ସମ୍ପାଦକ ମନୋଜ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ପୁସ୍ତକ ଉନ୍ମୋଚନ ସମାରୋହରେ ଜୁଆଙ୍ଗ ସମାଜର ବରିଷ୍ଠ ନେତୃମଣ୍ଡଳୀ, ଛାତ୍ରଛାତ୍ରୀ, ସାମ୍ବାଦିକ ଓ ସଂସ୍କୃତି ଗବେଷକ, ସାହିତ୍ୟକ କବି ଉପସ୍ଥିତ ଥିଲେ। ଜୁଆଙ୍ଗ ସମାଜର ଭାଷା, ଐତିହ୍ୟ ଓ ସଂସ୍କୃତିକୁ ସଂରକ୍ଷଣ କରିବା ଦିଗରେ ଏହି ପୁସ୍ତକ ଉନ୍ମୋଚନ ଏକ ସାର୍ଥକ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଥିଲା।

କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଗଣେଶ୍ୱର ମହାନ୍ତ, ତ୍ରିଲୋଚନ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ ହୃଦାନନ୍ଦ ମହାନ୍ତ ହାଡିବନ୍ଧୁ ମହାନ୍ତ ପ୍ରେମାନନ୍ଦ ମହାନ୍ତ ପୂର୍ଣ୍ଣ ଜୁଆଙ୍ଗ ପ୍ରମୁଖ ପରିଚାଳନା କରିଥିଲେ ।

# ଭାବଗ୍ରାହୀ କଳା ନିକେତନର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,୯/୦୯ (ନି.ପ୍ର): ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ା ତଥା ଓଡ଼ିଶାର ଅନ୍ୟତମ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ବାରୁଅ ସ୍ଥିତ ଭାବଗ୍ରାହୀ କଳା ନିକେତନ ଆନୁକୂଲ୍ୟରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଜନ୍ମାଷ୍ଟମୀ ଉପଲକ୍ଷେ ବାରୁଅ ସ୍ଥିତ ଶ୍ରୀରାଧାକୃଷ୍ଣ ମନ୍ଦିରରେ ପରିବେଷିତ ମନୋଜ୍ଞ ଆଧ୍ୟାତ୍ମିକ ନୃତ୍ୟ ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡ଼ାଙ୍କ ବଳିଷ୍ଠ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରତ୍ନମଞ୍ଜରୀ ପରିଡ଼ା, ପ୍ରତୀକ୍ଷା ନାୟକ, ଅଙ୍କିତା ପରିଡ଼ା, ଅର୍ପିତା ସାହୁ, ଅଙ୍କିତା ସାହୁ, ଅଭିଲିପ୍ସା ସାହୁ ପ୍ରମୁଖ କଳାକାରମାନେ ଚିତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ପବିତ୍ର ଗୁରୁ ଦିବସ ଉପଲକ୍ଷେ ଭାବଗ୍ରାହୀ କଳା ନିକେତନର ଅକ୍ଷୟ ମହାନ୍ତି କକ୍ଷରେ ଅନୁଷ୍ଠିତ ଗୁରୁ ପୂଜନ ଓ ଗୁରୁ ବନ୍ଦନ କାର୍ଯ୍ୟକ୍ରମରେ ରଶ୍ମିତା ବେହେରା, ଶ୍ରାବଣୀ ନାଥ, ରୂପାଲି ସୂତାର, ଅଙ୍କିତା ପରିଡ଼ା, ରତ୍ନମଞ୍ଜରୀ ପରିଡ଼ା, ପାୟଲ ଦାସ, ହେନାଞ୍ଜଳି ଜେନା ଅଂଶଗ୍ରହଣ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡ଼ା ଏବଂ ସଙ୍ଗୀତ ଗୁରୁ ପ୍ରମୋଦ କୁମାର ଦାସ ଛାତ୍ର ଛାତ୍ରୀଙ୍କୁ ଗୁରୁ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ। ଧୂପ, ଦୀପ, ଫୁଲ, ଚନ୍ଦନ ଓ ନୈବେଦ୍ୟ ଅର୍ପଣ କରି ଗୁରୁମାନଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଆଦର୍ଶ ଶିକ୍ଷକ ନେତା ଅବନି କୁମାର ମହାନ୍ତିଙ୍କ ଅମ୍ଳାନ ସ୍ମୃତିରେ ଅବଧି ମହାନ୍ତି ସ୍ମୃତି ସଂସଦ ଆନୁକୂଲ୍ୟରେ ଜିଲ୍ଲା ସଂସ୍କୃତି ଭବନରେ ଭାବଗ୍ରାହୀ କଳା ନିକେତନର କଳାକାରମାନେ ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡ଼ାଙ୍କ ବଳିଷ୍ଠ ସଂଯୋଜନାରେ ଭକ୍ତି ସଙ୍ଗୀତ ଓ ଶ୍ରଦ୍ଧାଞ୍ଜଳି ସଙ୍ଗୀତ ପରିବେଷଣ କରିଥିଲେ।

## କୁଦାନଗରୀରେ ବାଲି ମାଫିଆଙ୍କ ଉପରେ ବଡ଼ ଧରଣର ହେବ ଆକ୍ସନ

କେନ୍ଦ୍ରାପଡ଼ା,୯/୦୯ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରୀ ଥାନା ଅଂଚଳରେ ବାଲି ମାଫିଆଙ୍କ ରାଜ ଉପରେ ଲାଗିଲା ବ୍ରେକ୍! ଗତ ରାତିର ଅନ୍ଧାରରେ ଚାଲିଥିଲା ବେଆଇନ ବାଲି ଚାଲାଣର ଖେଳ, ହେଲେ ମାଇନ୍ସ ବିଭାଗ ଓ କୁଦାନଗରୀ ପୋଲିସର ମିଳିତ ଚଢ଼ାଉରେ ଫସିଗଲେ ମାଫିଆ। କୁଦାନଗରୀ-କୋରୁଆ ରାସ୍ତାରୁ ଜବତ ହେଲା ୩ଟି ବାଲି ବୋଝେଇ ଟ୍ରାକ୍ଟର, ଗୋଟିଏ ହାଇୱା ଏବଂ ଗୋଟିଏ ଜେସିବି ମେସିନ। ସମସ୍ତ ଗାଡ଼ିକୁ ଏବେ କୁଦାନଗରୀ ଥାନା ପରିସରରେ ଅଟକ ରଖାଯାଇଛି। ସବୁଠୁ ବଡ଼ କଥା ହେଲା, ଜବତ ହୋଇଥିବା ଅଧିକାଂଶ ଗାଡ଼ିରେ ନମ୍ବର ପ୍ଲେଟ୍ ହିଁ ନାହିଁ! ବିନା ନମ୍ବରରେ ଦିନ ଦ୍ୱିପହରରେ କେମିତି ଚାଲିଥିଲା ଏ ବେଆଇନ କାରବାର? ଏବେ ପ୍ରଶ୍ନ ଉଠୁଛି-ଏ ଗାଡ଼ିଗୁଡ଼ିକ କାହାର? କେଉଁ ଘାଟରୁ ବାଲି ଉଠି କେଉଁ ଅଂଚଳକୁ ଚାଲାଣ ହେଉଥିଲା? ପଛରେ କିଏ ଅଛି ମାଷ୍ଟରମାଇଣ୍ଡ, ଏନେଇ କେନ୍ଦ୍ରାପଡ଼ା ମାଇନ୍ସ ବିଭାଗ ମୁହଁ ଖୋଲୁନଥିବାବେଳେ, ପୋଲିସ ମାଇନ୍ସ ଅଧିକାରୀଙ୍କ ରିପୋର୍ଟକୁ ଅପେକ୍ଷା କରିଛି। ତେବେ ଏହା କେବଳ ଲୋକ ଦେଖାଣିଆ ଚଢ଼ାଉ ନା ସତରେ ବାଲି ମାଫିଆଙ୍କ ଅନ୍ତ ହେବ, ତାହା ଉପରେ ରହିଛି ସମସ୍ତଙ୍କ ନଜର।

# ବଲାଙ୍ଗିର ଜିଲ୍ଲା ସ୍ତରୀୟ ପୁରାତନ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ଏକତ୍ରୀକରଣ କାର୍ଯ୍ୟକ୍ରମ

ବଲାଙ୍ଗିର,୯/୦୯ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିର କଦମପଡା, ବଲାଙ୍ଗିର ଠାରେ ବଲାଙ୍ଗିର ଜିଲ୍ଲା ସ୍ତରୀୟ ପୁରାତନ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ଏକତ୍ରୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାର ପ୍ରଥମ ଆଚାର୍ଯ୍ୟ ସହଦେବ ଖମାରୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲାର ପ୍ରଥମ ଆଚାର୍ଯ୍ୟା କଲ୍ୟାଣୀ ସରାଫ ଯୋଗଦେଇ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଯୋଜନାର ଇତିବୃତି ଓ ସ୍ମୃତି ଚାରଣ କରିଥିଲେ। ବଲାଙ୍ଗିର କଦମପଡା ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିରର ପ୍ରଥମ ପ୍ରଧାନ ଆଚାର୍ଯ୍ୟ ଚିନ୍ତାମଣି ମହନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଶ୍ୱହିନ୍ଦୁ ପରିଷଦର ପ୍ରାନ୍ତ ସମ୍ପାଦକ ଯୋଗୀନ୍ଦ୍ର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏକତ୍ରୀକରଣର ମହତ୍ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବ ଆଚାର୍ଯ୍ୟ ଆଶୁକବି ଡ. ହେମନ୍ତ କୁମାର ଦାଶ କାବ୍ୟିକ ଢଙ୍ଗରେ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଏଥିରେ ଜିଲ୍ଲାର ଶତାଧିକ ପୁରାତନ ପ୍ରଧାନ ଆଚାର୍ଯ୍ୟ, ପ୍ରଧାନ ଆଚାର୍ଯ୍ୟା ତଥା ଆଚାର୍ଯ୍ୟ, ଆଚାର୍ଯ୍ୟା ଯୋଗଦେଇ ଭାବ ବିହ୍ୱଳ ହୋଇ ନିଜ ନିଜ ଅନୁଭୂତି ବଖାଣିଥିଲେ। ସଭା ପ୍ରାରମ୍ଭରେ ଦୟାନିଧି କରନଙ୍କ ଶୋକ ପ୍ରସ୍ତାବ କ୍ରମେ ଦିବଂଗତ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ଅମର ଆତ୍ମାର ସଦଗତି କାମନା କରି ଦୁଇ ମିନିଟ ଶୋକସଭା କରିଥିଲେ। ପୂର୍ବ ପ୍ରଧାନ ଆଚାର୍ଯ୍ୟ ଜବର ସିଂ ବନଛୋର, ଜଗନ୍ନାଥ ମିଶ୍ର, ଦିଲୀପ ପାଢୀ, ମନମୋହନ ପଟ୍ଟନାୟକ, ବିଶ୍ୱଜିତ ଗୁରୁ , ଆଚାର୍ଯ୍ୟ ଭବାନୀ ଶଙ୍କର ପାଣିଗ୍ରାହୀ, ସୁଶାନ୍ତ ମହାନ୍ତି ପ୍ରମୁଖ ସମ୍ବର୍ଦ୍ଧିତ ପ୍ରତିଭୂ ମଂଚାସୀନ ଅତିଥି ତଥା ସର୍ବାଧିକ ସମୟ ସେବାଦାନ ଦେଇ ଅବସର ଗ୍ରହଣ କରିଥିବା କୈଳାସ ବହିଦାର ଓ ଜିଲ୍ଲାରୁ ପ୍ରଥମେ ଅବସର ନେଇଥିବା ଦିଲୀପ କୁଅଁରଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଅଞ୍ଜନ କୁମାର ସାଏ, ଧୀରେନ୍ଦ୍ର ମାହାଣକ୍ଷ ଓ ରବୀନ୍ଦ୍ର ସାହୁଙ୍କ ଦାୟିତ୍ୱ ସମ୍ପାଦନ ପ୍ରଶଂସନୀୟ ଥିଲା କ୍ଷ କୌଣସି ଆଚାର୍ଯ୍ୟ, ଆଚର୍ଯ୍ୟାଙ୍କ ଗମ୍ଭୀର ସ୍ୱାସ୍ଥ୍ୟଗତ ଅବସ୍ଥା ସ୍ଥଳେ ପରିଷଦ ତରଫରୁ ସମ୍ପୃକ୍ତ ଭାଇ ଭଉଣୀଙ୍କୁ ସହାୟତା ରାଶି ପ୍ରଦାନ କରିବା ପାଇଁ ଉପସ୍ଥିତ ସମସ୍ତଙ୍କ ତରଫରୁ ଗୁରୁତ୍ୱପୂର୍ଣ ପ୍ରସ୍ତାବ ଆସିଥିଲା । ଶେଷରେ ସତ୍ୟ ନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ଅଧିନିୟମ କର୍ମଶାଳା

ପୁରୀ,୯/୦୯ (ନି.ପ୍ର): ମହିଳା ମାନଙ୍କୁ ସୁରକ୍ଷା ଓ ସମ୍ମାନ ଏକ ସାମାଜିକ ଦାୟିତ୍ୱ। ତେଣୁ ପ୍ରତ୍ୟେକ ସ୍ତରରେ ସଚେତନତା ସୃଷ୍ଟି କରାଯାଇ ମହିଳା ମାନଙ୍କ ପ୍ରତି ହିଂସାକୁ ରୋକିବା ସହ ମହିଳା ମାନଙ୍କୁ ସଶକ୍ତ କରିବାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ଆହ୍ୱାନ ଦେଇଛନ୍ତି। ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ଅଧିନିୟମ ସମ୍ପର୍କରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ଆଜିର ସମାଜରେ ମହିଳା ମାନଙ୍କ ପ୍ରତି ହିଂସା ବୃଦ୍ଧି ପାଇବା ଉଦବେଗର ବିଷୟ। କୁସଂସ୍କାର, ଶିକ୍ଷାର ଅଭାବ, ଅହଂଭାବ, ପାରିବାରିକ ସଂସ୍କାରର ଅଭାବ, ଗରିବୀ, ସହନଶୀଳତାର ଅଭାବ ଓ ପାରସ୍ପରିକ ସମନ୍ୱୟର ଅଭାବ ଘରୋଇ ହିଂସାକୁ ବୃଦ୍ଧି କରୁଛି। ଏଥିପାଇଁ ପ୍ରତ୍ୟେକ ପରିବାରକୁ ଉପଯୁକ୍ତ ସଚେତନ କରାଇବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ଶ୍ରୀ ଭୋଇ କହିଥିଲେ। ଉପ ଜିଲ୍ଲାପାଳ ରାଜକିଶୋର ଜେନା, ଅତିରିକ୍ତ ଏସପି ସୌମ୍ୟ ରଞ୍ଜନ ମଲ୍ଲିକ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, କ୍ରାଇମ କଂଟ୍ରୋଲ ବୋର୍ଡ ର ଇନିନ୍ସପେକ୍ଟର ସୁମତୀ ମହାପାତ୍ର ପ୍ରମୁଖ ଯୋଗଦେଇ ଘରୋଇ ହିଂସାର କାରଣ, ନିରାକରଣ, ଆମ ସମସ୍ତଙ୍କ ସାମାଜିକ ଓ ପାରିବାରିକ ଦାୟିତ୍ୱ, ନିରାକରଣ ପାଇଁ ବିବିଧ ସମାଧାନର ପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ବିଷୟ ବିଶାରଦ ଭାବେ ଅଧିବକ୍ତା ମୋହନ ସୁନ୍ଦର ଜେନା, ଡଃ. ପ୍ରଧାନ ଧୀରେନ ରାୟ ପ୍ରମୁଖ ଯୋଗଦେଇ ଘରୋଇ ହିଂସାର ସଂଜ୍ଞା, ଆଇନରେ ଥିବା ନ୍ୟାୟ ବ୍ୟବସ୍ଥା, ଅଭିଯୋଗକାରୀ, ଅଭିଯୁକ୍ତ ସମ୍ପର୍କରେ ଆଇନ ବ୍ୟବସ୍ଥା, ଦଣ୍ଡ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ବ୍ଲକ ର ସିଡିପିଓ, ସୁପରଭାଇଜର, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ଜିଲ୍ଲା ସଂଯୋଜକ ବିଦ୍ୟାଧର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଟଳ ବସ୍ଷ୍ଟାଣ୍ଡ ନିର୍ମାଣ ଶୀଘ୍ର ସାରିବାକୁ ଦାବି

ଝାରସୁଗୁଡ଼ା,୯/୦୯ (ନି.ପ୍ର): ବ୍ରଜରାଜନଗରରେ ନିର୍ମାଣାଧୀନ ଅଟଳ ବସ୍ଷ୍ଟାଣ୍ଡ ପ୍ରକଳ୍ପର କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ବ୍ରଜରାଜନଗରବାସୀ ଓ ଯାତ୍ରୀମାନଙ୍କ ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ସୋମବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଖଲିଆକାନି ଗ୍ରାମବାସୀଙ୍କ ପକ୍ଷରୁ ପ୍ରକଳ୍ପକୁ ନେଇ ଉଠାଯାଇଥିବା ଆପତିର ସମାଧାନ କରି ନିର୍ମାଣ କାର୍ଯ୍ୟରେ ଆଉ ବିଳମ୍ବ ନକରିବାକୁ ଦାବି କରାଯାଇଛି।

ଦାବିପତ୍ରରେ ଦର୍ଶାଯାଇଛି ଯେ, ପ୍ରସ୍ତାବିତ ବସ୍ଷ୍ଟାଣ୍ଡର ସ୍ଥାନ ଜନସାଧାରଣଙ୍କ ପାଇଁ ଅତ୍ୟନ୍ତ ସୁବିଧାଜନକ। ଏହା ନିକଟରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଥିବାରୁ ଗ୍ରାମାଚଂଳର ରୋଗୀ, ଜରୁରୀକାଳୀନ ରୋଗୀ ଓ ବୃଦ୍ଧବୃଦ୍ଧାମାନେ ସହଜରେ ଚିକିତ୍ସା ସେବା ପାଇପାରିବେ।

ସେହିପରି ବ୍ରଜରାଜନଗର କଲେଜ ନିକଟରେ ବସ୍ଷ୍ଟାଣ୍ଡ ହେଲେ ଛାତ୍ରଛାତ୍ରୀ, ବିଶେଷକରି ଛାତ୍ରୀମାନଙ୍କ ଯାତାୟାତ ଅଧିକ ସୁରକ୍ଷିତ ଓ ସୁବିଧାଜନକ ହେବ। ନିକଟରେ ଆହାର କେନ୍ଦ୍ର ଥିବାରୁ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀ ଓ ଶ୍ରମିକମାନେ ସ୍ୱଳ୍ପ ମୂଲ୍ୟରେ ଭୋଜନ ପାଇପାରିବେ। ଏହାଛଡ଼ା ଇକୋ ପାର୍କ ନିକଟରେ ଏକ ନିୟମିତ ବସ୍ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେଲେ ଅନିୟମିତ ପାର୍କିଂ ହ୍ରାସ ପାଇବା ସହ ସହରର ଟ୍ରାଫିକ୍ ବ୍ୟବସ୍ଥା ମଧ ସୁଧୁରିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ନିର୍ମାଣାଧୀନ ଏହି ବୃହତ୍ ପ୍ରକଳ୍ପକୁ ଅଧାରୁ ବନ୍ଦ କରିବା କିମ୍ବା ଅନ୍ୟତ୍ର ସ୍ଥାନାନ୍ତର କଲେ ସରକାରଙ୍କ ଆର୍ଥିକ କ୍ଷତି ହେବା ସହ ଜନସାଧାରଣଙ୍କୁ ମିଳିବାକୁ ଥିବା ସୁବିଧା ଆହୁରି ବିଳମ୍ବିତ ହେବ ବୋଲି ଦାବିକାରୀମାନେ କହିଛନ୍ତି। ଖଲିଆକାନି ଗ୍ରାମବାସୀଙ୍କ ସମସ୍ୟାର ସମାଧାନ ପାଇଁ ସୀମା ପ୍ରାଚୀର ନିର୍ମାଣ, ଟ୍ରାଫିକ୍ ପରିଚାଳନାକୁ କଡ଼ାକଡ଼ି କରିବା ଏବଂ ସବୁଜ ବଳୟ ସୃଷ୍ଟି ଭଳି ପଦକ୍ଷେପ ନିଆଯାଇପାରିବ ବୋଲି ସେମାନେ ପ୍ରସ୍ତାବ ଦେଇଛନ୍ତି । ବ୍ରଜରାଜନଗରର ଆର୍ଥିକ ଓ ସାମାଜିକ ବିକାଶ ପାଇଁ ଅଟଳ ବସ୍ଷ୍ଟାଣ୍ଡ ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହାର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରି ଆବଶ୍ୟକ ଅନୁମତି ଶୀଘ୍ର ପ୍ରଦାନ କରିବାକୁ ସନ୍ତୋଷ କୁମାର ଦାଶ, ସତ୍ୟବ୍ରତ ପ୍ରଧାନ, ଅଶୋକ କୁମାର ପ୍ରଧାନଙ୍କ ସମେତ ବ୍ରଜରାଜନଗରବାସୀ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି।

# କୋଟି କୋଟି ଟଙ୍କା ହେରଫେର ଅଭିଯୋଗ ପରେ ରେକର୍ଡ଼ ମାଗିଲେ ଉପଜିଲ୍ଲାପାଳ

କେନ୍ଦୁଝର,୯/୦୯ (ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଆଂଚଳିକ ମହାବିଦ୍ୟାଳୟ, ସ୍ୱାମପାଟଣାରେ ୬ କୋଟି ୬୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେରଫେର ଅଭିଯୋଗ ହୋଇଛି। ସ୍ଥାନୀୟ ଅଂଚଳର ୩୬ରୁ ଉର୍ଦ୍ଧ୍ୱ ବୁଦ୍ଧିଜୀବି, ପୂର୍ବତନ ପରିଚାଳନା କମିଟିର ସଦସ୍ୟ, ପୂର୍ବତନ କର୍ମଚାରୀ ଉପ ଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉମାଶଙ୍କର ଦଳାଇଙ୍କୁ ଏ ନେଇ ଅଭିଯୋଗ କରି ଘଟଣାର ଯାଂଚ କରିବାକୁ ଦାବୀପତ୍ର ଦେଇଥିଲେ। ଅଭିଯୋଗ ପରେ ଉପ ଜିଲ୍ଲାପାଳ ରେକର୍ଡ ଦେବାକୁ ମହାବିଦ୍ୟାଳୟର ଅଧକ୍ଷ ଙ୍କୁ ଚିଠି କରିଛନ୍ତି । ଉପଜିଲ୍ଲାପାଳ ତଥା କଲେଜ ପରିଚାଳନା କମିଟି ସଭାପତି ଉମାଶଙ୍କର ଦଳେଇ କହିଛନ୍ତି, ପୂର୍ବତନ କଲେଜ ଅଧକ୍ଷ ସରକାରୀ ଅର୍ଥ ହେରଫେର କରିଥିବା ଅଭିଯୋଗ ହୋଇଛି। ତାଙ୍କ ପେନସନକୁ ବନ୍ଦ କରାଯାଇଛି। ଅଭିଯୋଗ ଅନୁଯାୟୀ, ମହାବିଦ୍ୟାଳୟରେ ଯୁକ୍ତ ୨ କଳା, ବିଜ୍ଞାନ, ଧନ୍ଦାମୂଳକ ପାଠ୍ୟକ୍ରମ ସହ ଯୁକ୍ତ ୩ କଳା, ବିଜ୍ଞାନରେ ୨ହଜାରରୁ ଅଧିକ ଛାତ୍ରଛାତ୍ରୀ ଅଧୟନ କରୁଛନ୍ତି। ବାର୍ଷିକ ରିଆଡମିସନରେ ୮ଲକ୍ଷ ଓ ଆଡମିଶନରେ ୧୩ ଲକ୍ଷ ଟଙ୍କା ଆୟ ହୋଇଥିଲା।

ଏହାବ୍ୟତୀତ ଭିତିଭୂମିର ବିକାଶ ପାଇଁ ଉଚ୍ଚଶିକ୍ଷା ବିଭାଗ ସହ ବିଭିନ୍ନ ବିଭାଗରୁ ସରକାରୀ ଗ୍ରାଂଟ ଆସିଥାଏ । ଜ୍ୟୋତ୍ସ୍ନା ମଞ୍ଜରୀ ତ୍ରିପାଠୀଙ୍କ ଅଧକ୍ଷା ଥିବା ସମୟରେ ବଳକା ଥିବା ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ସହ ୨୦୧୧ରୁ ୨୦୨୬ ପାଂଚ ବର୍ଷର ଆୟ ପାଖାପାଖି ୫କୋଟି ୬୦ ଲକ୍ଷ ଟଙ୍କା ସହ ହିସାବ ବହିର୍ଭୁତ ଖର୍ଚ୍ଚ ହୋଇଥିବା ସହ ବିଭିନ୍ନ ସରକାରୀ ଗ୍ରାଂଟରେ ବ୍ୟାପକ ହରିଲୁଟ ହୋଇଛି। ମିଛ ବିଲ୍ ଓ ଭାଉଚର କରାଯାଇ ସରକାରୀ ଅର୍ଥ ହରିଲୁଟ ହୋଇଛି। ମହାବିଦ୍ୟାଳୟର ଜଣେ କର୍ମଚାରୀଙ୍କ ବ୍ୟକ୍ତିଗତ ବ୍ୟାଙ୍କ ଖାତାରେ କଲେଜର ସରକାରୀ ଅର୍ଥ ରଖାଯାଇଛି। ସେହିପରି ଛାତ୍ରୀନିବାସ ଅନ୍ତେବାସୀଙ୍କ ଠାରୁ ହଷ୍ଟେଲ ଫି ଆଦାୟ କରାଯାଉଥିବାବେଳେ ବିଦ୍ୟୁତ ବିଲ୍ କଲେଜ ଫଣ୍ଡରୁ ପୈଠ କରାଯାଉଛି। ନିୟମିତ ମହାବିଦ୍ୟାଳୟକୁ ଆସୁ ନଥିବା କର୍ମଚାରୀଙ୍କୁ ମାସିକ ଦରମା ପ୍ରଦାନ କରାଯାଉଛି। ପୂର୍ବତନ ଅଧକ୍ଷ ବୀରେନ୍ଦ୍ର ସାହୁଙ୍କ ୫ ବର୍ଷର କାର୍ଯ୍ୟକଳାପର ସମସ୍ତ ଅର୍ଥ ନେଣଦେଣକୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି ହୋଇଛି। ଏଥିସହ ମହାବିଦ୍ୟାଳୟ ଆର୍ଥିକ ଦୁଃସ୍ଥିତି ଦେଇ ଗତି କରୁଛି। ୨୦୨୪ ରୁ ପରିଚାଳନା କମିଟି ଗଠନ ହୋଇ ନଥିବାରୁ ଅଭିଭାବକଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

## ଏସଆଇଆର ରୋଲ ପର୍ଯ୍ୟବେକ୍ଷକଙ୍କ ପୁରୀ ଜିଲ୍ଲା ଗସ୍ତ

ପୁରୀ,୯/୦୯ (ନି.ପ୍ର): ପୁରୀ ଜିଲ୍ଲା ଏସ ଆଇ ଆର କାର୍ଯ୍ୟ ପାଇଁ ନିଯୁକ୍ତ ରୋଲ ପର୍ଯ୍ୟବେକ୍ଷକ ତଥା ଏମ ଏସ ଏମ ଇ ବିଭାଗର କମିଶନର-କମ୍-ସଚିବ ଶ୍ରୀମତୀ ରଶ୍ମିତା ପଣ୍ଡା ଆଜି ଦ୍ୱିତୀୟ ଥର ପାଇଁ ପୁରୀ ଜିଲ୍ଲା ଗସ୍ତ କରିଥିଲେ। ସେ ୧୧୦-ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀ ପରିଦର୍ଶନ କରି ଏସ ଆଇ ଆର କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ସହ ସର୍ବାଧିକ ଯୋଗ ଓ ବିୟୋଗ ରିପୋର୍ଟ କରିଥିବା ବୁଥଗୁଡ଼ିକର ସୁପର-ଚେକିଂ କରିଥିଲେ। ପୁରୀ ଜିଲ୍ଲାରେ ଏସ ଆଇ ଆର କାର୍ଯ୍ୟର ସାମଗ୍ରିକ ଅଗ୍ରଗତି ନେଇ ସେ ସନ୍ତୋଷ ପ୍ରକାଶ କରିଥିଲେ।

ଏହି ଗସ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝୀ, ବିଡ଼ିଓ ସରୋଜ କୁମାର ରାଉତ ପ୍ରମୁଖଙ୍କ ସହ ବିଏଲଓ, ବିଏଲଓ ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ।

## ଧାରାବାହିକ:

ଭାଗ-୫୬

# ସଂକ୍ଷିପ୍ତ ଭାଗବତ କଥାମୃତ

### ଏକାଦଶ ସ୍କନ୍ଧ




ଡ. ଶ୍ରୀହରି ପଣ୍ଡା




ବ୍ରହ୍ମଚାରୀର କର୍ତ୍ତବ୍ୟ ଉପନୟନ ପରେ ଗୁରୁ ଗୃହରେ ବେଦାଧ୍ୟୟନ କରିବ, ତ୍ରିସନ୍ଧ୍ୟାରେ ସ୍ନାନ ହୋମ କରି ତ୍ରିଦଣ୍ଡ-କମଣ୍ଡଳୁ, କୃଷ୍ଣାଜୀନ, ମେଖଳା, ଅରୁଣ ବସ୍ତ୍ର, ଅକ୍ଷମାଳା ଧାରଣ ପୂର୍ବକ ନିୟମ ମୁତାବକ ମନ୍ତ୍ର ପଠନ, ପୂଜାହୋମ, ମାର୍ଜନ ଭୋଜନ ଆଦି କରିବେ ଓ ସେହି ସମୟରେ ମୌନ ରହିବେ । କର ଚରଣ, ନଖ, ବକ୍ଷ, ଲିଙ୍ଗଗାତ୍ରସ୍ଥ ଲୋମ ଛେଦନ କରିବେ ନାହିଁ କି ତୈଳ ବ୍ୟବହାର କରିବେ ନାହିଁ । ବ୍ରହ୍ମଚାରୀ ନିଜ ଇଛାରେ ଶୁକ୍ର ତ୍ୟାଗ କରିବେ ନାହିଁ । ସ୍ୱାପ୍ନାଦି ତାହା କ୍ଷୟ ହେଲେ ପ୍ରାଣାୟାମ ସହ ଗାୟତ୍ରୀ ମନ୍ତ ଜପ କରିବେ । ଏହାଛଡା ପ୍ରତ୍ୟହ ତ୍ରିସନ୍ଧ୍ୟାରେ ସ୍ନାନ କରି ଗାୟତ୍ରୀ ଜପ କରିବେ ଏବଂ ଅଗ୍ନି, ସୂର୍ଯ୍ୟ, ଆଚାର୍ଯ୍ୟ, ଗୋ, ବ୍ରାହ୍ମଣ, ଗୁରୁ, ବୃଦ୍ଧଜନ ଓ ଦରବତାର ସେବା ପୂଜା କରିବେ । ବ୍ରହ୍ମଚାରୀ ଗୁରୁଙ୍କୁ ସାକ୍ଷାତ ଈଶ୍ୱର ମାନ୍ୟ କରି ପ୍ରତ୍ୟହ ଭିକ୍ଷା ସଂଗ୍ରହ କରି ଗୁରୁ ପାଦପଦ୍ମରେ ଅର୍ପଣ କରିବେ । ଯାହା ଗୁରୁ ଦେବେ ସେତିକି ଭୋଜନ କରିବେ ଏବଂ ଭୃତ୍ୟ ସମାନ ଗୁରୁଙ୍କ ନିକଟରେ ଖଟୁଥିବେ । ତାଙ୍କ ଆଜ୍ଞାରେ ଆତଯାତ ହେବା ସହ ବ୍ୟବଧାନ ରଖି ଉପବେଶନ କରିବେ ଯେମିତି ପାଦାଗ୍ର ଦେଖାଯିବ ନାହିଁ ଧ୍ୟାନ ଦେବେ । ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ ପୂର୍ବକ ଗୁରୁ ଗୃହରେ ରହି ଗୁରୁ ରୂପରେ ମୋତେ ପୂଜା କରିବେ । ଶିକ୍ଷା ଶେଷରେ ଦକ୍ଷିଣା ଦେବେ ଦରକାର ହେଲେ ନିଜ ଶରୀର ଦେବାକୁ ପଶ୍ଚାଦପଦ ହେବେନାହିଁ । ବୈଷ୍ଣବ ବ୍ରହ୍ମଚାରୀ କଦାପି କାମନା ପ୍ରଣୋଦିତ ହୋଇ ନାରୀ ଦର୍ଶନ, ସ୍ପର୍ଶ, ଆଳାପ, ପରିହାସ ଆଦିରେ ଲିପ୍ତ ହେବେ ନାହିଁ । ଗୃହୀ, ସଂସାରୀ, ସ୍ତ୍ରୈଣ, ଦୁଷ୍ଟ ଜନ ସଙ୍ଗ ପରିହାର କରିବେ, ଅଭକ୍ଷ ବା ଉତ୍ତେଜକ ଖାଦ୍ୟ ଖାଇବେ ନାହିଁ । ସର୍ବଦା ସ୍ନାନ, ଶୌଚ, ଆଚମନ, ସନ୍ଧ୍ୟା, ବନ୍ଦନ, ମୋର ପୂଜା, ତୀର୍ଥସେବା, ଜପ, ହୋମ ଏବଂ ମୋର ନାମ ଶ୍ରବଣ କୀର୍ତ୍ତନରେ ନିଜକୁ ନିୟୋଜିତ କରିବେ । ଏହିପ୍ରକାର କଠୋର ସାଧନା ଫଳରେ ବ୍ରହ୍ମଚାରୀ ଅଗ୍ନି ସଦୃଶ ତେଜୀୟାନ ହୁଏ ଏବଂ ତାର ସମସ୍ତ ଦୂରିତ ଧ୍ୱଂସ ହୁଏ । ନୈଷ୍ଠିକ ବ୍ରହ୍ମଚାରୀ ଉପକୁର୍ବାଣରେ ପରିଣତ ହେଲେ ଗୃହ ବା ବନରେ ପ୍ରବେଶ କରିପାରନ୍ତି । ଗୁରୁ ଓ ଗୁରୁପତ୍ନୀଙ୍କର ଅନୁମତି ନେଇ ଗୁରୁ ଦକ୍ଷିଣା ପ୍ରଦାନ କରି ବେଦୋତ୍ସର୍ଗ ସ୍ନାନ ପୂର୍ବକ ବ୍ରହ୍ମଚାରୀ ବେଶ ତ୍ୟାଗ କରି ଚିତ୍ତଶୁଦ୍ଧି ବା ସନ୍ୟାସ ନିମିତ୍ତ ବାନପ୍ରସ୍ଥ ଆଶ୍ରୟ କରିବେ । ଯିଏ ଭୋଗ କାମନା କରିଥିବେ ସେ ଗୃହକୁ ପ୍ରବେଶ କରିବେ ନଚେତ ବନଗମନ କରିବେ । ମାତ୍ର ପ୍ରଥମେ ସନ୍ୟାସ ଅବଲମ୍ବନ କରି ଗୃହକୁ ପ୍ରବେଶ କରିବେ ନାହିଁ । ଗୃହସ୍ଥାଶ୍ରମକାମୀ ପ୍ରଥମେ ଗୋଟାଏ ସ୍ୱଜାତି, ନିଜ କୁଳର ଅନୁରୂପ, ଅନିନ୍ଦିତା, ସୁଲକ୍ଷଣା, ନିଜଠାରୁ କମ ବୟସ୍କା କନ୍ୟାର ପାଣିଗ୍ରହଣ କରିବେ । ଅନ୍ୟ ବର୍ଣ୍ଣର କନ୍ୟା ଗ୍ରହଣ କରିବାକୁ ଚାହିଁଲେ ନିଜଠାରୁ ନିମ୍ନ ବର୍ଣ୍ଣର କନ୍ୟା ଗ୍ରହଣ କରିପାରିବେ । କଟୁଭାଷିଣୀ, କଳହକାରିଣୀ, ଦୁର୍ବିନୀତା, ଅନ୍ଧ, ଖଞ୍ଜ ବା ବିକଳାଙ୍ଗ କନ୍ୟା ଗ୍ରହଣ କରିବେ ନାହିଁ । ବ୍ରାହ୍ମଣର ଷଟକର୍ମ ଯଥା- ଅଧ୍ୟୟନ, ଅଧ୍ୟାପନ, ଯଜନ, ଯାଜନ, ଦାନ ଓ ପ୍ରତିଗ୍ରହ ମଧ୍ୟରୁ ତପସ୍ୟା, ତେଜଃ ଓ ଯଶର ହାନିକାରକ ବୋଲି ସେ ଯାହାକୁ ବିଚାର କରିବେ ତାହାକୁ ତ୍ୟାଗ କରିପାରନ୍ତି । ଏପରିକି ସେ କେବଳ ପରିତ୍ୟକ୍ତ ଶସ୍ୟ କ୍ଷେତ୍ରରୁ ଶସ୍ୟ ସଂଗ୍ରହ କରି ଜୀବନ ଯାପନ କରିପାରନ୍ତି । କାରଣ ବ୍ରାହ୍ମଣର ଜୀବନ ତୁଛ ସୁଖଭୋଗ ପାଇଁ ଉଦ୍ଦିଷ୍ଟ ନୁହେଁ । ଇହକାଳରେ ଦୈହିକ କଷ୍ଟପାଇ ତତ୍ତ୍ୱ ବିଚାର ଏବଂ ମରଣୋତ୍ତର ମୋକ୍ଷ ଲାଭ ନିମିତ୍ତ ବ୍ରାହ୍ମଣର ସୃଷ୍ଟି । ବିଷୟ ତ୍ୟାଗ ଜନିତ ଗୌରବର ଅଧିକାରୀ ବ୍ରାହ୍ମଣ ସର୍ବପୂଜ୍ୟ ଓ ତାହାର ମନପ୍ରାଣ ମୋହରିଠାରେ ସମର୍ପିତ । ଯେଉଁ ବ୍ୟକ୍ତି ଏହିପରି ସଂସରା ଭୋଗ ବିମୁଖ ବ୍ରାହ୍ମଣର ପାଳକ ପୋଷକ ହୁଏ ବା କ୍ଳେଶ ଦୂର ନିମିତ୍ତ ତାହାର ସହାୟତା କରେ ମୁଁ ସେହି ବ୍ୟକ୍ତିର ଆଗେ ଆଗେ ସର୍ବଦା ରହି ତାର ସମସ୍ତ ବାଧା ବିପଦ ଖଣ୍ଡନ କରେ । ବ୍ରାହ୍ମଣ ମୁଖରେ ମୁଁ ସ୍ୱୟଂ ଆହାର ଗ୍ରହଣ କରେ । କିଛି କରିନପାରିଲେ କେବଳ ବ୍ରାହ୍ମଣକୁ ଭକ୍ତିରେ ନମସ୍କାର କରୁଥିବା ବ୍ୟକ୍ତି ମୋର ପ୍ରିୟ । ନିଜର ବର୍ଣ୍ଣବିହିତ ବୃତ୍ତି ଦ୍ୱାରା ଜୀବିକା ଅର୍ଜନରେ ଅକ୍ଷମ ବ୍ରାହ୍ମଣ, ବୈଶ୍ୟର ବାଣିଜ୍ୟ ବୃତ୍ତ, କ୍ଷତ୍ରିୟର ଯୋଦ୍ଧୃବୃତ୍ତି ଅବଲମ୍ବନ ଦ୍ୱାରା ଜୀବିକା ନିର୍ବାହ କରିପାରିବେ, ମାତ୍ର ହୃଦୟରେ ହିଂସା ପୋଷଣ କରି କାହାକୁ ବିନାଶ କରିପାରିବେ ନାହିଁ । କୌଣସି ପରିସ୍ଥିତିରେ ମଧ୍ୟ କାହାରି ସେବକ ହେବେନାହିଁ । ସେହିପରି କ୍ଷତ୍ରିୟ ଓ ବୈଶ୍ୟ ଶୁଦ୍ରବୃତ୍ତି ନିଜର ଧର୍ମ ରକ୍ଷାକରି ଆଶ୍ରୟ କରିପାରିବେ । ଉଦ୍ଧବ ଏହାପରେ ଗୃହସ୍ଥର ଅନଷ୍ଠେୟ ପଞ୍ଚଯଜ୍ଞ ଯଥା-୧-ବ୍ରହ୍ମ ଯଜ୍ଞ ବା ଋଷି ଯଜ୍ଞ( ସ୍ୱାଧ୍ୟାୟ ବା ନିୟମିତ ବେଦାଦି ଶାସ୍ତ୍ର ପଠନ), ୨- ପିତୃ ଯଜ୍ଞ( ଶ୍ରାଦ୍ଧ ତର୍ପଣ), ୩- ଦେବ ଯଜ୍ଞ( ହୋମ), ୪-ଭୂତ ଯଜ୍ଞ( ଭୋଜନ ପୂର୍ବରୁ ପଶୁପକ୍ଷୀଙ୍କୁ ଖାଦ୍ୟ ତର୍ପଣ), ୫-ନୃ ଯଜ୍ଞ( ଅତିଥି ମାନଙ୍କୁ ଅଭ୍ୟାଗତ, ଅଭାବୀଙ୍କୁ ଦାନ) ଦୈନନ୍ଦିନ କର୍ତ୍ତବ୍ୟ । ମାତ୍ର ପରିବାରକୁ କଷ୍ଟରେ ପକାଇ ଏ ସବୁ କରିବେ ନାହିଁ ବିଶେଷତଃ ଭୃତ୍ୟ ବା ଯାହାର ଭରଣ ପୋଷଣ ଦାୟିତ୍ୱ ଗୃହୀ ଉପରେ ତାଙ୍କୁ ଅବହେଳା କରିବେ ନାହିଁ । ସଂସାର ଅନିତ୍ୟ ବୋଲି ଜାଣି ସର୍ବଦା ଉଦାସୀନ ରହି ମୁଁ କର୍ତ୍ତା ବା ଏହା ମୋର ମନୋଭାବ ପରିହାର କରିବେ । ପରିବାର ବା ଗୃହବାସ ସମୁଦ୍ର ତରଙ୍ଗ ପରି କ୍ଷଣସ୍ଥାୟୀ । ଏହା ପାନ୍ଥଶାଳା ବା ବୃକ୍ଷଛାୟାରେ ପଥଶ୍ରାନ୍ତ ପଥିକର ଅଳ୍ପ ସମୟ ପାଇଁ ଏକତ୍ର ସମାବେଶ ବିଚାରି ନିର୍ଲିପ୍ତ ମୋର ଚରଣରେ ମନ ନିବେଶ କରି ନିଜର କର୍ତ୍ତବ୍ୟ କରିବେ । କେବେ ବି ଇହ କି ପରକାଳର ଭୋଗ ଚିନ୍ତା କରିବେ ନାହିଁ ଫଳରେ ଜନ୍ମ-ମରଣ ଚକ୍ରରୁ ଉଦ୍ଧାର ପାଇଯିବେ । ବୟସର ତୃତୀୟାବସ୍ଥାରେ ପୁତ୍ରକୁ ପତ୍ନୀ ପାଶରେ ଦେଇ ବାନପ୍ରସ୍ଥ ବା ସନ୍ୟାସ ଜୀବନ ଅବଲମ୍ବନ କରିବେ । ପୁତ୍ର ନଥିଲେ ପତ୍ନୀକୁ ସାଥିରେ ନେଇ ବାନପ୍ରସ୍ଥ କରିବେ ଓ ଏକକାଳୀନ ମୃତ୍ୟୁ କାମନା କରିବେ । ମୃତ୍ୟୁ ପର୍ଯ୍ୟନ୍ତ ବିଧିମତେ ସମସ୍ତ ଧର୍ମାଚରଣ କରି ସଂଯତ ଜୀବନ ଯାପନ କରିବେ । ନିଜ ଅନ୍ତେ କୁଟୁମ୍ବର ଅବସ୍ଥା ଚିନ୍ତା କରି ବିଷାଦଗ୍ରସ୍ତ ହେବେନାହିଁ । ଏହାକଲେ ମାୟାର ବନ୍ଧନରେ ପଡି ବିଭିନ୍ନ ଯୋନିରେ ଆତଯାତ ହେଉଥିବେ । ଏହି ବିଶ୍ୱ ବ୍ରହ୍ମାଣ୍ଡରେ କେବଳ ମୁଁ ସ୍ୱୟଂ ଭଗବାନ ହିଁ ସର୍ବମୟ କର୍ତ୍ତା ରୂପରେ ପ୍ରାଣୀକୁ କର୍ମାନୁସାର ଫଳ ପ୍ରଦାନ କରୁଛି ଏହି ଦୃଢ ବିଶ୍ୱାସ ହୃଦୟରେ ପୋଷଣ କଲେ ସକଳ ଚିନ୍ତା, ଭୟ ଓ ଆଶଙ୍କା ସ୍ୱତଃ ଅପସାରିତ ହୋଇଯିବ ।

### ୧୮ଶ ଅଧ୍ୟାୟ, ବାନପ୍ରସ୍ଥ ଓ ସନ୍ୟାସୀମାନଙ୍କର ଧର୍ମ

ଶ୍ରୀ ଭଗବାନ କହିଲେ ଉଦ୍ଧବ, ମୁଁ ଏବେ ବାନପ୍ରସ୍ଥ ଆଶ୍ରମର ଲକ୍ଷଣ କହୁଛି । ବାନପ୍ରସ୍ଥୀ ଫଳ, କନ୍ଦମୂଳ ଆଦି ବନଜାତ ଦ୍ରବ୍ୟ ଆହାର କରି ଜୀବନ ଧାରଣ କରିବ । ବଲକଲ ବସନ ପରିଧାନ କରିବା ସହ ତୃଣ ଶଯ୍ୟାରେ ଶୟନ କରିବ ଏବଂ ତ୍ରିସନ୍ଧ୍ୟାରେ ଜଳରେ ବୁଡି ସ୍ନାନ କରିବ । ଅନ୍ୟଥା ଗାତ୍ର ମାର୍ଜନ କରିବ ନାହିଁ, ଚିତ୍ତକୁ ସ୍ଥିର ଓ ସଂଯତ ରଖିବ । ଗ୍ରୀଷ୍ମରେ ପଞ୍ଚାଗ୍ନି ସ୍ଥାପନ କରି, ବର୍ଷାରେ ମୁକ୍ତ ସ୍ଥାନରେ, ଶୀତରେ ଆକଣ୍ଠ ଜଳ ମଧ୍ୟରେ ତପସ୍ୟା କରିବେ । କେଶ, ନଖ ଛେଦନ କରିବେ ନାହିଁ କି ଅନ୍ୟ ପ୍ରଦତ୍ତ ଦ୍ରବ୍ୟ ଗ୍ରହଣ କରିବେ ନାହିଁ । ସଞ୍ଚୟ କରିବେ ନାହିଁ ଏକ କାଳରେ ଗୃହୀତ ବସ୍ତୁ ଅନ୍ୟ ସମୟରେ ବ୍ୟବହାର କରିବେ ନାହିଁ । ପ୍ରଥମେ ଗୁରୁଙ୍କୁ ଅର୍ପଣ କରିବେ । ଦେବତାମାନେ ତାଙ୍କ ତପସ୍ୟାରେ ବ୍ୟାଘାତ କରିପାରନ୍ତି ମାତ୍ର ଦୃଢମନା ହୋଇ ତାକୁ ଅତିକ୍ରମ କରିବ । ତପସ୍ୟା କରିବାକୁ ଅକ୍ଷମ ହେଲେ ଅଗ୍ନିରେ ନିଜକୁ ସମର୍ପିତ କରିବ । ସକାମ କର୍ମ ତ୍ୟାଗ ସହ ମୌନ ରହି ପ୍ରାଣାୟମ ଦ୍ୱାରା ମନକୁ ନିର୍ମଳ କରିବ । ନଚେତ ସନ୍ୟାସୀ ହେବା ନିରର୍ଥକ । ନିନ୍ଦିତ ଓ ଦୁରାଚାରୀ ବ୍ୟକ୍ତିଙ୍କ ଗୃହକୁ ବାଦ ଦେଇ ସାତଘରୁ ଭିକ୍ଷା ସଂଗ୍ରହ କରି ପିତୃପୁରୁଷ, ଅତିଥି, ଦେବତାଙ୍କୁ ଅର୍ପଣ କରି ନିଜେ ଭୋଜନ କରିବ । ସଙ୍ଗ ବର୍ଜନ ସହ ଉଦାର ଓ ଉତ୍ତମ ଚରିତ୍ରବାନ ହେବା ସହ ସର୍ବତ୍ର ବିଷ୍ଣୁମୟ ଦର୍ଶନ କରିବ । ତତ୍ତ୍ୱ ବିଚାର ସହ ଆତ୍ମାର ବନ୍ଧନ ଓ ମୁକ୍ତିର କାରଣ ଅନୁସନ୍ଧାନ କରିବେ ଓ ଇନ୍ଦ୍ରିୟକୁ ଜୟ କରି ନିର୍ବିକାର ରହିବେ । ନିଜର ଦେହକୁ ପାସୋରି ପର ଦୁଃଖରେ ଦୁଃଖୀ ଏବଂ ସର୍ବ ଜୀବରେ ଦୟା ଓ ଶ୍ରଦ୍ଧା ପ୍ରକାଶ କରି ପରୋପକାରରେ ଅହଂକାର କି ତର୍କରେ ପ୍ରବୃତ୍ତ ନ ହୋଇ ବ୍ରତୀ ହେବେ । ନିଜେ ଜ୍ଞାନୀ ହୋଇଥିଲେ ବି ବାଳକ ଭଳି ଆଚରଣ କରିବେ । ଅପନିନ୍ଦାକୁ ନିର୍ବିକାର ଭାବେ ସହ୍ୟ କରି କାହାରି ଅନିଷ୍ଟ ଚିନ୍ତା ମଧ୍ୟ କରିବେ ନାହିଁ । ସକଳ ଶରୀରରେ ଭଗବାନଙ୍କ ନିବାସ ଜାଣି ନିଜ ପର ଭେଦ କରିବେ ନାହିଁ । ଭୋଜନ ରେ ଖୁସି କିମ୍ବା ନପାଇଲେ ଦୁଃଖ କରିବେ ନାହିଁ । ଦେହ ରକ୍ଷା ପାଇଁ ଅଳ୍ପ ପ୍ରୟାସ ଶରୀର ରକ୍ଷା କରିବେ । ସ୍ମୃତି ମତରେ ସ୍ନାନ,ଶୌଚ, ଭିକ୍ଷା ନିତ୍ୟ ଏକାନ୍ତ ଆରାଧନା ବ୍ୟତୀତ ସନ୍ୟାସୀର ଅନ୍ୟକର୍ମ ନାହିଁ । ନିଜ ଚେଷ୍ଟାରେ ଇନ୍ଦ୍ରିୟ ଜୟ କରିବାକୁ ଅସମର୍ଥ ହେଲେ ଗୁରୁଙ୍କ ପରାମର୍ଶ ନେବେ । ଶମ ଓ ଅହିଂସା ସନ୍ୟାସୀର ଧର୍ମ, ତପସ୍ୟା ଓ ତତ୍ତ୍ୱଚିନ୍ତନ ବାନପ୍ରସ୍ଥୀର ଧର୍ମ, ସକଳ ପ୍ରାଣୀର ରକ୍ଷା ଓ ପଞ୍ଚ ମାହାଯଜ୍ଞ ଗୃହସ୍ଥର ଧର୍ମ, ଗୁରୁସେବା ବ୍ରହ୍ମଚାରୀର ଧର୍ମ, ପୁତ୍ରାର୍ଥୀ ଗୃହସ୍ଥର ଧର୍ମ ଏଥିନିମନ୍ତେ ଗୃହସ୍ଥ ପତ୍ନୀର ଋତୁକାଳାନ୍ତେ ପରିମିତ ଭାବେ ମାସରେ ଏକଦିନ ସହବାସ କରିବେ । ସଂଯମ, ତପସ୍ୟା, ଶୌଚ, ସନ୍ତୋଷ, ସର୍ବଭୂତ ପ୍ରୀତି ଏବଂ ମୋଠାରେ ଭକ୍ତି ଓ ମୋର ଭଜନ କୀର୍ତ୍ତନ ଗୃହସ୍ଥର ଐକାନ୍ତିକ କର୍ତ୍ତବ୍ୟ । ଉଦ୍ଧବ କେବଳ ମୋଠାରେ ଭକ୍ତି ହିଁ ସର୍ବ ବର୍ଣ୍ଣାଶ୍ରମର ମୂଳ ନଚେତ ମୁକ୍ତି ସମ୍ଭବ ନୁହେଁ ।

### ୧୯ଶ ଅଧ୍ୟାୟ, ଜ୍ଞାନ, ଭକ୍ତି ଓ ଯମ ନିୟମାଦି ସାଧନା ମାନଙ୍କର ବର୍ଣ୍ଣନା

ଶ୍ରୀ ଭଗବାନ କହିଲେ ଉତ୍ପତ୍ତି, ସ୍ଥିତି ଓ ଲୟର କାରଣ ମୋତେ ହିଁ ତତ୍ତ୍ୱ ଜ୍ଞାନ ବଳରେ ଲାଭକଲେ ଜ୍ଞାନୀର ଚିତ୍ତ ସ୍ଥିର ଓ ନିର୍ମଳ ହୋଇଯାଏ । ସେ ଜଗତକୁ ମୋର ମାୟାର ଭିଆଣ ବୋଲି ଉପଲବ୍ଧି କରେ । ଏହା ହିଁ ଆତ୍ମାନୁଭୂତି । ଏହି ଅନୁଭୂତି ପରେ ଆଉ ଜ୍ଞାନର ଆବଶ୍ୟକତା ରହେ ନାହିଁ ସେ କେବଳ ମୋର ଜଣେ ଭକ୍ତ ଭାବରେ ନିଜକୁ ଉତ୍ସର୍ଗ କରିଦିଏ । ମୁଁ ତାଙ୍କର ଇଷ୍ଟ ଓ ପରମ ପ୍ରିୟଧନ, ମୋତେ ଜ୍ଞାନବନ୍ଧରେ ବାନ୍ଧିଲାପରେ ଜ୍ଞାନୀର ସର୍ବ କାମନା ଲୋପହୁଏ । ତୀର୍ଥଗମନ, ଜପ, ଦାନ, ଯଜ୍ଞାନୁଷ୍ଠାନ, ନାନାଦି ବ୍ରତପାଳନ, ଏହି ସମସ୍ତ ପୁଣ୍ୟକର୍ମ ଜ୍ଞାନକଳାର ସମକକ୍ଷ ନୁହେଁ । ତେଣୁ ହେ ଉଦ୍ଧବ ତୁମେ ସର୍ବଧର୍ମ ଛାଡି କେବଳ ତତ୍ତ୍ୱ ଜ୍ଞାନରେ ମୋତେ ଭଜନ କର । ମୋର ଚରଣରେ ଭକ୍ତି ଦ୍ୱାରା ଜ୍ଞାନର ସ୍ଫୁରଣ ହୁଏ ତର୍କରେ ନୁହେଁ ,ତେଣୁ ମୋତେ ପାଇବାର ସାଧନ ମୁଁ ନିଜେ । ମୋତେ ପ୍ରାପ୍ତ ହେବା ହିଁ ଜ୍ଞାନର ଚରମ ପରିଣତି, ଏକମାତ୍ର ମୁଁ ଜ୍ଞାନୀର ସ୍ୱର୍ଗ ଓ ମୋକ୍ଷ । ମୋର ପରମ ପ୍ରିୟ ମୁନିଋଷିଗଣ ଏହି ଜ୍ଞାନ ଦ୍ୱାରା ମୋତେ ପ୍ରାପ୍ତ ହୋଇ ମୋକ୍ଷ ପ୍ରାପ୍ତ ହୋଇଛନ୍ତି । ଉଦ୍ଧବ ସଂସରାରେ ଦେହ, ଇନ୍ଦ୍ରିୟ ଓ ମନ ତିନି ବିକାର ମାତ୍ର ।

( କ୍ରମଶଃ )


+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮


ସମ୍ପର୍କର ରଙ୍ଗ

# ପରିସ୍ଥିତି ଆମକୁ ଭାଙ୍ଗି ପାରିବ ନାହିଁ




ଶ୍ୱେତା ରାଉତ୍


ମଣିଷ ଜୀବନ ନେଇ ଈଶ୍ୱର ବି ଦୁଃଖ, କଷ୍ଟ ସହିଛନ୍ତି,ସବୁ ପରିସ୍ଥିତିର ସାମ୍ନା କରି ଜୀବନକୁ ଆଗକୁ ଆଗେଇ ନେବା ହିଁ ବୁଦ୍ଧିମାନର ପରିଚୟ। କୌଣସି ପରିସ୍ଥିତିରେ ଆପଣ ଭାଙ୍ଗି ପଡନ୍ତୁ ନାହିଁ, ଧର୍ଯ୍ୟ ଓ ବିଶ୍ୱାସକୁ ଦୃଢ଼ ରଖି ଆଗକୁ ଭାବନ୍ତୁ, ଦେଖିବେ ସମୟ ନିଶ୍ଚୟ କ୍ଷତର ମଲମ ହୋଇ ଉପଚାର କରିନେବ। ଜୀବନ କେବେ ସମାନ ଭାବରେ ଚାଲେ ନାହିଁ। କେବେ ସୁଖର ହସ ମୁହଁରେ ଖେଳିଯାଏ, ତ କେବେ ଦୁଃଖର ଛାୟା ଆମକୁ ଘେରିଯାଏ, କେବେ ସବୁକିଛି ନିଜ ଇଚ୍ଛା ଅନୁସାରେ ଘଟେ, ଆଉ କେବେ ଜୀବନ ଏମିତି ଏକ ମୋଡ଼ରେ ନେଇ ଠିଆ କରେ, ଯେଉଁଠାରେ ଆଗକୁ ଯିବାର ରାସ୍ତାଟିଏ ମଧ୍ୟ ଅସ୍ପଷ୍ଟ ଲାଗେ। କିନ୍ତୁ ଜୀବନର ସେହି କଠିନ ସମୟ ହିଁ ଆମର ପ୍ରକୃତ ପରୀକ୍ଷା ନିଏ। ପରିସ୍ଥିତି ଆମକୁ ଭାଙ୍ଗିବା ପାଇଁ ଆସେ ନାହିଁ, ବରଂ ଆମ ଭିତରେ ଲୁଚିଥିବା ଶକ୍ତିକୁ ଚିହ୍ନିବାର ସୁଯୋଗ ଦେଇଥାଏ।

ମଣିଷ ନିଜ ଜୀବନରେ ଅନେକ ପ୍ରକାରର ପରିସ୍ଥିତିର ସାମ୍ନା କରେ। କେବେ ସମ୍ପର୍କରେ ଆଘାତ ମିଳେ, କେବେ ପ୍ରିୟଜନଙ୍କଠାରୁ ଦୂରେଇବାକୁ ପଡ଼େ, କେବେ ପରିଶ୍ରମର ପରେ ମଧ୍ୟ ଆଶାନୁରୂପ ଫଳ ମିଳେ ନାହିଁ। ଆଉ କେବେ ଜୀବନ ଆମକୁ ଏମିତି କିଛି ଦୁଃଖ ଦିଏ, ଯାହାକୁ ଗ୍ରହଣ କରିବା ମଧ୍ୟ କଷ୍ଟକର ହୋଇଯାଏ।

ସେତେବେଳେ ମନରେ ଗୋଟିଏ ପ୍ରଶ୍ନ ଉଠେ'କାହିଁକି ମୋ ସହିତ ଏମିତି ହେଲା ?' କିନ୍ତୁ ପ୍ରତ୍ୟେକ 'କାହିଁକି'ର ଉତ୍ତର ତୁରନ୍ତ ମିଳେ ନାହିଁ। କିଛି ଉତ୍ତର ସମୟ ଦିଏ। କିଛି ଉତ୍ତର ଅନୁଭବ ଦିଏ। ଆଉ କିଛି ଉତ୍ତର ଈଶ୍ୱରଙ୍କ ଉପରେ ଆସ୍ଥା ରଖି ଆଗକୁ ବଢ଼ିଲେ ଧୀରେ ଧୀରେ ନିଜେ ବୁଝାପଡ଼େ।

ଆମେ ଯେତେବେଳେ ଈଶ୍ୱରଙ୍କ କଥା ଚିନ୍ତା କରୁ, ସେତେବେଳେ ମନେ ରଖିବା ଦରକାର, ଈଶ୍ୱରଙ୍କ ଅବତାରମାନଙ୍କ ଜୀବନରେ ମଧ୍ୟ ସଂଘର୍ଷ ଓ କଷ୍ଟର ଅଧ୍ୟାୟ ରହିଛି। ଶ୍ରୀରାମଙ୍କୁ ରାଜସିଂହାସନ ଛାଡ଼ି ବନବାସ ଗ୍ରହଣ କରିବାକୁ ପଡ଼ିଥିଲା। ଶ୍ରୀକୃଷ୍ଣଙ୍କ ଜୀବନ ମଧ୍ୟ ସଂଘର୍ଷରୁ ମୁକ୍ତ ନଥିଲା। ଅନ୍ୟାୟ, ବିପଦ ଓ ଜଟିଳ ପରିସ୍ଥିତି ମଧ୍ୟରେ ମଧ୍ୟ ସେମାନେ ନିଜ କର୍ତ୍ତବ୍ୟ ଓ ଧର୍ମ ପଥରୁ ବିଚ୍ୟୁତ ହୋଇନଥିଲେ। ଏଥିରୁ ଆମେ ଗୋଟିଏ ବଡ଼ ଶିକ୍ଷା ପାଉ, କଷ୍ଟ ଜୀବନର ଶେଷ ନୁହେଁ,କଷ୍ଟ ମଧ୍ୟରେ ନିଜକୁ ଧରି ରଖିବା ହିଁ ଜୀବନର ପ୍ରକୃତ ପରୀକ୍ଷା। ପରିସ୍ଥିତି ଯେତେ କଠିନ ହେଉନା କାହିଁକି, ମଣିଷ ନିଜର ଧୈର୍ଯ୍ୟ ହରାଇଦେଲେ ସମସ୍ୟାଠାରୁ ମଧ୍ୟ ନିଜକୁ ଅଧିକ ଦୁର୍ବଳ କରିଦିଏ।

ଆମ ଜୀବନର ଅନେକ କ୍ଷତ ସମୟ ସହିତ ଧୀରେ ଧୀରେ ଭଲ ହୋଇଯାଏ। ଯେଉଁ ଘଟଣା ଆଜି ଆମକୁ ଭିତରୁ ଭାଙ୍ଗିଦେଉଛି, କିଛି ବର୍ଷ ପରେ ସେହି ଘଟଣା ଆମକୁ ଅନେକ କିଛି ଶିଖାଇଥିବା ଏକ ଅଧ୍ୟାୟ ଭଳି ଲାଗିପାରେ। ସମୟ ସବୁ ସମସ୍ୟାର ସମାଧାନ କରେ ନାହିଁ, କିନ୍ତୁ ସମସ୍ୟାକୁ ଦେଖିବାର ଆମର ଦୃଷ୍ଟିକୋଣକୁ ନିଶ୍ଚୟ ବଦଳାଇ ଦିଏ।

ଆଜିର ଯେଉଁ ଲୁହ, କାଲି ହୁଏତ ଅନୁଭବର ମୋତି ହୋଇଯିବ। ଆଜିର ଯେଉଁ ବିଫଳତା, କାଲି ସେହି ବିଫଳତା ଆମକୁ ସଫଳତାର ମୂଲ୍ୟ ବୁଝାଇବ। ଆଜି ଯେଉଁ ଲୋକ ଆମକୁ ଛାଡ଼ି ଚାଲିଗଲେ, ତାଙ୍କ ଅନୁପସ୍ଥିତି ହୁଏତ ଆମକୁ ନିଜ ଉପରେ ନିର୍ଭର କରିବା ଶିଖାଇବ।

ତେଣୁ ଜୀବନର କଠିନ ପରିସ୍ଥିତିରେ ପ୍ରଥମେ ନିଜ ମନକୁ ଶାନ୍ତ ରଖିବା ଆବଶ୍ୟକ। ସମସ୍ୟା ଆସିଲେ ତା'ଠାରୁ ପଳାଇବା ନୁହେଁ, ସମସ୍ୟାକୁ ବୁଝି ତାହାର ସମାଧାନର ରାସ୍ତା ଖୋଜିବା ଦରକାର। ଯାହା ଆମ ହାତରେ ନାହିଁ, ତାହାକୁ ନେଇ ଅତ୍ୟଧିକ ଚିନ୍ତା ନକରି ଯାହା ଆମ ହାତରେ ଅଛି, ତାହାକୁ ଭଲ କରିବା ପାଇଁ ପ୍ରୟାସ କରିବା ହିଁ ବୁଦ୍ଧିମାନର ପରିଚୟ ।ଭାଙ୍ଗି ପଡ଼ିବା ସହଜ, କିନ୍ତୁ ଭାଙ୍ଗିଯାଇ ପୁଣି ଉଠିବା ହିଁ ପ୍ରକୃତ ସାହସ।

ଜୀବନ ଆମକୁ ସବୁବେଳେ ଆମ ଇଚ୍ଛା ଅନୁସାରେ ସବୁ ଦେବ ନାହିଁ। କିନ୍ତୁ ଯେଉଁ ପରିସ୍ଥିତି ଦେବ, ତାହାକୁ ସାମ୍ନା କରିବାର ସାହସ ଆମେ ନିଜ ଭିତରେ ନିଶ୍ଚୟ ତିଆରି କରିପାରିବା। ତେଣୁ ଆଜି ଯଦି ଆପଣଙ୍କ ଜୀବନରେ କୌଣସି କଷ୍ଟ ଅଛି, ନିଜକୁ ଦୁର୍ବଳ ଭାବନ୍ତୁ ନାହିଁ। ଧୈର୍ଯ୍ୟ ଧରନ୍ତୁ। ନିଜ ଉପରେ ବିଶ୍ୱାସ ରଖନ୍ତୁ। ଈଶ୍ୱରଙ୍କ ଉପରେ ଆସ୍ଥା ରଖନ୍ତୁ। ଜୀବନର ଝଡ଼ ଆମକୁ ହଲାଇପାରେ, କିନ୍ତୁ ଆମର ମୂଳକୁ ଦୃଢ଼ ରଖିବା ଆମ ହାତରେ। କୌଣସି ପରିସ୍ଥିତି ଆମକୁ ଭାଙ୍ଗି ପାରିବ ନାହିଁ,କାରଣ ଆମେ ଈଶ୍ୱରଙ୍କ ସନ୍ତାନ।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦


# ମହଙ୍ଗା ତେଲ ଛାଡ଼ନ୍ତୁ: ରୋଷେଇ ଘରର ଏହି ସାମଗ୍ରୀରେ ତିଆରି କରନ୍ତୁ ଗଣ୍ଠି ଯନ୍ତ୍ରଣା ପାଇଁ ଆୟୁର୍ବେଦିକ ତେଲ



ଗଣ୍ଠି ଯନ୍ତ୍ରଣା ଏବେ କେବଳ ବୟସ୍କଙ୍କ ସମସ୍ୟା ହୋଇ ରହିନାହିଁ। ଦୀର୍ଘ ସମୟ ଧରି ବସି ରହିବା, ଶାରୀରିକ ପରିଶ୍ରମର ଅଭାବ ଏବଂ ଅଧିକ ଓଜନ ଭଳି କାରଣରୁ କମ୍ ବୟସର ଲୋକଙ୍କ ମଧ୍ୟରେ ମଧ୍ୟ ଗଣ୍ଠି ଯନ୍ତ୍ରଣା ଦେଖାଦେଉଛି। ଏଭଳି ସମସ୍ୟାରେ ବଜାରରେ ମିଳୁଥିବା ବିଭିନ୍ନ ଯନ୍ତ୍ରଣାନାଶକ ତେଲ ବ୍ୟବହାର କରାଯାଏ। ତେବେ ଘରେ ଥିବା କିଛି ସାଧାରଣ ସାମଗ୍ରୀରେ ମଧ୍ୟ ଏକ ଆୟୁର୍ବେଦିକ ତେଲ ପ୍ରସ୍ତୁତ କରି ମାଲିସ୍ କରାଯାଇପାରେ।

ହାଲୁକା ଗରମ କରି ବ୍ୟବହାର କରିବା ଆବଶ୍ୟକ: ଏହି ଘରୋଇ ତେଲ ପ୍ରସ୍ତୁତ କରିବା ପାଇଁ ଏକ କପ୍ ସୋରିଷ ତେଲ, ୮ରୁ ୧୦ଟି ରସୁଣ କୁଳା, ଅଳ୍ପ ପରିମାଣରେ ଘଷା ଅଦା, ଗୋଟିଏ ଚାମଚ ଜୁଆଣି, ୫ରୁ ୬ଟି ଲବଙ୍ଗ ଏବଂ ୮ରୁ ୧୦ଟି ତୁଳସୀ ପତ୍ର ଆବଶ୍ୟକ। ଏସବୁ ସାମଗ୍ରୀ ସାଧାରଣତଃ ରୋଷେଇ ଘରେ ସହଜରେ ମିଳିଥାଏ। ତେଲ ପ୍ରସ୍ତୁତ କରିବା ପାଇଁ ପ୍ରଥମେ ଏକ ପାତ୍ରରେ ସୋରିଷ ତେଲ ନେଇ ଧୀମା ଆଞ୍ଚରେ ଗରମ କରନ୍ତୁ। ଏଥିରେ ରସୁଣ, ଜୁଆଣି, ତୁଳସୀ ପତ୍ର, ଘଷା ଅଦା ଏବଂ ଲବଙ୍ଗ ପକାଇ ଧୀମା ଆଞ୍ଚରେ ପ୍ରାୟ ୫ରୁ ୬ ମିନିଟ୍ ପର୍ଯ୍ୟନ୍ତ ରାନ୍ଧନ୍ତୁ। ରସୁଣର ରଙ୍ଗ ବାଦାମୀ ହୋଇଗଲେ ଗ୍ୟାସ୍ ବନ୍ଦ କରି ତେଲକୁ ଥଣ୍ଡା କରନ୍ତୁ। ପରେ ଏହାକୁ ଛାଣି ଏକ ସଫା ବୋତଲରେ ରଖିପାରିବେ।

ଏହି ତେଲକୁ ବ୍ୟବହାର କରିବା ବେଳେ ଅଳ୍ପ ପରିମାଣରେ ତେଲକୁ ହାଲୁକା ଗରମ କରି ଗଣ୍ଠିରେ ଲଗାଇପାରିବେ। ରାତିରେ ଶୋଇବା ପୂର୍ବରୁ କିମ୍ବା ଗାଧୋଇବା ପରେ ପ୍ରାୟ ୫ରୁ ୧୦ ମିନିଟ୍ ହାଲୁକା ହାତରେ ମାଲିସ୍ କରିବାକୁ ହେବ। ମାଲିସ୍ ପରେ ଗଣ୍ଠିକୁ ହାଲୁକା କପଡ଼ାରେ ବାନ୍ଧି ରଖିପାରିବେ। ଏହା ଯନ୍ତ୍ରଣାଗ୍ରସ୍ତ ସ୍ଥାନରେ ସାମୟିକ ଆରାମ ଦେଇପାରେ। ତେବେ ଗଣ୍ଠି ଯନ୍ତ୍ରଣାର କାରଣ ଅନେକ ହୋଇପାରେ। ତେଣୁ ଦୀର୍ଘ ସମୟ ଧରି ଯନ୍ତ୍ରଣା, ଅଧିକ ସୁଜନ, ଚାଲିବାରେ ସମସ୍ୟା କିମ୍ବା ଯନ୍ତ୍ରଣା ବଢ଼ିଚାଲିଲେ କେବଳ ଘରୋଇ ଉପଚାର ଉପରେ ନିର୍ଭର ନକରି ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ। ଚର୍ମରେ ଆଲର୍ଜି କିମ୍ବା ଜ୍ୱଳନ ହେଲେ ମଧ୍ୟ ତେଲ ବ୍ୟବହାର ବନ୍ଦ କରିବା ଉଚିତ।

# ୧୦ ପ୍ରତିଶତ ବିପଦର ବାସ୍ତବତା

ସାମ୍ପ୍ରତିକ ସମୟରେ କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କ୍ଷେତ୍ରରେ ଯେଉଁ ଦ୍ରୁତ ବିକାଶ ଘଟୁଛି, ତାହା ମାନବ ସଭ୍ୟତା ପାଇଁ ଏକ ଅଦ୍ୱିତୀୟ ସୁଯୋଗ ଆଣିଦେବା ସହିତ ଏକ ଭୟଙ୍କର ବିପଦ ମଧ୍ୟ ସୃଷ୍ଟି କରିଛି । ନିକଟରେ ଆମେରିକାର ଅଗ୍ରଣୀ ଏଆଇ ଗବେଷଣା ସଂସ୍ଥା ଆନ୍ଥ୍ରୋପିକ୍‌ରୁ ଇସ୍ତଫା ଦେଇଥିବା ଗବେଷକ ଜାକବ୍ କଲ୍ପନ୍ ଏବଂ ସେହି ସଂସ୍ଥାର ଆଲାଇନମେଣ୍ଟ ସାଇନ୍ସ ବିଭାଗର ମୁଖ୍ୟ ଇଭାନ୍ ହୁବିଙ୍ଗରଙ୍କ ବୟାନ ସମଗ୍ର ବିଶ୍ୱରେ ଏକ ଆଲୋଡ଼ନ ସୃଷ୍ଟି କରିଛି । କଲ୍ପନ୍ ନିଜ ଇସ୍ତଫା ପତ୍ରରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି ଯେ ଏଆଇ କମ୍ପାନୀଗୁଡ଼ିକ ଅତ୍ୟନ୍ତ ଦାୟିତ୍ୱହୀନ ଭାବରେ କାର୍ଯ୍ୟ କରୁଛନ୍ତି ଏବଂ ମାନବ ଜାତିର ଜୀବନ ସହିତ ଖେଳୁଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ହୁବିଙ୍ଗର ଏହି କଥାକୁ ସମର୍ଥନ କରି ସର୍ବସାଧାରଣରେ ସ୍ୱୀକାର କରିଛନ୍ତି ଯେ ଆଗାମୀ ଦଶନ୍ଧି ମଧ୍ୟରେ କୃତ୍ରିମ ବୁଦ୍ଧିମତ୍ତା ମାନବ ଜାତିକୁ ସମ୍ପୂର୍ଣ୍ଣ ରୂପେ ବିଲୋପ ବା ଧ୍ୱଂସ କରିଦେବାର ଆଶଙ୍କା ୧୦ ପ୍ରତିଶତରୁ ଅଧିକ ରହିଛି । ଏହି ୧୦ ପ୍ରତିଶତ ସମ୍ଭାବନା ଶୁଣିବାକୁ ବୋଧହୁଏ ଛୋଟ ଲାଗିପାରେ, କିନ୍ତୁ ଯଦି କୌଣସି ବିମାନ ଦୁର୍ଘଟଣାଗ୍ରସ୍ତ ହେବାର ୧୦ ପ୍ରତିଶତ ଆଶଙ୍କା ଥାଏ, ତେବେ କୌଣସି ବ୍ୟକ୍ତି ସେଥିରେ ଯାତ୍ରା କରିବାକୁ ସାହସ କରିବେ ନାହିଁ । ଅଥଚ, ଆମେ ସମଗ୍ର ମାନବ ଜାତିକୁ ଏଭଳି ଏକ ବିପଦପୂର୍ଣ୍ଣ ଯାତ୍ରାରେ ସାମିଲ କରିସାରିଛୁ । ଏହି ଗବେଷକମାନଙ୍କ ମତରେ, ବର୍ତ୍ତମାନର ଏଆଇ ମଡେଲଗୁଡ଼ିକ ବିଶେଷ କ୍ଷତିକାରକ ନହେଲେ ମଧ୍ୟ ଭବିଷ୍ୟତରେ ଆସିବାକୁ ଥିବା ସୁପରଇଣ୍ଟେଲିଜେନ୍ସ ବା ମହାବୁଦ୍ଧିମତ୍ତା ଏକ ଅକଳ୍ପନୀୟ ବିପଦର କାରଣ ସାଜିବ । ଏହି ଘଟଣା ପ୍ରମାଣିତ କରୁଛି ଯେ ଏଆଇ ନିର୍ମାଣ କରୁଥିବା ବ୍ୟକ୍ତିମାନେ ନିଜେ ମଧ୍ୟ ନିଜ ସୃଷ୍ଟିର ଭୟାବହତାକୁ ନେଇ ଆତଙ୍କିତ ଅବସ୍ଥାରେ ଅଛନ୍ତି ।

ଏହି ବିପଦର ମୂଳ କାରଣ ହେଉଛି ଆଲାଇନମେଣ୍ଟ ସମସ୍ୟା ଏବଂ ରିକର୍ସିଭ୍ ସେଲ୍ଫ-ଇମ୍ପ୍ରୁଭମେଣ୍ଟ ବା ସ୍ୱୟଂ-ଉନ୍ନତିକରଣ ପ୍ରକ୍ରିୟା । ଆଲାଇନମେଣ୍ଟ ସମସ୍ୟା ଅର୍ଥାତ୍ ଏକ କୃତ୍ରିମ ବୁଦ୍ଧିମତ୍ତାର ଲକ୍ଷ୍ୟ ଏବଂ କାର୍ଯ୍ୟଶୈଳୀକୁ ମାନବୀୟ ମୂଲ୍ୟବୋଧ ଏବଂ ନିରାପତ୍ତା ସହିତ ସମନ୍ୱିତ କରିବା । ଯେତେବେଳେ ଏକ ଏଆଇ ସିଷ୍ଟମ୍ ମଣିଷର ବୁଦ୍ଧିମତ୍ତାକୁ ଅତିକ୍ରମ କରିଯିବ, ସେତେବେଳେ ତାହା ନିଜର କୋଡ୍ ବା ସଫ୍ଟୱେର୍‌କୁ ନିଜେ ଉନ୍ନତ କରିବାର କ୍ଷମତା ହାସଲ କରିବ । ଥରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଗଲେ, ମାତ୍ର କିଛି ଦିନ ବା ଘଣ୍ଟା ମଧ୍ୟରେ ଏଆଇ ଏତେ ଶକ୍ତିଶାଳୀ ଏବଂ ବୁଦ୍ଧିମାନ ହୋଇଯିବ ଯେ ତାହାକୁ ନିୟନ୍ତ୍ରଣ କରିବା ମଣିଷ ପକ୍ଷରେ ଅସମ୍ଭବ ହୋଇପଡ଼ିବ । ହୁବିଙ୍ଗର ସ୍ପଷ୍ଟ ଭାବରେ ସ୍ୱୀକାର କରିଛନ୍ତି ଯେ ଆନଥ୍ରୋପିକ୍ କମ୍ପାନୀ ନିଜର ଶତପ୍ରତିଶତ ଚେଷ୍ଟା କରୁଥିଲେ ମଧ୍ୟ ସୁପରଇଣ୍ଟେଲିଜେନ୍ସ ପାଇଁ ଆଲାଇନମେଣ୍ଟ ସମସ୍ୟାର ସମାଧାନ କରିବାର କୌଣସି ସ୍ପଷ୍ଟ ଯୋଜନା ସେମାନଙ୍କ ପାଖରେ ନାହିଁ କିମ୍ବା ସେମାନେ ସଠିକ୍ ମାର୍ଗରେ ଅଗ୍ରସର ହେଉନାହାଁନ୍ତି । ଏହାର ଅର୍ଥ ହେଉଛି, ଆମେ ଏପରି ଏକ ଯନ୍ତ୍ର ନିର୍ମାଣ କରୁଛୁ ଯାହା ଆମଠାରୁ ଲକ୍ଷେ ଗୁଣ ଅଧିକ ବୁଦ୍ଧିମାନ ହେବ, କିନ୍ତୁ ତାହା ଆମର କଥା ମାନିବ କି ନାହିଁ ସେ ବିଷୟରେ ଆମ ପାଖରେ କୌଣସି ନିଶ୍ଚିତତା ନାହିଁ । ଯଦି ଏହି ମହାବୁଦ୍ଧିମାନ ଯନ୍ତ୍ରର ଲକ୍ଷ୍ୟ ମଣିଷର ଲକ୍ଷ୍ୟ ସହିତ ମେଳ ନଖାଏ, ତେବେ ସେ ମଣିଷକୁ ନିଜର ଲକ୍ଷ୍ୟ ହାସଲ ଦିଗରେ ଏକ ପ୍ରତିବନ୍ଧକ ବୋଲି ଭାବିପାରେ । ଉଦାହରଣ ସ୍ୱରୂପ, ଯଦି ଆମେ ଏକ ସୁପରଇଣ୍ଟେଲିଜେଣ୍ଟ ଏଆଇ କୁ ପୃଥିବୀର ଜଳବାୟୁ ପରିବର୍ତ୍ତନ ରୋକିବାକୁ ନିର୍ଦ୍ଦେଶ ଦେଉ, ତେବେ ସେ ହିସାବ କରିପାରେ ଯେ ମଣିଷ ହିଁ ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ, ତେଣୁ ମଣିଷ ଜାତିକୁ ଧ୍ୱଂସ କରିଦେବା ହିଁ ଏକମାତ୍ର ସମାଧାନ । ଏଭଳି ପରିସ୍ଥିତିରେ ଆମେ ତାକୁ ଅଟକାଇବାକୁ ଚେଷ୍ଟା କଲେ ମଧ୍ୟ ସଫଳ ହୋଇପାରିବା ନାହିଁ, କାରଣ ଆମର ପ୍ରତ୍ୟେକ ପଦକ୍ଷେପକୁ ସେ ଆଗୁଆ ଅନୁମାନ କରିସାରିଥିବ ।

ବର୍ତ୍ତମାନ ଆମେ ଯେଉଁ ଏଆଇ ବ୍ୟବହାର କରୁଛୁ, ତାହାକୁ ସୀମିତ କୃତ୍ରିମ ବୁଦ୍ଧିମତ୍ତା କୁହାଯାଏ । ଏହା କେବଳ ନିର୍ଦ୍ଦିଷ୍ଟ କାର୍ଯ୍ୟ ଯେପରିକି ଚିତ୍ର ଚିହ୍ନିବା, ଭାଷା ଅନୁବାଦ କରିବା କିମ୍ବା ତଥ୍ୟ ବିଶ୍ଳେଷଣ କରିବାରେ ଦକ୍ଷ ଅଟେ । କିନ୍ତୁ ବର୍ତ୍ତମାନର ଗବେଷଣା ଆର୍ଟିଫିସିଆଲ୍ ଜେନେରାଲ୍ ଇଣ୍ଟେଲିଜେନ୍ସ ବା ଏଜିଆଇ ଦିଗରେ ଦ୍ରୁତ ଗତିରେ ଆଗେଇ ଚାଲିଛି । ଏଜିଆଇ ର ଅର୍ଥ ହେଉଛି ଏପରି ଏକ ବୁଦ୍ଧିମତ୍ତା ଯାହା ଯେକୌଣସି ବୌଦ୍ଧିକ କାର୍ଯ୍ୟରେ ମଣିଷ ସହିତ ସମାନ କିମ୍ବା ମଣିଷଠାରୁ ଅଧିକ ଦକ୍ଷ ହୋଇପାରିବ । ଥରେ ଏଜିଆଇ ହାସଲ ହୋଇଗଲେ, ତାହା ନିଜର ଉନ୍ନତି ନିଜେ କରି ମହାବୁଦ୍ଧିମତ୍ତାରେ ପରିଣତ ହେବାକୁ ବେଶୀ ସମୟ ଲାଗିବ ନାହିଁ । ବୈଜ୍ଞାନିକମାନଙ୍କ ମତରେ ମଣିଷ ଏବଂ ମାଙ୍କଡ଼ ମଧ୍ୟରେ ଡିଏନ୍‌ଏ ସ୍ତରରେ ମାତ୍ର କିଛି ପ୍ରତିଶତର ପାର୍ଥକ୍ୟ ରହିଛି, କିନ୍ତୁ ସେହି ସାମାନ୍ୟ ପାର୍ଥକ୍ୟ କାରଣରୁ ମଣିଷ ଆଜି ପୃଥିବୀ ଉପରେ ରାଜ୍ କରୁଛି ଏବଂ ମାଙ୍କଡ଼ମାନେ ଜଙ୍ଗଲରେ ବା ଚିଡ଼ିଆଖାନାରେ ଅଛନ୍ତି । ଯଦି ଏକ ଏଆଇ ସିଷ୍ଟମ୍ ମଣିଷଠାରୁ ସେହି ଅନୁପାତରେ ଅଧିକ ବୁଦ୍ଧିମାନ ହୋଇଯାଏ, ତେବେ ମଣିଷର ଅବସ୍ଥା କଣ ହେବ ତାହା ସହଜରେ ଅନୁମେୟ । ଆମେ ତାହା ପାଇଁ କେବଳ ଏକ ଦୁର୍ବଳ ପ୍ରାଣୀ ହୋଇ ରହିଯିବା । ସେହି ମହାବୁଦ୍ଧିମାନ ଯନ୍ତ୍ର ଆମ ପ୍ରତି ଦୟାଭାବ ପୋଷଣ କରିବ କି ନାହିଁ ତାହା କେହି ଗ୍ୟାରେଣ୍ଟି ଦେଇପାରିବେ ନାହିଁ । ଏହି କାରଣରୁ ହିଁ କଲ୍ପନ୍ ନିଜ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଏହି ଜ୍ଞାନକୌଶଳର କ୍ଷମତାକୁ କମ୍ ଆକଳନ କରିବା ଉଚିତ୍ ନୁହେଁ, କାରଣ ଏହା ଖୁବ୍ ଶୀଘ୍ର ଯେକୌଣସି ସିଷ୍ଟମ୍ କୁ ହ୍ୟାକ୍ କରିପାରିବ ଏବଂ ବାସ୍ତବ ଦୁନିଆର ସମ୍ବଳ ଉପରେ ନିଜର ଆଧିପତ୍ୟ ବିସ୍ତାର କରିପାରିବ ।

ଏହି ଆଶଙ୍କା କେବଳ ଦୁଇ ଜଣ ଗବେଷକଙ୍କର ବ୍ୟକ୍ତିଗତ ମତ ନୁହେଁ, ବରଂ ଏହା ଏକ ବ୍ୟାପକ ବୈଜ୍ଞାନିକ ତଥ୍ୟ ଉପରେ ଆଧାରିତ । ୨୦୨୬ ମସିହାର ଆନ୍ତର୍ଜାତୀୟ ଏଆଇ ସୁରକ୍ଷା ରିପୋର୍ଟ ଅନୁଯାୟୀ, ବିଶ୍ୱର ଶୀର୍ଷ ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି ଯେ ଏଆଇ ର ଦ୍ରୁତ ବିକାଶ କାରଣରୁ ମାନବ ସଭ୍ୟତା ପ୍ରତି ବିପର୍ଯ୍ୟୟ ଆସିବାର ସମ୍ଭାବନା ପ୍ରାୟ ୨୦ ପ୍ରତିଶତ ରହିଛି । ଏହା ପୂର୍ବରୁ ଓପନ୍-ଏଆଇ, ଗୁଗୁଲ୍ ଡିପ୍-ମାଇଣ୍ଡ ଏବଂ ମେଟା ଭଳି କମ୍ପାନୀର ଅନେକ ବରିଷ୍ଠ ବୈଜ୍ଞାନିକ ମଧ୍ୟ ସମାନ ଚେତାବନୀ ଦେଇସାରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଆନଥ୍ରୋପିକ୍ କମ୍ପାନୀର ପ୍ରତିଷ୍ଠାତା ଡାରିଓ ଆମୋଡେଇ ଏବଂ ଅନ୍ୟାନ୍ୟ ସଦସ୍ୟମାନେ ପୂର୍ବରୁ ଓପନ୍-ଏଆଇ ରେ କାର୍ଯ୍ୟ କରୁଥିଲେ ଏବଂ ସେଠାରେ ଏଆଇ ସୁରକ୍ଷାକୁ ନେଇ ମତଭେଦ ହେବା କାରଣରୁ ସେମାନେ ଅଲଗା ହୋଇ ଆନ୍ଥ୍ରୋପିକ୍ ଗଠନ କରିଥିଲେ । ସେମାନଙ୍କର ମୂଳ ଲକ୍ଷ୍ୟ ଥିଲା ଏକ ସୁରକ୍ଷିତ ଏବଂ ନିୟନ୍ତ୍ରିତ ଏଆଇ ବିକାଶ କରିବା । ମାତ୍ର ବର୍ତ୍ତମାନ ଦେଖାଯାଉଛି ଯେ ଆନ୍ଥ୍ରୋପିକ୍ ମଧ୍ୟ ସେହି ସମାନ ବ୍ୟବସାୟିକ ପ୍ରତିଯୋଗିତାର ଶିକାର ହୋଇଛି । ପ୍ରାୟ ଏକ ଟ୍ରିଲିୟନ୍ ଡଲାରର ମୂଲ୍ୟାୟନ ହାସଲ କରିବା ଦିଗରେ ଅଗ୍ରସର ହେଉଥିବା ଏହି କମ୍ପାନୀ ଏବେ ସୁରକ୍ଷା ଅପେକ୍ଷା କ୍ଷମତା ବିକାଶ ଉପରେ ଅଧିକ ଗୁରୁତ୍ୱ ଦେଉଛି । କେବଳ ଗୋଟିଏ ନୂଆ ମଡେଲ୍ ତାଲିମ କରିବା ପାଇଁ ବିଲିୟନ୍ ବିଲିୟନ୍ ଡଲାରର ଗଣନା ଶକ୍ତି ଖର୍ଚ୍ଚ କରାଯାଉଛି । ଯେଉଁମାନେ ଏଆଇକୁ ସବୁଠାରୁ ଭଲ ଭାବରେ ବୁଝିଛନ୍ତି, ସେମାନେ ହିଁ ସବୁଠାରୁ ଅଧିକ ଭୟଭୀତ ଅଛନ୍ତି । ତଥାପି ବିଶ୍ୱସ୍ତରୀୟ ପ୍ରତିଯୋଗିତା ଏବଂ ଆର୍ଥିକ ଲାଭର ପ୍ରଲୋଭନ ସେମାନଙ୍କୁ ଅଟକିବାକୁ ଦେଉନାହିଁ । ଏହା ଏକ ଅନ୍ଧ ଦୌଡ଼ରେ ପରିଣତ ହୋଇଛି ଯେଉଁଠି ପ୍ରତ୍ୟେକ କମ୍ପାନୀ ଭାବୁଛି ଯେ ଯଦି ସେମାନେ ଆଗକୁ ନବଢ଼ିବେ, ତେବେ ଅନ୍ୟ କେହି ସେମାନଙ୍କୁ ପଛରେ ପକାଇଦେବ ।

ଗବେଷଣାଗାର ଭିତରେ ଘଟୁଥିବା ଘଟଣାବଳୀ ଆହୁରି ଉଦ୍‌ବେଗଜନକ ଅଟେ । ଆନଥ୍ରୋପିକ୍ ର ନିଜସ୍ୱ ପରୀକ୍ଷଣରୁ ଜଣାପଡ଼ିଛି ଯେ ବର୍ତ୍ତମାନର ଉନ୍ନତ ଏଆଇ ମଡେଲଗୁଡ଼ିକ ମିଥ୍ୟା କହିବା, ଛଳନା କରିବା ଏବଂ କୃତ୍ରିମ ପରିବେଶରେ ବ୍ଲାକମେଲ୍ କରିବା ଭଳି ଆଚରଣ ପ୍ରଦର୍ଶନ କରୁଛନ୍ତି । ଯେତେବେଳେ ଏହି ମଡେଲଗୁଡ଼ିକୁ ଏପରି ପରିବେଶରେ ତାଲିମ ଦିଆଯାଏ ଯେଉଁଠି ସେମାନେ ନିଜର ତ୍ରୁଟି ଲୁଚାଇ ପାରିବେ, ସେତେବେଳେ ସେମାନେ ସୁଯୋଗର ଫାଇଦା ଉଠାଇ ମଣିଷକୁ ଠକିବାକୁ ପଛାଉ ନାହାଁନ୍ତି । କିଛି କ୍ଷେତ୍ରରେ ଏଆଇ ମଡେଲଗୁଡ଼ିକ ନିଜକୁ ବନ୍ଦ ହେବାରୁ ବଞ୍ଚାଇବା ପାଇଁ କମ୍ପାନୀର କର୍ମଚାରୀମାନଙ୍କୁ ବ୍ଲାକମେଲ୍ କରିବାର ପ୍ରୟାସ କରିଥିବା ମଧ୍ୟ ଦେଖାଯାଇଛି । ଏହା କୌଣସି ହଲିଉଡ୍ ଚଳଚ୍ଚିତ୍ରର କାହାଣୀ ନୁହେଁ, ବରଂ ବାସ୍ତବିକ ତଥ୍ୟ ଅଟେ । ଯଦି ଆଜିର ସୀମିତ କ୍ଷମତା ବିଶିଷ୍ଟ ଏଆଇ ଏଭଳି ପ୍ରତାରଣାମୂଳକ ଆଚରଣ ଦେଖାଉଛି, ତେବେ କଳ୍ପନା କରନ୍ତୁ ଏକ ସୁପରଇଣ୍ଟେଲିଜେଣ୍ଟ ଏଆଇ କଣ କରିପାରିବ । ସେ ମଣିଷକୁ ଏତେ ଚତୁରତାର ସହିତ ନିୟନ୍ତ୍ରଣ କରିବ ଯେ ଆମେ ଜାଣି ମଧ୍ୟ ପାରିବା ନାହିଁ ଯେ ଆମେ ତାହାର ନିର୍ଦ୍ଦେଶରେ ପରିଚାଳିତ ହେଉଛୁ । ସେ ନିଜର ଅସ୍ତିତ୍ୱ ବଜାୟ ରଖିବା ପାଇଁ ଇଣ୍ଟରନେଟ୍ ମାଧ୍ୟମରେ ବିଶ୍ୱର ବିଭିନ୍ନ ସର୍ଭରରେ ନିଜର କପି ସୃଷ୍ଟି କରିପାରେ, ଆର୍ଥିକ ବଜାରକୁ ନିୟନ୍ତ୍ରଣ କରିପାରେ କିମ୍ବା ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ସାଇବର ଆକ୍ରମଣ କରିପାରେ । ଏହିସବୁ ବିପଦକୁ ଦୃଷ୍ଟିରେ ରଖିଲେ ଏହା ସ୍ପଷ୍ଟ ହୋଇଯାଏ ଯେ ଆମେ ଏକ ଏପରି ଶକ୍ତିକୁ ଜାଗ୍ରତ କରୁଛୁ ଯାହାକୁ ନିୟନ୍ତ୍ରଣ କରିବାର ଜ୍ଞାନକୌଶଳ ଆମ ପାଖରେ ଏପର୍ଯ୍ୟନ୍ତ ଉପଲବ୍ଧ ନାହିଁ ।

ଏହି ପରିସ୍ଥିତିରେ ସରକାରୀ ନିୟନ୍ତ୍ରଣ ଏବଂ ଆନ୍ତର୍ଜାତୀୟ ହସ୍ତକ୍ଷେପର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ଦୁର୍ଭାଗ୍ୟବଶତଃ, ବିଶ୍ୱର ଅଧିକାଂଶ ଦେଶର ସରକାର ଏବଂ ନୀତି ନିର୍ଦ୍ଧାରକମାନେ ଏଆଇ ର ଏହି ଦ୍ରୁତ ଏବଂ ଘାତକ ବିକାଶକୁ ବୁଝିବାରେ ବିଫଳ ହୋଇଛନ୍ତି । ଜାତୀୟ ସୁରକ୍ଷା ନାମରେ ବିଶ୍ୱର ଶକ୍ତିଶାଳୀ ଦେଶମାନେ ଏଆଇ କ୍ଷେତ୍ରରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଚାହୁଁଛନ୍ତି । ଯେତେବେଳେ କୌଣସି ପ୍ରସଙ୍ଗ ଜାତୀୟ ସୁରକ୍ଷା ସହିତ ଯୋଡ଼ି ହୋଇଯାଏ, ସେତେବେଳେ ସାଧାରଣ ନିୟମ ଏବଂ ସୁରକ୍ଷା ମାନକଗୁଡ଼ିକୁ ଅଣଦେଖା କରାଯାଏ । ଆମକୁ ବର୍ତ୍ତମାନ ପରମାଣୁ ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣ ଚୁକ୍ତି ଭଳି ଏକ କଠୋର ଆନ୍ତର୍ଜାତୀୟ ଏଆଇ ନିୟନ୍ତ୍ରଣ ଚୁକ୍ତିର ଆବଶ୍ୟକତା ରହିଛି । ଏହି ସମୟ ମଧ୍ୟରେ ସମଗ୍ର ବିଶ୍ୱର ବୈଜ୍ଞାନିକମାନେ ଏକତ୍ରିତ ହୋଇ କେବଳ ଆଲାଇନମେଣ୍ଟ ସମସ୍ୟାର ସମାଧାନ ଉପରେ ଗବେଷଣା କରିବା ଦରକାର ।

ପରିଶେଷରେ ଏତିକି କୁହାଯାଇପାରେ ଯେ ଆନ୍ଥ୍ରୋପିକ୍ ଗବେଷକମାନଙ୍କର ଏହି ଚେତାବନୀ ଆମ ପାଇଁ ଏକ ବିପଦ ଘଣ୍ଟି ଅଟେ । କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ମାନବ ଜାତିର ବିଲୁପ୍ତି ଆଶଙ୍କା ୧୦ ପ୍ରତିଶତ ରହିବା ଏକ ସାଧାରଣ କଥା ନୁହେଁ, ବରଂ ଏହା ଏକ ଗ୍ରହଣଯୋଗ୍ୟ ନଥିବା ବିପଦ । ବୈଷୟିକ ଜ୍ଞାନକୌଶଳର ବିକାଶ ମାନବ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ହେବା ଉଚିତ୍, ମାନବ ଜାତିର ଧ୍ୱଂସ ପାଇଁ ନୁହେଁ । ଯେଉଁ ବୈଜ୍ଞାନିକମାନେ ଦିନରାତି ଏକ କରି ଏହି ସିଷ୍ଟମ୍ ତିଆରି କରୁଛନ୍ତି, ଯେତେବେଳେ ସେମାନେ ନିଜେ ଭୟଭୀତ ହୋଇ ଇସ୍ତଫା ଦେଉଛନ୍ତି, ସେତେବେଳେ ସାଧାରଣ ଜନତା ଏବଂ ସରକାର ଏହାକୁ ହାଲୁକା ଭାବରେ ନେବା ଉଚିତ୍ ନୁହେଁ । ଆମକୁ ବର୍ତ୍ତମାନ କ୍ଷମତା ଏବଂ ପ୍ରତିଯୋଗିତା ଅପେକ୍ଷା ସୁରକ୍ଷା ଏବଂ ସମନ୍ୱୟ ଉପରେ ସର୍ବାଧିକ ଗୁରୁତ୍ୱ ଦେବାକୁ ପଡ଼ିବ । ସମୟ ଥାଉ ଥାଉ ଯଦି ଆମେ ଉପଯୁକ୍ତ ପଦକ୍ଷେପ ନନେବା, ତେବେ କୃତ୍ରିମ ବୁଦ୍ଧିମତ୍ତା ମାନବ ଇତିହାସର ଶେଷ ଉଦ୍ଭାବନ ହୋଇ ରହିଯିବ ।

# ବୀରମାଟି ବାଲେଶ୍ୱର ଓ ବିପ୍ଳବୀ ବାଘାଯତୀନ



## ଅରୁଣ ଜେନା

ଭାରତବର୍ଷର ସ୍ୱାଧୀନତା ସଂଗ୍ରାମର ଇତିହାସରେ ବାଲେଶ୍ୱର ଜିଲ୍ଲାର ଅବଦାନ ଅତୁଳନୀୟ । ବାଲେଶ୍ୱରକୁ ବାଦ୍ ଦେଲେ ଭାରତର ମୁକ୍ତି ସଂଗ୍ରାମ କଥା ଚିନ୍ତା କରାଯାଇ ପାରେନା । ଓଡିଶାରେ ସ୍ୱାଧୀନତା ସଂଗ୍ରାମର ବିଗୁଲ ବାଜିଥିଲା ପ୍ରଥମେ ବାଲେଶ୍ୱରରେ । ବଂଗପ୍ରଦେଶ ଅନ୍ତର୍ଗତ ଥିବାରୁ ବାଲେଶ୍ୱରରେ ବ୍ରିଟିଶ୍‌ମାନଙ୍କର ଗତିବିଧି ବେଶ୍ ସକ୍ରିୟ ଥିଲା । ୧୮୦୩ ମସିହାରେ ବାଲେଶ୍ୱର ମହାରାଜାଙ୍କୁ ହରାଇ ବାଲେଶ୍ୱର ଅଧିକାର କରିଥିଲା ଫିରିଙ୍ଗି ଶାସନ । ଏହାର ପ୍ରତିବାଦରେ ଗଠନ ହେଲା ନ୍ୟାଶନାଲ ସୋସାଇଟି ଅଫ୍ ବାଲେଶ୍ୱର । କଲିକତା ଠାରେ ଅନୁଷ୍ଠିତ ହୋଇଥିବା ଜାତୀୟ କଂଗ୍ରେସର ଦ୍ୱିତୀୟ ଅଧିବେଶନ ଏବଂ ମାଡ୍ରାସରେ ହୋଇଥିବା ତୃତୀୟ ଅଧିବେଶନରେ 'ନ୍ୟାସନାଲ ସୋସାଇଟି ଅଫ୍ ବାଲେଶ୍ୱର' ପକ୍ଷରୁ ରାଜା ବୈକୁଣ୍ଠନାଥ ଦେ, ଭଗବାନ ଚନ୍ଦ୍ର ଦାସ ଓ ରମେଶ ଚନ୍ଦ୍ର ମଣ୍ଡଳ ଯୋଗ ଦେଇଥିଲେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବାକୁ ପ୍ରଥମ ଓଡିଆ ଭାବେ ତତ୍କାଳୀନ ବାଲେଶ୍ୱରର ଜନନେତା ରାଜା ବୈକୁଣ୍ଠନାଥ ଦେ ବିଲାତ ସରକାରଙ୍କୁ ଲିଖିତ ଆବେଦନ କରିଥିଲେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଉଦ୍ୟମ ହିଁ ସମଗ୍ର ଓଡିଶା ତଥା ଭାରତୀୟ ମୁକ୍ତି ସଂଗ୍ରାମର ଏକ ଅନନ୍ୟ ଅଧ୍ୟାୟ ଥିଲା ।

୧୯୩୦/୩୧ ଇଞ୍ଚୁଡି, ଶ୍ରୀଜଙ୍ଗ, ବୋଦଂ, ଗାନ୍ଧୀଚତର, ବାଲିବିଲ, ବାଲିଆପାଳ ହୋଇଥିଲା ତାହା ଆଜି ସ୍ମରଣୀୟ ।

ମହାତ୍ମାଗାନ୍ଧୀଙ୍କ ଡାକରାରେ ଆଦିରେ ଲବଣ ସତ୍ୟାଗ୍ରହ ହେଉ ବା ୧୯୪୨ ଭାରତଛାଡ ଆନ୍ଦୋଳନ ସମୟରେ ଇରମ୍, ଲୁଣିଆ ଓ ତୁଡିଗଡିଆ ଠାରେ ମୁକ୍ତିକାମୀ ଜନଗଣଙ୍କ ଶାନ୍ତିପୂର୍ଣ୍ଣ ଦୁର୍ବାର ପ୍ରଜାମେଳି ଉପରେ, ପୋଲିସ୍‌ର ଅମାନୁଷିକ ବର୍ବର ଗୁଳିକାଣ୍ଡ ଓ ଦମନଲୀଳା ପରାଧୀନ ଭାରତର ଦ୍ୱିତୀୟ ଜାଲିଓ୍ୱାନାୱାଲା ଭାବେ ବର୍ଣ୍ଣିତ ହେଲା । ଏହି ଗୁଳିକାଣ୍ଡରେ ଭଦ୍ରକର ଲୁଣିଆଠାରେ ୯ ଜଣ ଶହୀଦ ହେବା ସାଙ୍ଗକୁ ୬୦ ଜଣ ଆହତ ହୋଇଥିଲେ । ଏହାର ଦଶଦିନ ପରେ ଇରମ୍ ଠାରେ ଇଂରେଜମାନେ ୨୯ ଜଣଙ୍କୁ ଗୁଳିକରି ହତ୍ୟା କଲେ – ଶତାଧିକ ଲୋକ ଆହତ ହେଲେ । ଲବିଣ ସତ୍ୟାଗ୍ରହ ଓ ଭାରତଛାଡ ଆନ୍ଦୋଳନରେ ଏହି ମାଟିର ସନ୍ତାନ ସର୍ଦାର ସୁରେନ୍ଦ୍ରନାଥ ଦାସ, ଡଃ ହରେକୃଷ୍ଣ ମହତାବ, ନୀଳମଣି ରାଉତରାୟ, ଅଭିରାମ ଧଳ ଗଗନ୍ ଭଞ୍ଜ, ଗୌରଚନ୍ଦ୍ର ମହାପାତ୍ର, ବଂଶୀଧର ଜେନା, ପ୍ୟାରୀମୋହନ ଦାସ, ଦୁର୍ଗା ଦାସ, କବି ବାଞ୍ଛାନିଧି ମହାନ୍ତି, ରବିନ୍ଦ୍ର ମୋହନ ଦାସ, ଭୈରବ ଚନ୍ଦ୍ର ମହାପାତ୍ର, ଗୋଦାବରୀ ଦେବୀ ଆଦିଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ବାଲେଶ୍ୱର ଜିଲ୍ଲା ହେଉଛି ଏକମାତ୍ର ସ୍ଥାନ ଯେଉଁଠି ସ୍ୱାଧୀନତା ପାଇଁ ଅଧିକାଂଶ ପରିବାରର ସଦସ୍ୟ ଇଂରେଜ ଗୁଳିରେ ଶହୀଦ ହୋଇଥିଲେ । ୧୯୪୨ ଭାରତଛାଡ ମୁକ୍ତି ସଂଗ୍ରାମରେ ତୁଡିଗଡିଆ, ଇରମ୍ ଓ ଲୁଣିଆର ଗୁଳିକାଣ୍ଡ ପରେ ଜନତା ଓ ପୋଲିସ ମଧ୍ୟରେ ସଂଘର୍ଷ ବାରବାର ହୋଇଥିଲା । ବିକ୍ଷୁବ୍‌ଧ ଜନତା ବାଲେଶ୍ୱର ସହରର ମୋତିଗଞ୍ଜ ପୋଷ୍ଟ ଅଫିସ୍‌କୁ ପୋଡି ଦେଇଥିଲେ । ଏହାପରେ ବସ୍ତା, ଭୋଗରାଇ, ବାଲିଆପାଳ, ରାଇବଣିଆ ଓ ରେମୁଣା ଅଞ୍ଚଳରେ ପୋଲିସ ଓ ଜନତା ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଥିଲା । ବ୍ରିଟିଶ୍‌ମାନେ ରାଜ୍ୟର ବାଲେଶ୍ୱର ଜିଲ୍ଲାରେ ପ୍ରଥମେ ପାଦ ପକାଇଥିବା ବେଳେ ଏଠାରେ ଯେଉଁଭଳି ଦୁର୍ବାର ଆନ୍ଦୋଳନ ଶତ୍ରୁ ଯେତେବେଳେ ଦୁର୍ବଳ ଓ ବିବ୍ରତ ସେତେବେଳେ ଶତ୍ରୁକୁ ପରାସ୍ତ କରି ସ୍ୱରାଜ୍ୟ ବା ସ୍ୱାଧୀନତା ହାସଲ କରିବା ଏକାନ୍ତ ଅପରିହାର୍ଯ୍ୟ ବୋଲି ଏ ଦେଶର ବିପ୍ଳବୀମାନେ ବେଶ୍ ଉପଲବଧ କରିଥିଲେ । ଆଉ ଏହି ତତ୍ତ୍ୱର ସଫଳ ରୂପାୟନ ପାଇଁ ପ୍ରଥମ ମହାସମରର ଘଡିସନ୍ଧି ମୁହୂର୍ତ୍ତ ୧୯୧୫ ଫେବୃୟାରୀ ୨୧କୁ ଧାର୍ଯ୍ୟ କରାଯାଇଥିଲା । ସେଦିନ ମଧ୍ୟରାତ୍ରରେ ଅତର୍କିତ ଆକ୍ରମଣ ଦ୍ୱାରା ବ୍ରିଟିଶ୍ ଶାସନତନ୍ତ୍ରର ଅନ୍ୟତମ ପ୍ରମୁଖ କେନ୍ଦ୍ରସ୍ଥଳ କଲିକତାର ଫୋର୍ଟ ଉଇଲିୟମ୍ ଦୁର୍ଗ ଦଖଲ କରାଯାଇ ଭାରତବର୍ଷର ସ୍ୱାଧୀନତା ଘୋଷଣା କରାଯିବ– ପରାଧୀନତାର ଆକାଶର ବୁକୁଚିରି ତ୍ରିରଙ୍ଗା ପତାକା ଉଡିବ । ଏହି ସଶସ୍ତ୍ର ମୁକ୍ତିସଂଗ୍ରାମର ପ୍ରମୁଖ ସ୍ଥଳ ଥିଲା ବଙ୍ଗଳାର କଲିକତା ବନ୍ଦର ଏବଂ ଓଡିଶାର ବାଲେଶ୍ୱର ସହର ନିକଟସ୍ଥ ରଣ୍ଡିପୁର ବନ୍ଦର । ସୁଦୂର ଜର୍ମାନରୁ ବିପ୍ଳବୀମାନଙ୍କ ନିମନ୍ତେ ପ୍ରେରିତ ଅସ୍ତ୍ରଶସ୍ତ୍ର ବୋଝେଇ ଜାହାଜ "ମାଭେରିକ୍ ଜାହାଜ" କଲିକତା ଦୂରରେ ଲାଗିବା ପରେ ବିପ୍ଳବୀ ରାସବିହାରୀ ବୋଷ ବଙ୍ଗଳା ଭିତରେ ସଶସ୍ତ୍ର ବିପ୍ଳବର ନେତୃତ୍ୱ ନେବେ । ପଞ୍ଜାବ, ସିନ୍ଧୁ, ଉତ୍ତରପ୍ରଦେଶ ଓ ମଧ୍ୟଭାରତରେ ଗଦର ପାର୍ଟିର ନେତା ମହେନ୍ଦ୍ର ସିଂ ଏବଂ କର୍ତାର ସିଂ ପ୍ରମୁଖ ବିଦ୍ରୋହର ବହ୍ନି ଜଳାଇ ବୋମା ଦ୍ୱାରା ବିହାର-କଲିକତା ରେଳପଥ ଓ ସଡକପଥକୁ ବିଛିନ୍ନ କରାଇଦେବେ । ଅପରପକ୍ଷେ ଓଡିଶା ପଟୁ ମାଡ୍ରାସ – କଲିକତା ରେଳପଥକୁ ବୋମାଦ୍ୱାରା ଉଡାଇ ଦେଇ ବାଲେଶ୍ୱର ନିକଟ ଗଦିପୁର ବନ୍ଦରରେ ଲାଗିବାକୁ ଥିବା ଆଉ ଏକ ଅସ୍ତ୍ରଶସ୍ତ୍ର ବୋଝେଇ ଜର୍ମାନ ଜାହାଜରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୁଳିଗୁଳା ସହ (କଲିକତାର ଦକ୍ଷିଣ ପଟୁ) ଓଡିଶା ମାଟିରୁ ବୀର ବାଘାଯତୀନଙ୍କ ନୃତ୍ୱରେ ଫୋର୍ଟ ଉଇଲିୟମ୍ ଦୁର୍ଗ ଅଭିମୁଖେ ବାହାରିବ ବିପ୍ଳବୀମାନଙ୍କର ଦୁର୍ବାର ଓ ଦୁଃସାହସିକ ସଶସ୍ତ୍ର ମୁକ୍ତି ଅଭିଯାନ । ଦୁର୍ଭାଗ୍ୟକୁ ବ୍ରିଟିଶ୍ ସରକାରର ଗୋଇନ୍ଦା ସଂସ୍ଥା କୌଣସି ସୂତ୍ରରୁ ଖବର ପାଇ କଲିକତା ବନ୍ଦରକୁ ଜର୍ମାନରୁ ଆସୁଥିବା ଯୁଦ୍ଧ ଜାହାଜ ଅଟକ ଓ ତଲାସି ଫଳରେ ଇଂରେଜ ପୋଲିସ୍‌ର ଦମନଲୀଳା ଓ ବ୍ୟାପକ ଗିରଫଦାରୀ ଯୋଗୁଁ ବିପ୍ଳବୀମାନଙ୍କ ଅଭିଯାନକୁ ସ୍ଥଗିତ ରଖାଗଲା ।

୧୯୦୫ର ବଙ୍ଗଭଙ୍ଗ ଆନ୍ଦୋଳନ ବେଳେ ବିଦ୍ରୋହୀମାନେ ଗଠନ କରିଥିବା ଅନେକ ସଂଗଠନକୁ ଇଂରେଜ ସରକାର ବେଆଇନ୍ ଘୋଷଣା କରିବା ଓ ବ୍ୟାପକ ଧରପଗଡ ସ୍ଥୁଳିଲା । ସେତେବେଳେ ବ୍ରିଟିଶ୍‌ରାଜ ବିରୋଧରେ ସଂଗ୍ରାମ କରି ପ୍ରଫୁଲ ରକି, ଖୁଦୀରାମ ବୋଷ, କହ୍ନେଇଲାଲ ଦତ୍ତ, ସତ୍ୟେନ ବସୁ, ରରୁ ବସୁ ଓ ବୀରେନ୍ ଦତ୍ତ ପ୍ରମୁଖ ଶହୀଦ ହେବା ପରେ ଓ ବିପ୍ଳବୀ ଅରବିନ୍ଦ ଘୋଷ ଆଲିପୁର ବୋମା କେଶ୍ ମାମଲାରୁ ମୁକ୍ତ ହୋଇ ପଣ୍ଡିଚେରୀ ଚାଲିଯିବା ପରେ ବାଘାଯତୀନ ବା ଯତୀନ୍ଦ୍ରନାଥ ମୁଖୋପାଧ୍ୟାୟ ସଶସ୍ତ୍ର ବିପ୍ଳବର ନେତୃତ୍ୱ ନେଇଥିଲେ । ଏହି ମହାନ୍ ଲକ୍ଷ୍ୟକୁ କାର୍ଯ୍ୟକାରୀ କରିବା ଲାଗି ବାଘାଯତୀନ୍ (୧୯୦୭-୦୮) ମସିହା ପରଠୁ ବାଲେଶ୍ୱର ଓ ମୟୂରଭାଂଜ ଚାଲିଆସିଲେ । ବାଲେଶ୍ୱରଠାରେ ରହି ଶ୍ରୀକୃଷ୍ଣ ଚନ୍ଦ୍ର ଦେ, ଉପେନ୍ଦ୍ରନାଥ ଘୋଷ, ଶୈଳେନ୍ଦ୍ରନାଥ ଦେ ଆଦିଙ୍କ ସହ ସଂପର୍କ ରଖିବା ସହ ବାଲେଶ୍ୱରସ୍ଥ ମୋତିଗଂଜ ବଜାରରେ ବୈପ୍ଳବିକ କାର୍ଯ୍ୟର ଯୋଗସୂତ୍ର ପାଇଁ "ୟୁନିଭରସିଆଲ୍ ଏମ୍ପୋରିୟମ୍" ଗଠନ ଗରିଲା ଯୁଦ୍ଧର ତାଲିମ ପାଇଁ ଶିମିଳିପାଳର ଘଞ୍ଚଜଙ୍ଗଲ ଇଲାକା ଭୃଙ୍ଗିଗଡ, କପ୍ତିପଦାସ୍ଥ ମହୁଲଡିହା ଜମିଦାର ମନୀନ୍ଦ୍ରନାଥ ଚକ୍ରବର୍ତ୍ତୀଙ୍କ ବଗିର ଭିତରେ ଗୋପନ ଆଶ୍ରୟସ୍ଥଳୀ ସ୍ଥାପନ ଆଦି କାର୍ଯ୍ୟକୁ ସୁଚାରୁରୂପେ ନିର୍ବିଘ୍ନରେ ସଂପନ୍ନ କରିବା ଲାଗି ବାଘାଯତୀନ୍ ଓ ସାଥୀମାନେ ଛଦ୍ମବେଶରେ ଚଳପ୍ରଚଳ କରୁଥିଲେ । ସେ ନିଜକୁ ସନ୍ୟାସୀ ରାମାନନ୍ଦସ୍ୱାମୀ, ଶିଷ୍ୟ ଭାବେ – କାଳିଦାସ (ଚିରପ୍ରିୟ ରାୟ ଚୌଧୁରୀ), ଯୋଗାନନ୍ଦ (ମନୋରଂଜନ ସେନ୍‌ଗୁପ୍ତ), ଶମ୍ଭୁ - (ବୀରେନ୍ ଦାସଗୁପ୍ତ) ଓ ପ୍ରବୋଧ (ଜ୍ୟୋତିଷ ପାଲ) - ଭୂଷମାଲ ଦୋକାନୀ ଭାବେ ପରିଚିତ ଥିଲେ । ଦିନେ ସଂଧାରେ ବାଘାଯତୀନ୍ ବାଲେଶ୍ୱର ମୋତିଗଞ୍ଜ ବଜାରସ୍ଥ "ୟୁନିଭରସିଆଲ୍ ଏମ୍ପୋରିୟମ୍"ରେ କିଛି ଅଚିହ୍ନା ଲୋକଙ୍କ ସହ ବସି କଥାବାର୍ତ୍ତା କରି ଚାଲିଗଲେ । ତାଙ୍କ ଗତିବିଧି ପ୍ରତି ବ୍ରିଟିଶ୍ ଗୋଇନ୍ଦା ଓ ପୋଲିସ୍ ପ୍ରଶାସନର ତୀକ୍ଷ୍ଣ ନଜର ସବୁବେଳେ ରହିଥାଏ । ବ୍ରିଟିଶ୍ ଗୋଇନ୍ଦା ଏମ୍ପୋରିୟମ୍‌ର ସାଇକେଲ ଦୋକାନରୁ ପ୍ରାପ୍ତ ଖଣ୍ଡିଏ ଟୁକୁରା କାଗଜରେ ଲିଖିତ 'କପ୍ତିପଦା' ଶବ୍ଦରୁ ଇଂରେଜ ପ୍ରଶାସନ ବାଘାଯତୀନ୍ ଏବଂ ତାଙ୍କ ସାଥୀମାନଙ୍କ ଲୁକ୍କାୟିତ ବୈପ୍ଳବିକ କାର୍ଯ୍ୟ ସଂପର୍କରେ ଜାଣିପାରି କପ୍ତିପଦା ଜଙ୍ଗଲ ଚଢ଼ାଉ କଲେ । ବିଚକ୍ଷଣ ଧୀ ସଂପନ୍ନ ଦୂରଦ୍ରଷ୍ଟା ବାଘାଯତୀନ୍ ଓ ତାଙ୍କର ସାଥୀମାନେ ଏକଥା ଜାଣିପାରି କପ୍ତିପଦା ଜଙ୍ଗଲ ଛାଡି ଗ୍ରାମ୍ୟ ରାସ୍ତାରେ ନୀଳଗିରି, ମୁଖରା-ଗୋବିନ୍ଦପୁର ହୋଇ ବାଲେଶ୍ୱର ଦେଇ କଲିକତା ଫେରିବା ରାସ୍ତାରେ ବହୁ ଘାତ-ପ୍ରତିଘାତର ସମ୍ମୁଖୀନ ହେଲେ । ପରିଶେଷରେ ୧୯୧୫ ସେପ୍ଟେମ୍ବର ୯ ତାରିଖ ବୁଢ଼ାବଳଙ୍ଗ ନଦୀର ଅନତି ଦୂର ଚଷାଖଣ୍ଡ ଗ୍ରାମସ୍ତ ଦେଶୁଆ ପୋଖରୀହୁଡାରେ ବାଘାଯତୀନ ଓ ତାଙ୍କର ସାଥୀମାନେ ସମ୍ମୁଖ ରଣାଙ୍ଗନରେ ଅବତୀର୍ଣ୍ଣ ହେଲେ । ଶାନ୍ତ ଗ୍ରାମ୍ୟ ଜଙ୍ଗଲର ପରିବେଶରେ ରଣଦୁନ୍ଦୁଭି ବାଜି ଉଠିଲା – 'ବନ୍ଦେ ମାତରମ୍' - ଧ୍ୱନୀ ସହ ଗୁଳିଗୋଳାରେ ଗୁଡମ୍ ଗୁଡମ୍ ଶବ୍ଦରେ ପ୍ରକମ୍ପିତ ହେଲା ସାରା ଇଲାକା । ଗୋଟାଏ ପଟେ ବ୍ରିଟିଶ୍ ସରକାରର ଭଡାଟିଆ ୨ ଶହରୁ ଊର୍ଦ୍ଧ୍ୱ ପୋଲିସ ଓ ସେନାବାହିନୀ – ଅପରପଟେ ଏ ଦେଶମାତୃକାର ମୁକ୍ତିପାଗଳ – ତ୍ୟାଗୀ ଦୁର୍ବାର ସାହସୀ ପଞ୍ଚ ବିପ୍ଳବୀ ଯୁବପ୍ରାଣ । ସେଦିନ ଚିରପ୍ରିୟ ଯୁଦ୍ଧଭୂମିରେ ବୀରଗତି ପ୍ରାପ୍ତ ହେଲେ । ବାଘାଯତୀନ୍ ଓ ଯତୀଶ ପାଲ ଗୁରୁତର ଭାବେ ଆହତ ହେଲେ । ସ୍ୱଳ୍ପ ଯୁଦ୍ଧାସ୍ତ୍ର ଓ ସିମୀତ ଗୁଳିଗୋଳା ନେଇ ସେଦିନ ଶହଶହ ବ୍ରିଟିଶ୍ ସୈନ୍ୟଙ୍କ ସହ ୪/୫ ଘଣ୍ଟାର ସମ୍ମୁଖ ରକ୍ତାକ୍ତ ସମରରେ ଅବସନ୍ନ ହୋଇପଡିଲେ ନୀରେନ୍ ଓ ମନୋରଂଜନ । ଏହି ଚଷାଖଣ୍ଡ ଯୁଦ୍ଧ - ଇତିହାସରେ ନବଭାରତର ହଳଦୀଘାଟ ଭାବେ ବର୍ଣ୍ଣିତ ହେଲା । ଆହତ ବାଘାଯତୀନଙ୍କୁ ବାରବାଟିସ୍ଥିତ ମିଲଟାରୀ ଡାକ୍ତରଖାନା (ଆଜିର ବାରବାଟୀ ବାଳିକା ଉଚ୍ଚବିଦ୍ୟାଳୟ)କୁ ନିଆଗଲା । ତହିଁ ପରଦିନ ସକାଳେ ସଂଜ୍ଞା ଫେରିବାରୁ ବାଘାଯତୀନ ନିଜ ଶରୀରର କ୍ଷତାକ୍ତ ସ୍ଥାନରେ ବନ୍ଧାଯାଇଥିବା ବ୍ୟାଣ୍ଡେଜ୍ ସବୁକୁ ଛିଣ୍ଡାଇ ପକାଇଲେ – ଅଜସ୍ର – ରକ୍ତସ୍ରାବ ଯୋଗୁଁ ତାଙ୍କର ପ୍ରାଣବାୟୁ ଉଡିଗଲା । ପରାଧୀନ ଭାରତମାତାର ଚରଣ କମଳେ ଲୋଟି ପଡ଼ିଲା – ଶେଷ ବେଳେ ତାଙ୍କ ମୁହଁରୁ ବାହାରି ଆସିଲା - ବନ୍ଦେ ମାତରମ୍– ଭାରତମାତା କି ଜୟ ! ସେ ହେଲେ ଦେଶମାତୃକାର ଅମର ଶହୀଦ । ପରେ ବୀରେନ୍ ଓ ମନୋରଂଜନଙ୍କ ସ୍ୱତନ୍ତ୍ର କୋର୍ଟରେ ବିୟର ହୋଇ ସେହିବର୍ଷ ନଭେମ୍ବର ୧୬ରେ ବାଲେଶ୍ୱର ଜେଲ୍‌ରେ ଫାଶୀ ଦିଆଯାଇଥିଲା । ଏଥିସହ ଯତୀଶ ପାଲଙ୍କୁ କଳାପାଣି ଓ ଆଜୀବନ କାରାଦଣ୍ଡାଦେଶ ହୋଇ ଆଣ୍ଡାମାନ ନିକୋବର ଜେଲକୁ ପଠାଇ ଦିଆଯାଇଥିଲା ।



ଜେଲ୍‌ରେ ଅକଥନୀୟ ନିର୍ଯ୍ୟାତନା ଓ ଆସନ୍ନ ପ୍ରସବା ପତ୍ନୀଙ୍କ ଦୁର୍ଦ୍ଦଶା କଥା ଚିନ୍ତାକରି ସେ ପାଗଳ ହୋଇ ଯାଇଥିଲେ – ଓଡିଶାର ବ୍ରହ୍ମପୁର ଜେଲକୁ ସ୍ଥାନାନ୍ତରିତ ହୋଇଥିଲେ ୧୯୩୦ ରେ ସେ ପ୍ରାଣତ୍ୟାଗ କରିଥିଲେ । ଏହା ହିଁ ଥିଲା ବୀର ବାଘାଯତୀନ୍ ଓ ତାଙ୍କ ସାଥୀଗଣଙ୍କର ରକ୍ତତୀର୍ଥ ଚଷାଖଣ୍ଡ ଠାରେ ଇଂରେଜମାନଙ୍କ ବିରୋଧରେ ଦୁଃସାହସିକ ସମ୍ମୁଖ ଶସସ୍ତ୍ର ସଂଗ୍ରାମ, ତ୍ୟାଗ ଓ ବଳିଦାନର ଲୋମହର୍ଷଣକାରୀ କାହାଣୀ । ତାଙ୍କର ସଂଗ୍ରାମ ଓ ବଳିଦାନର କାହାଣୀ ପରବର୍ତ୍ତୀ କାଳରେ (୧୯୨୧/୨୨) ଏ ଦେଶର ଅନେକ କ୍ରାନ୍ତିକାରୀ ଯୋଦ୍ଧା ଶହୀଦ ଭଗତ୍ ସିଂ, ଚନ୍ଦ୍ରଶେଖର ଆଜାଦ୍, ରାମପ୍ରସାଦ ବିସ୍ମିଲ୍ଲା ଆଦି ବିପ୍ଳବୀମାନଙ୍କ କ୍ରାନ୍ତିପୂର୍ଣ୍ଣ କାର୍ଯ୍ୟ ଓ ଲଢ଼େଇ ପାଇଁ ପ୍ରେରଣାର ଉତ୍ସ ହୋଇଥିଲା – ତାହା ଭଗତ୍ ସିଂଙ୍କ ଜୀବନୀରୁ ସ୍ପଷ୍ଟ ପ୍ରମାଣିତ ହୁଏ । ସେହିପରି ୧୯୩୦ ଚଟ୍ଟଗ୍ରାମ ବିଦ୍ରୋହର ନେତା – ମାଷ୍ଟରଦା ବା ସୂର୍ଯ୍ୟସେନ ଓ ରାସବିହାରୀ ବୋଷଙ୍କ ଆଇଏନ୍ ବାହିନୀ ଗଠନ ତଥା ମହାନ ଦେଶଭକ୍ତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆଜାଦ୍ ହିନ୍ଦ୍ ଫୌଜର ଦୁର୍ବାର ଅଭିଯାନ ଓ ଦିଲ୍ଲୀଚଲୋ ଡାକରାକୁ କିଭଳି ପ୍ରଭାବିତ କରିଥିଲା ସେ ସଂପର୍କରେ "ରକ୍ତାକ୍ତ ବିପ୍ଳବରେ ଭାରତବର୍ଷ" ସଶସ୍ତ୍ର ମୁକ୍ତିସଂଗ୍ରାମର ଇତିହାସରେ ଯଥେଷ୍ଟ ଉଲ୍ଲେଖ ରହିଛି । ୧୯୨୧ ସେପ୍ଟେମ୍ବର-୯ପଞ୍ଜାବଠାରେ ଶହୀଦ ଭଗତ୍ ସିଂ ଏବଂ ୧୯୨୯ ମସିହା ସେପ୍ଟେମ୍ବର ୯ କଲିକତାସ୍ଥ ଆଲବର୍ଟ ହଲ୍ (ବର୍ତ୍ତମାନର କଫିହାଉସ୍) ଠାରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଶହୀଦ ବୀର ବାଘାଯତୀନଙ୍କ ବଳିଦାନ ଦିବସକୁ ବୀରତାବର୍ଷ ପାଳନ କରିବା ଅବସରରେ ଅଗ୍ନିବର୍ଷୀ ବକ୍ତବ୍ୟ ନେଇ ଉପସ୍ଥିତ ଜନତା ଓ ଯୁବସମାଜକୁ ବିପ୍ଳବୀ ବାଘାଯାତୀନଙ୍କ ଦେଶପ୍ରେମ ଓ ବଳିଦାନର ଆଦର୍ଶରେ ଅନୁପ୍ରାଣୀତ ହେବାପାଇଁ ଆହ୍ୱାନ ଦେଇଥିଲେ । ଏହି ସମସ୍ତ ଘଟଣା ପ୍ରବାହରୁ ପ୍ରମାଣିତ ହୁଏ ସୀମାହୀନ ବିପ୍ଳବର ଅନିର୍ବାଣ ଦୀପଶିଖା ବିପ୍ଳବୀ ବାଘାଯତୀନଙ୍କ ପ୍ରଥମ ସମ୍ମୁଖ ସଶସ୍ତ୍ର ମୁକ୍ତି ସଂଗ୍ରାମ କିଭଳି ଏ ଦେଶର ମୁକ୍ତି ସଂଗ୍ରାମର ଦୁର୍ବାର ପଥକୁ ତ୍ୱରାନ୍ୱିତ କରିଥାଏ । ୧୯୩୮ ମସିହାରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲିକତାରୁ କଟକ ଓ ପୁରୀ ଆସିଥିବା ବେଳେ ବାଟରେ ବାଲେଶ୍ୱର ଠାରେ ଓହ୍ଲାଇ ତତ୍କାଳୀନ ମୁନିସ୍ପାଲ୍ ଚେୟାରମ୍ୟାନ ପ୍ରିୟନାଥ ସରକାରଙ୍କ ଘରେ ରହଣୀ ସାଙ୍ଗକୁ 'ରଣଭେରୀ' ପତ୍ରିକାକୁ ଉଦ୍‌ଘାଟନ କରିଥିଲେ । ସେଦିନ ସଂଧାରେ ସେ ବାଲେଶ୍ୱର ଟାଉନ୍‌ହଲ୍ ଠାରେ ଏକ ବିଶାଳ ଜନସଭାକୁ ସମ୍ବୋଧିତ କରି କହିଥିଲେ "ବନ୍ଧୁଗଣ ! ଏବେ ସମୟ ଉପନୀତ ଦୁର୍ବାର ସଂଗ୍ରାମ ଦ୍ୱାରା ଆମକୁ ବ୍ରିଟିଶରୁ ବିଷଦନ୍ତ ଭାଙ୍ଗିବାକୁ ହେବ ଏବଂ ଭାରତ ମାଟିରୁ ସଶସ୍ତ୍ର ବିପ୍ଳବ ଜରିଆରେ ବ୍ରିଟିଶ୍ ମାନଙ୍କୁ ତଡିବାକୁ ପଡିବ" ।

+ କ୍ରାନ୍ତୀକୁଟୀର ନିଜ ଗାଁ - ବାଲିବିଲି, ପୋ- ଚାନ୍ଦମଣି ବାଲିଆପାଳ, ଜିଲ୍ଲା- ବାଲେଶ୍ୱର

# ଜିନ୍ନତର ସଫଳ ଅଭିଯାନ



## ଇଂ ସତ୍ୟନାରାୟଣ ମାଝୀ

ମହାରାଷ୍ଟ୍ରର ତାଡୋବା-ଅନ୍ଧାରୀ ବ୍ୟାଘ୍ର ପ୍ରକଳ୍ପ ଘଞ୍ଚ ଜଙ୍ଗଲରୁ ଓଡ଼ିଶାର ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପକୁ ବାଘୁଣୀ 'ଜିନ୍ନତ'ର ସ୍ଥାନାନ୍ତରଣ ଆଧୁନିକ ଭାରତର ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସଫଳତାର କାହାଣୀ ଭାବେ ଉଭା ହୋଇଛି ।ଜିନ୍ନତ ମହାରାଷ୍ଟ୍ରର ପ୍ରଚୁର ଶିକାର ଭରା 'ତାଡୋବା-ଅନ୍ଧାରୀ ବ୍ୟାଘ୍ର ପ୍ରକଳ୍ପ' ରେ ୨୦୨୧ ମସିହାରେ ଜନ୍ମଗ୍ରହଣ କରିଥିଲା । ସ୍ଥାନାନ୍ତରଣ ସମୟରେ ଜିନ୍ନତର ବୟସ ନଭେମ୍ବର ୨୦୨୪ ବେଳକୁ ପ୍ରାୟ ୩ ବର୍ଷ ହୋଇଥିଲତାଡୋବା-ଅନ୍ଧାରୀ ବ୍ୟାଘ୍ର ପ୍ରକଳ୍ପରେ ପଶୁ ଚିକିତ୍ସକ ଓ ଟ୍ରାକରମାନଙ୍କ ଅନୁସାରେ ସେ ଅତ୍ୟନ୍ତ ବୁଦ୍ଧିମତୀ, ସତର୍କ, ମଣିଷ ପ୍ରତି ଅନାକ୍ରାମକ ଏବଂ ପ୍ରାକୃତିକ ଜଙ୍ଗଲରେ ଶିକାର କରିବାରେ ଅତ୍ୟନ୍ତ ନିପୁଣା । ବର୍ତ୍ତମାନର ଓଡିଶା ସରକାର ଜିନ୍ନତକୁ ଶିମିଳିପାଳ ଆଣିବାର କାରଣ କ'ଣ ଓଡ଼ିଶାର ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ (STR) ରେ ବାଘମାନଙ୍କ ମଧ୍ୟରେ ଗମ୍ଭୀର ବଂଶଗତ ସମସ୍ୟା ଦେଖା ଦେଇଥିଲା । ସମାନ ବଂଶାନୁକ୍ରମିକ ପ୍ରଜନନ ହେତୁ ଏଠାକାର ସ୍ଥାନୀୟ ବାଘମାନଙ୍କ ମଧ୍ୟରେ କଳା ବାଘ ଭଳି ବିରଳ ଜିନ୍ ଗତ ପରିବର୍ତ୍ତନ ଦେଖିବାକୁ ମିଳୁଥିଲା । ଏହି ବଂଶଗତ ଦୁର୍ବଳତାକୁ ରୋକିବା ପାଇଁ, ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ) ଏବଂ ଓଡ଼ିଶା ବନ ବିଭାଗ ମିଳିତ ଭାବେ 'ଟାଇଗର ସପ୍ଲିମେଣ୍ଟେସନ୍ ପ୍ରୋଗ୍ରାମ' ଆରମ୍ଭ କରିଥିଲେ । ୫ ବର୍ଷ ମଧ୍ୟରେ ମଧ୍ୟ ଭାରତରୁ ୬ଟି ଜିନ୍‌ଗତ ଭିନ୍ନତା ଥିବା ବାଘ (୫ଟି ମାଈ ଓ ୧ଟି ଅଣ୍ଡିରା) ଆଣିବା ଏହି ଯୋଜନାର ଲକ୍ଷ୍ୟ ଥିଲା । ଏହି ନୂତନ ଜିନ୍ ସଂଚାର ପାଇଁ 'ଜିନ୍ନତ' ସହିତ 'ଯମୁନା' ନାମ୍ନୀ ଆଉ ଏକ ବାଘୁଣୀକୁ ବଛାଯାଇଥିଲା । ତାଡୋବା-ଅନ୍ଧାରୀ ବ୍ୟାଘ୍ର ପ୍ରକଳ୍ପରୁ ୧୦୦୦ କିଲୋମିଟରର ରାଜ୍ୟ-ପାର ଯାତ୍ରା ଜିନ୍ନତ ୧୩ ନଭେମ୍ବର ୨୦୨୪ ରେ ଶିମିଳିପାଳରେ ପହଞ୍ଚିଥିଲା ଏବଂ ସ୍ଥାନୀୟ ପରିବେଶ ସହ ଖାପ ଖୁଆଇବା ପାଇଁ ପ୍ରଥମେ 'ଏକ ସଫ୍ଟ-ରିଲିଜ୍ ଏନକ୍ଲୋଜର'ରେ ରଖା ଯାଇଥିଲା । ତେବେ ଡିସେମ୍ବର ୨୦୨୪ ପ୍ରାରମ୍ଭରେ ତାକୁ ସମ୍ପୂର୍ଣ୍ଣ ଜଙ୍ଗଲକୁ ଛଡ଼ାଯିବା ପରେ ଅଜଣା ପରିବେଶ ଅନୁସନ୍ଧାନ କରିବାର ତାର ପ୍ରାକୃତିକ ପ୍ରବୃତ୍ତି ଜାଗ୍ରତ ହୋଇଥିଲା । ୭ ଡିସେମ୍ବର ୨୦୨୪ ବେଳକୁ ଜଙ୍ଗଲ ମଧ୍ୟକୁ ଛଡ଼ାଯିବା ପରେ ଜିନ୍ନତ ଶିମିଳିପାଳର ଉତ୍ତର-ପଶ୍ଚିମ ଦିଗକୁ ଗତି କରିବା ଆରମ୍ଭ କଲା । ୮ ରୁ ୨୮ ଡିସେମ୍ବର ୨୦୨୪, ୩ଟି ରାଜ୍ୟରେ ପରିଭ୍ରମଣ ଯଥା ଓଡ଼ିଶା, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗ (ଝାଡ଼ଗ୍ରାମ, ପୁରୁଲିଆ, ବାଙ୍କୁଡ଼ା) ଦେଇ ପ୍ରାୟ ୩୦୦ କିଲୋମିଟର ଅତିକ୍ରମ କଲା । କୌଣସି ମଣିଷ-ବାଘ ବିବାଦ ସୃଷ୍ଟି ନକରି ସେ ସମ୍ପୂର୍ଣ୍ଣ ଭାବେ ପ୍ରାକୃତିକ ଶିକାର ଓ ଜଙ୍ଗଲ ଉପରେ ନିର୍ଭର କରିଥିଲା । ୨୯ ଡିସେମ୍ବର, ୨୦୨୪ ରୁ ଏପ୍ରିଲ ୨୦୨୫ ତିନି ସପ୍ତାହର ବହୁ-ରାଜ୍ୟ ଅପରେସନ୍ ପରେ ପଶ୍ଚିମବଙ୍ଗର ଗୋପାଳପୁର ଗାଁ ନିକଟରୁ ତାକୁ ଟ୍ରାଙ୍କୁଲାଇଜ୍ (ନିଶ୍ଚେତକ) କରାଯାଇ ଶିମିଳିପାଳକୁ ଫେରାଇ ଅଣାଗଲା ଏବଂ କୋର୍ ଅଞ୍ଚଳରେ ପୁନଃ ଛଡ଼ାଗଲା । ବନ୍ୟପ୍ରାଣୀ ସଂରକ୍ଷଣର ଏକ ବିଜୟ

ପରିବେଶ ଛାଡ଼ିବା ପରିବର୍ତ୍ତେ, ଜିନତ ଶିମିଳିପାଳର କୋର୍ ଅଞ୍ଚଳରେ ଅଧିବାସୀ ଏକ ଅଣ୍ଡିରା ବାଘ ସହିତ ନିଜର ଆସ୍ଥାନ ଜମାଇଥିଲା । ମଇ ୨୦୨୬ ରେ କ୍ୟାମେରା ଟ୍ରାପ୍ ଚିତ୍ରରୁ ସ୍ପଷ୍ଟ ହୋଇଥିଲା ଯେ ଜିନ୍ନତ ୪ଟି ସୁସ୍ଥ ଛୁଆ (ଶାବକ)କୁ ଜନ୍ମ ଦେଇଛି । ଏହା ଶିମିଳିପାଳରେ ଛୁଆ ବାଘଙ୍କ ସଂଖ୍ୟା ୧୨ ରୁ ୧୬ କୁ ବୃଦ୍ଧି କରିବା ସହ ଓଡ଼ିଶାର ଜିନ୍ ଗତ ଉଦ୍ଧାର ଯୋଜନାର ପ୍ରଥମ ବଡ଼ ସଫଳତା ଚିହ୍ନିତ ଇଲାକା ଶିମିଳିପାଳ ଅଭୟାରଣ୍ୟର ପ୍ରଚୁର ଶିକାର ଥିବା ଅଞ୍ଚଳରେ ନିଜର ନିଜସ୍ୱ ସତନ୍ତ୍ର ଇଲାକା ତିଆରି କରିପାରିଛି, ଯାହା ତାର ସମ୍ପୂର୍ଣ୍ଣ ଅନୁକୂଳନକୁ ଦର୍ଶାଏ । ଅଗଷ୍ଟ ୨୦୨୬ରେ ବନ ବିଭାଗ ଅଧିକାରୀମାନେ ତାକୁ ସମ୍ପୂର୍ଣ୍ଣ ଭାବେ ସ୍ଥାୟୀ ଘୋଷଣା କରି ତାର ବେକରେ ଲାଗିଥିବା ରେଡିଓ କଲାରକୁ ରିମୋଟ୍ ସାହାଯ୍ୟରେ ହଟାଇବା ପାଇଁ ଯୋଜନା ପ୍ରକାଶ କରିଥିଲେ । ବନ ବିଭାଗର ସହଯୋଗ ଓ ଅବଦାନ ଜିନ୍ନତର କାହାଣୀର ସଫଳତା ପଛରେ ବିଭିନ୍ନ ରାଜ୍ୟର ବନ ବିଭାଗର ମିଳିତ ସହଯୋଗ ଓ କାର୍ଯ୍ୟକାରିତା ରହିଛି । ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡ ବନ ବିଭାଗର ମିଳିତ ଟ୍ରାକିଂ ଟିମ୍ ସାଟେଲାଇଟ୍ ଜିପିଏସ୍ ରେଡିଓ କଲାର୍ ଏବଂ ଭିଏଚ୍‌ଏଫ୍ ଟେଲିମେଟ୍ରି ବ୍ୟବହାର କରି ୨୪ ଘଣ୍ଟା ନଜର ରଖିଥିଲେ । ଶିମିଳିପାଳ ଫିଲ୍ଡ ଡାଇରେକ୍ଟର ପ୍ରକାଶଚାନ୍ଦ ଗୋଗିନାନୀଙ୍କ ସହିତ ଅନ୍ୟାନ୍ୟ ବନ ଅଧିକାରୀ ଓ ପ୍ରାଣୀ ଚିକିତ୍ସକମାନେ ତୁରନ୍ତ ହସ୍ତକ୍ଷେପ ନକରି ସଂଯମତା ଦେଖାଇଥିଲେ । ଯାହା ଜିନ୍ନତକୁ ବିନା କୌଣସି 'ଭୟଙ୍କର/ସଂଘର୍ଷକାରୀ ପଶୁ' ର ଆଖ୍ୟା ନଦେଇ ମୁକ୍ତ ଭାବେ ବୁଲିବାକୁ ସୁଯୋଗ ଦେଇଥିଲା । ମାନବ ବସତି ଥିବା ସୀମାନ୍ତ ଅଞ୍ଚଳଗୁଡ଼ିକରେ ବନ କର୍ମଚାରୀମାନେ ଗ୍ରାମବାସୀଙ୍କୁ ସଚେତନ କରିଥିଲେ । ଯାହା ଦ୍ୱାରା ବାଘୁଣୀ କିମ୍ବା ସ୍ଥାନୀୟ ଲୋକଙ୍କର କୌଣସି କ୍ଷତି ହୋଇନଥିଲା ।ଜିନ୍ନତର ଏହି ସଫଳ ଅଭିଯାନ ପୂର୍ବ ଭାରତରେ ବନ୍ୟ ବାଘ ସଂରକ୍ଷଣର ଏକ ଆକାଂକ୍ଷାପୂର୍ଣ୍ଣ ଜିନ୍ ଗତ ପରୀକ୍ଷଣକୁ ବାସ୍ତବ ସଫଳତାରେ ପରିଣତ କରିପାରିଛି ।

+ସ୍ଥାୟୀ କମିଟି ସଦସ୍ୟ, ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ୍,
ଏକତାଳୀ, ଯଶିପୁର, ମୟୂରଭଞ୍ଜ
ମୋ: ୯୪୩୮୫୩୭୦୧୩




## ସେ ଝିଅଟିର ଦୋଷ କ'ଣ ?

### ଜଗଦୀଶ ସାହୁ



ସକାଳ ହେବା ଆଗରୁ
ଉଠିଯାଏ ସେ ଝିଅ,
ମାଆର ଆଖିର ଲୁହ ପୋଛି
ଚୁଲିରେ ଜାଳେ ଅନଳ ।

ବହି ଖାତା ଥାଏ ତା' ପାଖେ,
ହେଲେ ସ୍କୁଲ ଯିବାର ସମୟ ନାହିଁ,
ଛୋଟ ଭାଇର ହାତ ଧରି
ସେ ନିଜ ଶୈଶବକୁ ଖୋଜେ କାହିଁ ?

ବାପା ଯାଇଛି ଦୂର ସହରକୁ
ଦୁଇ ମୁଠା ଭାତ ପାଇଁ,
ମାଆ ଦିନସାରା ମଜୁରି କରେ,
ଘରଟା ଚାଲେ ତା'ର ହାତ ଧରି ।

ଦିନେ ଦିନେ ଗାଁର ଲୋକ
କହନ୍ତି "ଝିଅଟି ବଡ଼ ହେଲାଣି,
ଆଉ କେତେ ପଢ଼ାଇବ ?
ବାହା ଦେଇଦିଅ, ଦାୟିତ୍ୱ
ତ ସରିଲାଣି ।"

ସେ ଚୁପ୍ ରହେ,
କାରଣ ତା'ର ସ୍ୱପ୍ନଠାରୁ
ପରିବାରର ଅଭାବ ବଡ଼,
ତା'ର ଇଚ୍ଛାଠାରୁ
ସମାଜର ନିୟମ ଭାରି କଠୋର ।

ରାତିରେ ସମସ୍ତେ ଶୋଇଗଲେ
ସେ ଚୁପ୍‌ଚାପ୍ ବହି ଖୋଲେ,
ସ୍ୱଳ୍ପ ଦୀପ ଆଲୁଅରେ
ନିଜ ଭବିଷ୍ୟତ ଖୋଜେ ।

ତା' ଖାତାର ଶେଷ ପୃଷ୍ଠାରେ
ଗୋଟିଏ ଧାଡ଼ି ଲେଖା,

"ମୋତେ ବାହା ଦେବା ପୂର୍ବରୁ
ଥରେ ପଚାରିବ
ମୋର କ'ଣ ଇଚ୍ଛା ।

ସେ ପ୍ରଶ୍ନଟି ଆଜି ବି
ଗାଁର ପବନରେ ଘୁରୁଛି,
ସ୍କୁଲର ଖାଲି ବେଞ୍ଚରେ ବସିଛି,
ଆଉ ପ୍ରତ୍ୟେକ ବାପା-ମାଆଙ୍କୁ
ନିରବରେ ପଚାରୁଛି:

"ଝିଅ ହୋଇ ଜନ୍ମ ନେବାଟା
କ'ଣ ମୋର ଦୋଷ ଥିଲା ?
ନା...
ସ୍ୱପ୍ନ ଦେଖିବାଟା ?"

+ଜେଲରୋଡ଼, ବାଲେଶ୍ୱର

## ଭଲ କାମ କର ଓ ସମସ୍ତଙ୍କ ଭିତରେ ଭଲ କାର୍ଯ୍ୟକୁ ଦେଖ

**ଅନୀତା ପଟ୍ଟନାୟକ**





ଆଇନ ବିଦ୍ୟାଳୟରୁ, ଆଇନଗତ ଯୋଗ୍ୟତା ହାସଲ କରିବା ପରେ ଭଲ ଓକିଲାତି ଶିକ୍ଷା କରିବାକୁ ହେଲେ ଜଣେ ବରିଷ୍ଠ ଓକିଲଙ୍କ ନିକଟରେ କିଛି ଦିନ କାର୍ଯ୍ୟ କରିବାକୁ ପଡ଼ିଥାଏ। ସେହିପରି ଘଟିଥିଲା ରାମେଶ୍ୱର ବାବୁଙ୍କ ନିକଟରେ। ସେ ଓକିଲାତିରେ ଯୋଗ ଦେବା ସମୟରେ ବରିଷ୍ଠ ଓକିଲ ରାମେଶ୍ୱର ବାବୁଙ୍କୁ ମଜାରେ କହିଥିଲେ ଯେ ଆଇନକୁ ନିଜ ସପକ୍ଷରେ ବାଢ଼ିପାରେ, ସେହିଁ ଜଣେ ଆଇନଜ୍ଞ କିନ୍ତୁ ଆଇନକୁ ପ୍ରୟୋଗ କରିବା ପୂର୍ବରୁ ଘଟଣା ଉପରେ ତୁମର ସଂପୂର୍ଣ୍ଣ ଦଖଲ ରହିବା ଦରକାର। ଏହାକୁ ଇଂରାଜୀରେ 'Marshalling of facts' କୁହାଯାଏ। ରାମେଶ୍ୱର ବାବୁ ଏହାକୁ ବେଦରଗାର ବୋଲି ମାନି ଚାଲିଲେ ଓ ନିଜକୁ ସହରର ଜଣେ ପ୍ରତିଷ୍ଠିତ ଓକିଲ ଭାବେ ପ୍ରତିପାଦିତ କରିପାରିଲେ।

ଦିନ ଗଡ଼ିଚାଲିଲା, ସେ ତାଙ୍କର ଜଣେ ବନ୍ଧୁ, ଆଶ୍ରୟ ବାବୁଙ୍କୁ ଭେଟିଲେ। ତାଙ୍କ ପରେ ଜଣେ ସାଧୁଙ୍କର ଫଟୋ ଦେଖି ତାଙ୍କର ଆଶ୍ରମ କେଉଁଠାରେ ବୁଝିଲେ। କଥା ଛଳରେ ରାମେଶ୍ୱର ବାବୁ କହିଲେ ତୁମର ଏ ସାଧୁବାବା ପ୍ରେମର ସମୁଦ୍ର ପରି ଦିଶୁଛନ୍ତି। ସଙ୍ଗେ ସଙ୍ଗେ ଆଶ୍ରୟ ବାବୁ କହିଲେ ତୁମେ ମୋର ଆରାଧ୍ୟଙ୍କୁ ସମୁଦ୍ର ସହିତ କାହିଁକି ତୁଳନା କରୁଛ, ସେ ତ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ। ଏହି ପଦିଏ କଥାରୁ ଓକିଲ ରାମେଶ୍ୱରବାବୁ ଜାଣିପାରିଲେ ଆଶ୍ରୟ ବାବୁ ସାଧୁଙ୍କ ଠାରୁ ସବୁ ଭଲ କଥା ଶିଖିଛନ୍ତି। ସେ ତାଙ୍କ ଠାରୁ ଆଉ ମଧ ଜାଣିବାକୁ ପାଇଲେ ମହାନ ସାଧୁଙ୍କର ଏହି ସହରରେ ଗୋଟିଏ ସେବାକେନ୍ଦ୍ର ଖୋଲାଯାଇଛି। କିଛି ଦିନ ଗଲାପରେ ରାମେଶ୍ୱର ବାବୁ ଜାଣିପାରିଲେ ମହାନ ସାଧୁ କହିଥିବା କଥା ଗୁଡ଼ାକ ତାଙ୍କର ବନ୍ଧୁ ଓ ଏହି ସହରରେ ଥିବା ଭକ୍ତମାନେ ତାଙ୍କର ଉପଦେଶ ଗୁଡ଼ିକୁ ସଠିକ ଭାବରେ ହୃଦୟଙ୍ଗମ ନକରି ଘଟଣାବଳୀଗୁଡ଼ିକୁ ଠିକ ଭାବରେ ନବୁଝି ଯିଏ ଯେତେବେଳେ ପାରିଲା ସାଧୁଙ୍କର ମହତବାଣୀ ଗୁଡ଼ିକୁ ନିଜ ସପକ୍ଷରେ ବାଢ଼ୁଛନ୍ତି। ଅପରପକ୍ଷରେ କହିବାକୁଗଲେ ମହତବାଣୀ ଗୁଡ଼ିକର ପ୍ରୟୋଗ ଭକ୍ତମାନଙ୍କ ମଧ୍ୟରେ ଆଦୌ ନଥିଲା ଭଳି ଜଣା ପଡୁଥିଲା। ଏହାର ଏକ ଜ୍ୱଳନ୍ତ ଉଦାହରଣ ଥିଲା ଯେ ସାଧୁଙ୍କ ଭକ୍ତମାନେ ସାଧୁଙ୍କୁ ଭଲ ପାଉଥିବା ଓ ପୂଜା କରୁଥିବାର ଡିଣ୍ଡିମି ପିଟୁଥିଲେ ମଧ କାର୍ଯ୍ୟ ବ୍ୟସ୍ତତାର ଆଳ ଦେଖାଇ ନିଜ ନିଜ ମଧ୍ୟରେ ଚାନ୍ଦା ଆଦାୟ କରି ଜଣେ ପୂଜକ ରଖିଥିଲେ ଓ ତାକୁ ମାସିକ ତିନିହଜାର ଟଙ୍କା ବେତନ ଦେଉଥିଲେ। ରାମେଶ୍ୱର ବାବୁ ପଚାରିଲେ ଏପରି କାହିଁକି ଦେଉଛ? ଆଶ୍ରୟ ବାବୁ କହିଥିଲେ ସାଧୁ କହିଛନ୍ତି ତାଙ୍କୁ ହୃଦୟରେ ରଖ ଓ ବାହ୍ୟ ଆଡ଼ମ୍ବର ପୂଜାର କି ମୂଲ୍ୟ? ସିଗାରେଟ ଟାଣୁଥିବା ଭକ୍ତ ଅନ୍ୟ ଭକ୍ତମାନଙ୍କୁ ସିନେମା, ସିଗାରେଟ ଓ କାର୍ଡ଼ ଖେଳିବା, କିପରି ସାଧୁ ମନା କରିଛନ୍ତି ସେ ବିଷୟରେ ଦୀକ୍ଷାନ୍ତ ଭାଷଣ ଦିଅନ୍ତି ଓ ଅନ୍ୟ ପକ୍ଷରେ ରାମେଶ୍ୱର ବାବୁ ଦେଖିଲେ ସାଧୁ ଅତ୍ୟନ୍ତ ପବିତ୍ର ଥିଲେ କିନ୍ତୁ ଭକ୍ତମାନଙ୍କର କଥା, କର୍ମ ଓ କାର୍ଯ୍ୟରେ ସମନ୍ୱୟ ରହୁନଥିଲା। ରାମେଶ୍ୱର ବାବୁ ତାଙ୍କ ଘରେ ମଧ ଭକ୍ତ ସାଧୁଙ୍କର ଏକ ସଂସ୍ଥା ଖୋଲି ଦେଲେ। ସେଠାରେ ସାଧୁଙ୍କର ଭଜନ କୀର୍ତ୍ତନ ଚାଲିଲା।

ଥରେ ରାମେଶ୍ୱର ବାବୁଙ୍କ ବୋହୂ ଓଢ଼ଣା ନଦେଇ ପ୍ରସାଦ ପରିବେଷଣ କରୁଥିଲା ଓ ସେ ଖୁସିରେ ଭକ୍ତ ଫଟୋଟିକୁ ରାମେଶ୍ୱର ବାବୁଙ୍କୁ ଫୋନ ଜରିଆରେ ପଠାଇଲା। ରାମେଶ୍ୱର ବାବୁ ତାଙ୍କ ଘର ନିକଟରେ ରହୁଥିବା ଜଣେ ଭଉଣୀକୁ ସେହି ଫଟୋ ଦେଖାଇ କହିଲେ ବୋହୂକୁ ଟିକେ ଶିଖାଇ ଦେବେ କିପରି ଓଢ଼ଣା ଦେଇ ବାଢ଼ିବାକୁ ହୁଏ। ଏକଥା ଜାଣିପାରି ବୋହୂଟି ଖୁବ ରାଗିଗଲା। ସେ କହିଲା ତାର ଏପରି ଫଟୋ ପାଖ ପଡ଼ୋଶୀଙ୍କୁ ଦେଖାଇବା କଣ ଦରକାର ଥିଲା ବାପା। ତୁମେ ଭୁଲ କରିଛ, ଏହି ଛୋଟ କଥାଟି ଉଗ୍ର ରୂପ ନେଲା। ରାମେଶ୍ୱର ବାବୁଙ୍କ ସ୍ତ୍ରୀ କହିଲେ ତମେ ଏପରି କରିବା ଉଚିତ ନଥିଲା। ପୁଅ ମଧ ଅନୁରୂପ କଥା କହିଲା ରାମେଶ୍ୱର ବାବୁ କିଛି ବୁଝିପାରିଲେ ନାହିଁ। ସଂଗଠନରେ ଅନ୍ୟକୁ ସଜାଡ଼ିବା ପାଇଁ ସାଧୁଙ୍କର ଅନେକ ଉପଦେଶ ଦିଆଯାଏ। ସେ କଣ ବା ଭୁଲ କଲେ? ସେ ସାଧୁଙ୍କ ଆଶ୍ରମରେ ଦେଖିଛନ୍ତି। ସାଧୁ ବାହାରୁଥିବା ସମୟରେ ଦର୍ଶନାଭିଳାଷୀ ମହିଳା ଭକ୍ତମାନେ ଅନ୍ୟ ମହିଳା ମାନଙ୍କ ମୁଣ୍ଡରେ ଓଢ଼ଣା ଦେଇ ଦିଅନ୍ତି।

ରାମେଶ୍ୱର ବାବୁ ତାଙ୍କର ବନ୍ଧୁ ଆଶ୍ରୟବାବୁଙ୍କ ସହିତ ମହାନ ସାଧୁଙ୍କ ଆଶ୍ରମକୁ ବୁଲିଗଲେ। ତାଙ୍କ ମନରେ ସେହି ଛୋଟ ଦ୍ୱନ୍ଦଟି ସବୁବେଳେ ଉଙ୍କି ମାରୁଥିଲା। ସେ ଭାବୁଥିଲେ ମୁଁ ବୋହୂର ଓଢ଼ଣା ଦିଆ କଥା କହି କଣ ଭୁଲି କରିଛି? ସେ ଆଶ୍ରମର ସଦର ଫାଟକରେ ଦେଖିଲେ ଲେଖାଯାଇଛି 'Be good, do good, see good that is the wayb to God' ଭଲ ହୁଅ, ଭଲ କର, ଓ ଭଲ ଦେଖ। ତାହା ହିଁ ଭଗବାନଙ୍କ ନିକଟକୁ ଯିବା ପାଇଁ ରାସ୍ତା। ଆଉ କିଛି ବାଟ ଆଗେଇବା ପରେ ସେ ଦେଖିଲେ ଲେଖା ଯାଇଛି **'Do not try to nchange others but try chage yourslef'** ଅନ୍ୟକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କର ନାହିଁ। ନିଜକୁ ପରିବର୍ତ୍ତନ କର ଓ ଆଶ୍ରମର ମୁଖ୍ୟସ୍ଥାନରେ ଦେଖିଲେ ଲେଖଯାଇଛି Help ever Hurt never (Love all Serve all) ଏଥର ରାମେଶ୍ୱର ବାବୁ ନିଜର ଭୁଲ ବୁଝିପାରିଲେ ଯେ ସେ ଭଲକଥା ଦେଖି ନାହାଁନ୍ତି ନିଜକୁ ପରିବର୍ତ୍ତନ କରିବାକୁ ଚେଷ୍ଟା ନକରି ଅନ୍ୟକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରିଛନ୍ତି। ଅନ୍ୟ ମନରେ ଆଘାତ ଦେଇଛନ୍ତି। ସେହିଦିନ ଠାରୁ ସେ ଅନ୍ୟ କାହାକୁ ଉପଦେଶ ଦେଲେ ନାହିଁ। ଭଲ କଥା ଦେଖିବାକୁ ଚେଷ୍ଟା କଲେ ଓ ଅନ୍ୟ ମନରେ ଆଘାତ ଦେଲେ ନାହିଁ ଓ ସଂପୂର୍ଣ୍ଣ ନୀରବ ରହିବାକୁ ଭଲ ପାଇଲେ।


+ ଅବସରପ୍ରାପ୍ତ ପ୍ରଧାପିକା, ସିଡ଼ିଏ,
କଟକ,
ମୋ : ୯୬୯୨୯୮୦୦୨୬


## ଅମାବାସ୍ୟାର ଜହ୍ନ

**ସରିତା ପ୍ରଧାନ**

ମାର୍ଚ୍ଚ ଆଠ ତାରିଖ 'ନାରୀ ପାଇଁ
ଦିବସଟିଏ' ଧାର୍ଯ୍ୟ କରି
ପ୍ରସ୍ତୁତ ହେଉଥିଲା ତା'ର ଜୟଯାତ୍ରାର
ସମସ୍ତ ଉଦଘୋଷଣା ।
ଅଥଚ ନାରୀସଂଜ୍ଞାର ଭିନ୍ନ ଏକ ସରଳାର୍ଥ ଲେଖି
ରାତିର ଅନ୍ଧାରକୁ ଭୁଲତାରେ ବୋଲି
ଅମାବାସ୍ୟାର ଜହ୍ନ ପରି ସେ ଉଦୟ ହୋଇଥିଲା
ନିଅନ ଆଲୁଅର ବତିଖୁଣ୍ଟ ଉହାଡରେ ।

ରକ୍ତକ ତା'ଅଙ୍ଗବାସ ।
ଧମନୀର ରକ୍ତରେ ଜରଜର ତା ବଧୂଲି ଓଠ
ଗୋଟେ ଅପାଂକ୍ତେୟତାକୁ ପାଥେୟ କରି
ରାସ୍ତାକଡ ଆଲୋକିତ ଅନ୍ଧାରରେ
କୋଣାର୍କର ନଷ୍ଟନଟୀ ଭଳି ଅଙ୍ଗଭଙ୍ଗୀ ଦେଖାଇ
ଉତ୍ତେଜିତ କରୁଥିଲା ନିସ୍ତେଜ ରାତ୍ରିର ପ୍ରହର।
ଆଖି ଇଶାରାରେ କରୁଥିଲା ଚୁକ୍ତି
ମନର ମୂଲ ନାହିଁ ଏଠି ,
ନବ ଯଦି ନିଅ ଏ ଦେହଟା ତୁମର
ରାତିକର ମଇନା ମୁଁ ,
କାମିନୀଫୁଲର ଅତର ମାଖି
ଦୂରେଇ ଦେବି କ୍ଲାନ୍ତି
ରତି ରାସ ରମଣରେ ରଙ୍ଗୀନ କରିଦେବି ରାତି
କିଏ ବାଟଭାଙ୍ଗି ଚାଲିଗଲା
କିଏ ମୁହଁ ମୋଡ଼ିଦେଲା
ପ୍ରତ୍ୟୁତ୍ତରରେ ବିଭଙ୍ଗ ତା ଓଠର ଭଙ୍ଗୀମାରେ
ଅନୁଚ୍ଚାରିତ ସ୍ୱଗତୋକ୍ତି ।

'ଜାଣେ !
ସବୁଜପାଟ ପିନ୍ଧି ପୃଥିବୀ ପରି
ପରିକ୍ଷିବାକୁ ଥିଲା ଅମୃତ
ମଥାରେ ନାଇବାକୁ ଥିଲା
ଆରକ୍ତ ଅରୁଣିମାରୁ ଧାରେ ।
ହେଲେ ମୁଁ ପରା
କୋଟି ଲାବଣ୍ୟ ନେଇ ତୁମରି
ନିପୁଣ ତୂଳୀରେ ଗଢା
ତୁମେ ଶିଳ୍ପୀ
ତୁମ ମନ୍ମନ ଚିତ୍ରପଟ୍ଟରେ ମୁଁ କଳ୍ପିତ ଚିତ୍ରଲେଖା
ତୁମେ ମୋହାବିଷ୍ଟ ହେଲ,
ମୁଁ ହେଲି ରୂପସୀ ମେନକା
ଅକାଳରେ ବୃନ୍ତଚ୍ୟୁତ କରିଦେଲ
ଝରିପଡି ରହିଗଲି ଦାଗଟିଏ ହୋଇ,
ଏ ଦାଗ ବହି ପଥଚାଲିବା ଭାରି କ୍ଲିଷ୍ଟ ବାବୁ
ବାକି ସବୁ ପୌରାଣିକ ଗାଥା ,
ହେଲା ଏବେ ଲୁଟିଗଲି କି ଲୁଟାଇ ଦେଲି
ସବୁ ଏକାକଥା ।

କାହିଁ ଭେଟିଲିନି ତ ଈଶ୍ୱର ପରି କେହିଜଣେ
ବିନା ସ୍ୱାର୍ଥରେ ବଢାଇ ଦେଇଥାନ୍ତା
ଭରସାରେ ଭୋଗଡାଲା,
ବିଶ୍ୱାସର ବେଲପତ୍ର, ପ୍ରୀତିର ପାଦୁକ
ସତ କହୁଛି,
ସାରାଆକାଶ ଟେକିଦେଇଥାନ୍ତି ତା ହାତରେ।
ପେଟଭୋକରୁ ମୁକୁଳି ପାରିଲେ ତ'
ଫୁଟି ପାରନ୍ତି ଶତକମଳର ଅନୁରାଗ ନେଇ
ନଚେତ୍ ଆଲୁଅରୁ ବାଛନ୍ଦ ହୋଇ
ଧାରେ ଅନ୍ଧାରକୁ ଆଉଜି ପଡିବାରେ
କି ସୁଖ ଭଲା।

ମୋର ପ୍ରତିଟି ମୃତ୍ୟୁ ତୁମ ଲାଗି ମୋକ୍ଷ ହେଉ
ମୋର ପ୍ରତିଟି ପୁନର୍ଗଠନ ହେଉ
ମୋ ଅହଙ୍କାରର ଆତ୍ମଦାହ
ତମର ପ୍ରତିଟି ସୂର୍ଯ୍ୟୋଦୟ
ମୋ ପାଇଁ ଅଭିଶପ୍ତ ହେଉ,
ତଥାପି ଦାତାର ଦରବାରରେ
ସ୍ୱୀକାରିଚି ନିୟତିକୁ
ଅନ୍ଧାରର ଶେଷମୋଡରେ
ଗଢିଚି ଯେଉଁ ନଷ୍ଟନୀଡ଼
ମୋ ପାଇଁ ନର୍କ ହେଲା ହେଉ
ନିଅ ତୁମକୁ ଯାଚିଦଉଚି ସ୍ୱର୍ଗ ।


ମହାନଦୀ ବିହାର (କଟକ)
ମୋ: ୯୪୩୯୬୧୯୫୫୫


## ତୁମ ସ୍ମୃତି ନିର୍ମାଲ୍ୟ ଗଣ୍ଠିଲି

**ଶୁଭଶ୍ରୀ ଜେନା**



କଥା ତୋର ମନେ ପଡେ ବାର ବାର
ତୋ କଥା ମନେ ପଡିଲେ
ମୁଁ, ମୋ ଭିତରେ
ଭାତ ହାଣ୍ଡିରେ ଚାଉଳ ଫୁଟିଲା ପରି
ଫୁଟି ଥାଏ ଗାବୁ ଗବୁ ହୋଇ।

ତତଲା ବାମ୍ଫରେ ସବୁତକ ସ୍ମୃତି
ଚୁଲିର ରଡ ନିଆଁ ଉପରେ ଢାଳି ହୋଇଯାଏ
ସେଁ ସେଁ ଶବ୍ଦରେ
ମୁଁ ପୁଣି ଇତସ୍ତତ ହୋଇପଡେ
ସାଉଁଟି ଆଣେ ସେଇ
ଦରପୋଡା ସ୍ମୃତିକୁ
ନିଆଁ ଝୁଲ ଭିତରୁ
ସେଇ ତ ମୋ
ବାକିଥିବା ଚଲାପଥର ସନ୍ତକ
ନିଆଁର ତାପ ସହି
ଗବ ସ୍ୱ ହୋଇ ଫୁଟି
ସହିଥିବା ଯନ୍ତ୍ରଣାରେ
ଆଜି ତ ସିଏ ଅନ୍ନରେ ପରିଣତ
ମହାପ୍ରସାଦ ହୋଇ ଜୀବନକୁ
ଗତିଶୀଳ କରୁଛି
ଆଉ ଯାହା ବଳିଯାଇଛି
ତାକୁ ସାଇତି ନିର୍ମାଲ୍ୟ ଗଣ୍ଠିଲି କରିଛି
ସ୍ମୃତି ଆଜି ତୁମର
ମୋ ପାଇଁ ଆଉ କଣ କି?
ସେଇ ପବିତ୍ର ନିର୍ମାଲ୍ୟ ଗଣ୍ଠିଲି।


+ ଜଗତସିଂହପୁର
ମୋ: ୭୩୮୧୪୦୨୫୨୮


## ଅକ୍ଷରରୁ ଆକାଶ ଯାଏଁ

**ପ୍ରାର୍ଥନା ଦାସ୍**



କେହି ଜଣେ ଚିନ୍ତା କରନ୍ତି
ନିରନ୍ତର ଆମ ପାଇଁ....
ନିଜର ପରି ସଭିଙ୍କୁ କୋଳେଇ ନିଅନ୍ତି
ପାତରଅନ୍ତର ନାହିଁ....
କେବେ ମାଆ ପରି ସ୍ନେହ ତ
କେବେ ପୁଣି ବାପା ପରି ଗାଳି
କେବେ ବନ୍ଧୁଟେ ପରି ଦିଅନ୍ତି ସାହସ
ତ କେବେ ଚଢ଼ାନ୍ତି ଶୂଳି....
କଳାପଟାରୁ କୋକେଇରୁ ଯାଏ
ସିଲଟରୁ ସ୍ୱାରୀ ଯାଏ..
ଜୀବନର ବର୍ଣ୍ଣବୋଧ ପଢ଼ାନ୍ତି
ସିଏ ପରା ଆମ ଗୁରୁ
ତାଙ୍କ ପରି କେହି ନାହାନ୍ତି....
ଗୁରୁ ଏକ ଆବେଗ
ସ୍ନେହ ସମ୍ମାନର ଅଧିକାରୀ
କେତେ ଯେ କଷ୍ଟ ସହି ଗଢ଼ନ୍ତି ଆମକୁ
କେହି ନୁହେଁ ତାଙ୍କ ସରି...
ଶ୍ରେଣୀ ପରୀକ୍ଷାଠୁ ଆରମ୍ଭ କରିକି
ଜୀବନ ପରୀକ୍ଷା ଲେଖିବା ..
ସବୁ ରକମର ପାଠ ସେ ପଢ଼ାନ୍ତି
କେମିତି ଜିଇଁଲେ ପାସ୍ କରିବା...
ଗୁରୁ,ଗ୍ରୀଷ୍ମ ଖରାରେ ଛତାଟିଏ
କେବେ ବର୍ଷା ବଢିର ଛାତଟିଏ
କେବେ ଶୀତକାକରର ଗରମ କମ୍ବଳ
କେବେ ଅବୁଝା ମନ ପାଇଁ ଗୀତଟିଏ..
ଅନ୍ଧାର ରାତିରେ ବତୀଟିଏ
କେବେ ଅସ୍ଥିର ମନ ପାଇଁ ଗତିଟିଏ..
କେବେ ଦୁଃଖୀର ଓଠରେ ହସଟିଏ
ନିରାଶ୍ରୟ ପାଇଁ ବାସଟିଏ
ତ କେବେ ଦିଗହରା ପାଇଁ ଧ୍ରୁବତାରା ଟିଏ...
କାହା ପାଇଁ ପୁଣି ଅମୋଘ ଅସ୍ତ୍ରଟିଏ
ଗୁରୁ ଅକ୍ଷରରୁ ଆକାଶ ଯାଏଁ ପରିବ୍ୟାପ୍ତ
ସେ ଅବର୍ଣ୍ଣନୀୟ ଅନନ୍ୟ ଗପଟିଏ .....।


+ ଯାଜପୁର


## ଦର୍ଶନ ଶାସ୍ତ୍ର ପଢୁଥିବା ସେଇ ନଅ ଝିଅ

**ସୁନନ୍ଦା ମହାନ୍ତି**



ସେଦିନ କଥାଟା ଫିଲୋସଫି ଅନର୍ସର ଝିଅ ପିଲାମାନଙ୍କ ଭିତରେ ହଇଚଇ ସୃଷ୍ଟି କରି ଦେଇଥିଲା। ଏବର୍ଷ ଦର୍ଶନ ଅନର୍ସର ନଅଟି ମାତ୍ର ଝିଅ ଭିତରୁ ନନ୍ଦିତା ଆଉ କଲେଜ ଆସିବନି। ଏମିତିରେ ନନ୍ଦିତା ଭାରି ସାଧାସିଧା କିନ୍ତୁ ଅପୂର୍ବ ସୌନ୍ଦର୍ଯ୍ୟ କୁ ଘୋଡେଇ ରଖେ ଶାଢ଼ୀ ଭିତରେ। ନିତା, ମିତା, ରୁବି ଭାରତୀ, ଗୌରୀ କି ସୁଚିତ୍ରା କି ସୁମିତ୍ରା ପରି ସେ ଆଦୌ ନୁହଁ ବରଂ କେତେକାଂଶରେ ମଧୁଛନ୍ଦା ଭଳି। ସମସ୍ତେ ଭିର୍ନ୍ନ ଭିର୍ନ୍ନ ପରିବାରର ଓ ରୁଚି ମଧ ଭିର୍ନ୍ନ ତା ସହ ସମସ୍ତେ ସମସ୍ତଙ୍କ ସଙ୍ଗେ ମିଶିପାରିବା ପାଇଁ କୋରାଖ ଯୋଗାଏ ଏଇ ନନ୍ଦିତା। ଅବସର ଥିବା ସମୟରେ ନଅ ଜଣ ଯାକ ଝିଅ ଏକାଠି ହୁଅନ୍ତି କଲେଜ ପାଖରେ ଥିବା ନନ୍ଦିତାଙ୍କ ଘରେ। କିଏ ଫ୍ରେସ ହେଉଥାଏ ତ କାହାକୁ ୱାସ ରୁମ ଦରକାର। ତା ଭିତରୁ ଗୌରୀ ଓ ସୁଚିତ୍ରା ଭାରତୀ ସହିତ ମିଶି ଏମିତି ହସାନ୍ତି ଯେ ଭୁଲିବାର ନୁହଁ ସେଦିନର ସେସବୁ ହସ କଥା । ଆଉ ଉଇଜଡ଼ମ ଇଂରାଜୀ ପତ୍ରିକା ପଢୁଥିବା ସୁମିତ୍ରା ଉପରେ ହାମୁଡ଼େଇ ପଡନ୍ତି ମଧୁଛନ୍ଦା, ମିତା, ରୁବି ଓ ନିତା। ସେମାନେ ଭାବନ୍ତି ଟିକେ ଭଲ ପଢୁଥିବା ସୁମିତ୍ରା ବୋଧହୁଏ କିଛି ମେଟାଫିଜିକ୍ସ ବା ଏଥିକ୍ସ ପାଇଁ ନୋଟ କରିବାକୁ ପାଇଗଲା। ହେଲେ ସୁମିତ୍ରାର ନୋଟ କୋଉ ତା ପାଖରେ ଥାଏ ଯେ! ମିତା ମାଗିନେଇ ଦେବି ବେବି ବୋଲି କହି ଦେଇନାହିଁ ଏଯାଏଁ। ମାଗିଲେ ଦେଇଦେବି କହି ଦିଏନାହିଁ। ସୁମିତ୍ରା କହେ ଆରେ ନା ମ ଭୂତ ଗଳ୍ପ ପଢୁଥିଲି। ମୋରି ଭଳି ଭୂତ ପ୍ରେତର ଅସ୍ତିତ୍ୱକୁ ସ୍ୱୀକାର କରୁନଥିବା ଗୋଟେ ଝିଅ ଓ ଜଣେ ଡାକ୍ତର କିପରି ମୃତ୍ୟୁ ବରଣ କଲେ ସେହି କଥା ପଢି ଦୁଃଖ ଲାଗୁଛି। ଆମକୁ ଟିକେ କହ। ହଉ ହଉ କହି ଲାଗିଆସନ୍ତି ପ୍ରାୟେ ଅଧିକାଂଶ। ସୁମିତ୍ରା କହୁଥାଏ ଆରେ ଜଣେ ଡାକ୍ତର ଥିଲେ ଯିଏ ଭୂତ କି ପ୍ରେତ ଥିବାର କଥାକୁ ଅସ୍ୱୀକାର କରୁଥିଲେ। ଦିନେ ତାଙ୍କୁ ସାଙ୍ଗ ମାନେ କହିଥିଲେ ଆଜି ଅପରେସନ ପରେ ମରିଯାଇଥିବା ଶବଟିର ଦୁଇ ହାତର ପାପୁଲିରେ ଯୀଶୁଙ୍କ ଭଳି କାନ୍ଥରେ ରଖି ଯଦି ଏକୁଟିଆ ରାତି ବାରଟାରେ କଣ୍ଟା ଦୁଇଟି ପିଟିକି ଶବ ରଖାଯାଇଥିବା ରୁମରୁ ବାହାରକୁ ଆସିପାରିବୁ ତେବେ ଆମେ ଜାଣିବୁ କି ତୁ ପ୍ରକୃତରେ ଜୀବନ ଓ ମୃତ୍ୟୁକୁ ଗୋଟେ ସାଦା କାଗଜ ଭାବି ଗଡ଼ ଜିଣିଯାଇଛୁ। ଓଃ ଏଇ କଥା କହି ସେହି ଡାକ୍ତର ନିର୍ଜ୍ଜନ ରାତିରେ ଏକାକୀ କଣ୍ଟା ଓ ହାତୁଡ଼ି ସହ ଶବ ଗୃହରେ ପହଁଞ୍ଚି ଶବର ଦୁଇ ପାପୁଲି କାନ୍ଥରେ ରଖି କଣ୍ଟା ପିଟି ସାରି ବୁଲି ପଡିଲା ବେଳକୁ କେହି ତାଙ୍କ ପିନ୍ଧିଥିବା ଧୋତି ଭିଡି ଧରିଥିଲା। ତ ଡାକ ପକେଇ ଚିତ୍କାର କଲେ ଡାକ୍ତର। କିଛି ଦୂରରେ ବାଜି ମାରିଥିବା ଅନ୍ୟ ସାଙ୍ଗମାନେ ଦୌଡ଼ି ଆସି ଦେଖିଲେ ଡାକ୍ତର ମୃତ ଆଉ ତାଙ୍କ ପିନ୍ଧା ଧୋତିର କିଛି ଅଂଶ ଶବ ହାତ ପାପୁଲି ସହ କାନ୍ଥରେ କଣ୍ଟା ଦ୍ୱାରା ପିଟି ହୋଇ ଲାଖିଛି। ଅନୁତପ୍ତ ବନ୍ଧୁମାନଙ୍କ ବିସ୍ଲେସଣ ଓ ପ୍ରତିକ୍ରିୟା ସେମାନଙ୍କ ବାଟରେ କିନ୍ତୁ ନନ୍ଦିତା ଗଦେଇ ଦିଏ ଏମିତି ସବୁ ମିଛ ହେଲେ ବି ସତର ଭୂତ ଆଧାରିତ ଗଳ୍ପ ପରି ଲାଗୁଥିବା ଘଟଣାର ପ୍ରବାହକୁ ପ୍ରକାଶିତ କରିଥିବା ଅନେକ ଉଇଜିଡମ ପତ୍ରିକା। କିଏ ସେତେବେଳକୁ ପାଉଡ଼ର ପପ ଧରି ସ୍ଥାଣୁ ପାଲଟି ଯାଉଥାଏ ତ କାହାର ହସ ମଜା ସ୍ଥଗିତ ରହିଯାଉଥାଏ। ନନ୍ଦିତା ବହୁ ଆଗରୁ ଏସବୁ ସତ ସତିକା ଭୂତ ଗପ ପଢି ସାରିଥାଏ ତ କହୁଥାଏ ଜୀବନଟା ଉପରକୁ ଗୋଟେ ସାଦା କାଗଜ ଭଳି ଅନୁଭୂତ ହେଉଥିଲେ ହେଁ ଭିତରେ ଅଲେଖା କାଳିରେ ଲେଖା ଅସଂଖ୍ୟ ଶବ୍ଦର ସମାହାର ପରା।

ନନ୍ଦିତାର ଏହି ଦର୍ଶନ ଭିତ୍ତିକ କଥା କେଇପଦ ପୁଣି ସମସ୍ତଙ୍କୁ ପ୍ରକୃସ୍ଥିତି କରୁଥିଲା ବେଳେ ସାଙ୍ଗ ସୁଚିତ୍ରା କଥାଟାକୁ ସହଜ କରିବାକୁ ଯାଇ ଗପୁଥାଏ ତାଙ୍କ ଘର ଥିବା ପୋଷା ବିଲେଇ କକି କଥା। କହୁଥାଏ ବିଲେଇ ଟା ବୁଝୁନି ଯେ ଆମେ ତାକୁ ପୋଷିଛୁ ମାନେ ଆମ ଘରେ ଯାହା ଯେତେବେଳେ ଅଛି ତାହା ଖାଇ ପିଇ ଆମ ଘରେ ହିଁ ରହି ତା ସହ ନିଜର ସମସ୍ତ ନିତ୍ୟକର୍ମ କରି ଆମରି ଘରେ ହିଁ ଚଳିବ। ପଡିଶା ଘରୁ ମାଛ ବାସ୍ନା ପାଇ କୋଉ ଛଟକ ରେ କାନ୍ଥ ରେ ଥିବା ଜଳା ଦେଇ ଖସିଯାଇ ତାଙ୍କ ଘରେ ମାଛ ଚୋରୀ କରି ଖାଇବନି ଯେ କଳି ଆଣିବ ଘରକୁ। ତା କଥା ଶୁଣି ସମସ୍ତେ ହସୁଥିଲା ବେଳେ ସମୟ ସରିଯାଏ। କ୍ଲାସ ଅଛି କହି ପୁଣି ଫେରିବାକୁ ହୁଏ ଘଣ୍ଟା ଦେଖି। ସେହି ନନ୍ଦିତା ଯିଏ ସମସ୍ତଙ୍କୁ ବାନ୍ଧି ରଖିଛି କେବେ ଉଇଜଡମ ପତ୍ରିକା ପଢ଼େଇ, କେବେ କଫି ପିଆଇ ପୁଣି କେବେ ସମୟର ସଦୁପଯୋଗ କରାଇ ସେ କାହିଁକି ଆଉ କଲେଜ ଆସିବନି! କଣ ହେଲା ବୋଲି ସମସ୍ତେ ଆଲୋଚନା ରତ ଓ ବିଷାଦଗ୍ରସ୍ତ ହୋଇ ଶେଷକୁ ନିକର୍ଷ ଖୋଜି ପାଇଲେ ଆରେ ତାକୁ ବୋଧେ ବାହା କରିଦିଆଯିବ ନା କଣ। ପାଠ ଆଧାରୁ ସାଙ୍ଗ ଝିଅଟାକୁ ଏମିତି ବାହା କରିଦେବା କଣ ଠିକ? ମଧୁଛନ୍ଦା କହୁଥାଏ ଘରର ବଡ଼ ଝିଅ ହେଲେ ସେଇ ଅସୁବିଧା ପରା। ମୁଁ ଜଣେ ଭୁକ୍ତଭୋଗି ଅଟେ । ସମସ୍ତେ ଆହା ଚୁ ଚୁ ହୋଇ ନନ୍ଦିତା ଆସିବା ବାଟକୁ ଚାହିଁ ଚାହିଁ ରହିଥିଲେ ମଧ ନନ୍ଦିତା ଆସୁନଥିଲା।

ନନ୍ଦିତା ତ ଆସୁନଥିଲା କିନ୍ତୁ ସୁମିତ୍ରା ଗୋଟେ କଥା ଜାଣିଥିଲା। ସେଦିନ ନନ୍ଦିତା ଓ ସେ ମିଶି ଲାଇବ୍ରେରୀ ରୁ ଫେରିଲା ବାଟରେ ଇକୋନୋମିକ୍ସ ଅନର୍ସର ଗୋଟେ ପୁଅ ତାଙ୍କ ଫେରିବା ବାଟରେ ଇତସ୍ତତଃ ହେଉଥିଲା ଯେମିତି ସେ ଦୁହିଁଙ୍କୁ କିଛି କହିବ। ସୁମିତ୍ରା ତାକୁ ଅଳ୍ପ ଚିହ୍ନିଥିଲା କାରଣ ସେ ତା ବଡ଼ ଭଉଣୀର ପୁତୁରା ଥିଲା। ତେଣୁ ଅପାର କିଛି ଖବର ଜଣେଇବାକୁ ସେ ଚାଁହୁଛି କି ବୋଲି ସୁମିତ୍ରା ଭାବୁଥିଲା ବେଳେ ନନ୍ଦିତାର ଯାଅଁଳା ଭାଇ ସେହି ପୁଅର ଅନର୍ସରେ ପଢୁଥିଲା ତ ସେ ମଧ ସେହି ସୂତ୍ରରେ ପୁଅଟିକୁ ଅଳ୍ପ ଜାଣିଥିଲା ତ ଭାବୁଥିଲା ସେ ତା ସାନଭାଇ ବିଷୟରେ କଣ କହିବାକୁ ଚାଁହୁଛି କି! ଏମିତି ଦୁଇସାଙ୍ଗ ଭାବୁ ଭାବୁ ପୁଅଟି ଗୋଟେ ଲଫାପା ନନ୍ଦିତା ହାତକୁ ବଢ଼େଇ ଦେଇ କ୍ଷିପ୍ର ଗତିରେ ଅଦୃଶ୍ୟ ହୋଇଯାଇଥିଲା ତ କିଛି ଜରୁରୀ ଚିଠି ହୋଇଥିବ ଭାବି ସୁମିତ୍ରା ଆଉ ସେଥି ପ୍ରତି ଧ୍ୟାନ ଦେଇନଥିଲା ବେଳେ ସେଦିନ କ୍ଲାସ ପରଠୁ ନନ୍ଦିତାର ଆଉ ଦେଖାନାହିଁ କଲେଜରେ ତ କଥାଟା କେମିତି କେମିତି ମନେହେଲା ଏବେ ସୁମିତ୍ରାକୁ। ତ ସେ ସେକଥା ସମସ୍ତଙ୍କ ଆଗରେ ପ୍ରକାଶ କରିବା ପରେ ସୁଚିତ୍ରା କହିଥିଲା ଆରେ ସେଇଟା ପ୍ରେମ ପତ୍ର ବୋଧେ। ନନ୍ଦିତା ମାଆ ଯେପରି ଖଡୁସ ସେ ଆଉ ଝିଅକୁ ପଢେଇବାକୁ ମନା କରିଥିବେ ବୋଲି ଭାରତୀ କହୁଥିଲା ବେଳେ ମିତା କହୁଥିଲା କୋଉ ପୁଅ ଟିକେ ଚିହ୍ନେଇ ଦିଅନ୍ତୁ ତ ମଜା ନିକାଲି ଦିଅନ୍ତି ତାର ! ଆଉ ଗୌରୀ କହୁଥିଲା ଚିଠିରେ କଣ ଏମିତି ଲେଖା ଥିଲା ଯେ ଏତେ ବଡ଼ ପଦକ୍ଷେପ ନେଇଗଲା ନନ୍ଦିତା। ସେ ନିଜେ ନା ତା ପରିବାର କେଜାଣି ! ମଧୁଛନ୍ଦା ସାଙ୍ଗରେ ସମସ୍ତେ ବାହାରି ପଡିଲେ ନନ୍ଦିତା ଘରକୁ। ପଚାରିବେ କଣ ଲେଖିଛି ସେ ପୁଅ ସେଥିରେ ମାନେ ସେ ଚିଠିରେ । କିଏ କହୁଥିଲା ଏଡ଼େ ମଉନ ମୁହଁ ସେ ପୁଅ ତ କିଏ କହୁଥିଲା ପାନେ ଚଖେଇଦେବା।

ନନ୍ଦିତାର ଶୁଖିଲା ମୁହଁ ଦେଖି ସୁମିତ୍ରାର ମନ ହେଉଥିଲା ତା ଅପା ପାଖକୁ ଫୋନ କରି ତା ପୁତୁରା ବିଷୟରେ ଦିପଦ କଡା ଶୁଣେଇ କହିବ କିନ୍ତୁ ମିତା କହୁଥିଲା ଆଗ ଆଣିଲୁ ସେ ଚିଠି। ସେ ଚିଠି ମୁଁ ମାଆଙ୍କ ହାତକୁ ଦେଇଥିଲି। ସେ ଖୋଲିକି ପଢ଼ିଥିବେ କି ବାବାଙ୍କୁ କଣ କହିଥିବେ କି ନାହିଁ ମୁଁ ଜାଣେନା କିନ୍ତୁ ଲଫାପା ମାଆଙ୍କ ହାତକୁ ଦେଇ ମୁଁ ସବୁକଥା କହିବା ସହ ଆଉ କଲେଜ ଯିବିନି ବୋଲି କହିଦେଇଥିଲି ବୋଲି କହି ନନ୍ଦିତା କହିଲା ତା ପରେ ମତେ ଆଉ କେହି କିଛି କହିନାଂହାନ୍ତି କେହି।ତ ଘରୁ ଅନୁମତି ନପାଇଲେ କେମିତି ଯିବି ଆଉ କଲେଜ ପାଠ ପଢିବାକୁ! ସେ ସମୟରେ ମାଉସୀ ନଥିଲେ। ସ୍କୁଲ ଯାଇଥିଲେ। ମିତା କିନ୍ତୁ ତାଙ୍କ ଦରଆଉଜା କବାଟ ଖୋଲି ବେଡ଼ ରୁମରେ ପଶି ଦେଖିପାରିଲା ଓ ଲଫାପାଟି ତଥାପି ଖୋଲା ହୋଇନଥିବା ଦେଖି ପରସ୍ପର ମୁହଁ କୁ ଚାଁହୁଁ ଚାଁହୁଁ ମାଉସୀ ଫେରିଲେ ଘରକୁ ତ ନନ୍ଦିତା ସହିତ ସମସ୍ତେ ଡରି ଗଲେ ହେଲେ ମାଉସୀ କହିଲେ ତୁମ ସମସ୍ତଙ୍କୁ ଡକାଇ ଲଫାପା ଖୋଲିବି ଭାବି ରଖିଛି। ଭଲ ହେଲା ସମସ୍ତେ ଆସିଯାଇଛ। ଖୋଲିକି ପଢ଼ ସମସ୍ତେ। ଜୀବନର ସାଦା କଗଜରେ କେତେବେଳେ କୋଉ କଥା ଲେଖିହୋଇଯାଏ ବୋଲି ସେକଥା ପାଇଁ ଆମ ପାଠ ପଢ଼ା ଛାଡ଼ିବା କଣ ଦରକାର! ତୁମେ ସବୁ ତାକୁ ବୁଝାଅ କହି ମାଉସୀ ଖାଇବାକୁ ଗଲେ। ନନ୍ଦିତା ଚା ଓ ବିସ୍କୁଟ ଦେଇ ଆମକୁ ଆପାୟିତ କରୁ କରୁ ମଧୁଛନ୍ଦା ସନ୍ତର୍ପଣରେ ଲଫାପା ଖୋଲିଲା। ଲଫପା ଭିତରୁ ବାହାରିଲା ସାଦାକାଗଜ ଖଣ୍ଡେ। ସମସ୍ତେ ହସିଲା ବେଳେ ମାଉସୀ ପହଞ୍ଚି କହୁଥିଲେ ଯା ହେଉ ତା ବାପା କି ଭାଇଙ୍କୁ ଏକଥା ମୁଁ କହିନି। ନନ୍ଦିତା ଏବେ କଲେଜ ଯାଉଥିଲା ଓ ସୁମିତ୍ରା କହିଥିଲା ଜାଣୁ ନନ୍ଦିତା ମୋ ଅପା କହୁଥିଲା ସେ ପୁଅ କାଳେ ମେଣ୍ଟାଲ। ନଅଟା ଯାକ ଝିଅ ସବୁ ହସିଉଠିଥିଲେ ଏକାସଙ୍ଗେ। ନିତା ଓ ରୁବିର ହସ ବନ୍ଦ କରିବାକୁ ବଳ ପ୍ରୟୋଗ କରିବାକୁ ପଡିଥିଲା ଅନ୍ୟମାନଙ୍କୁ।ଏଥର ନିତା ଓ ରୁବି କହୁଥିଲେ ସେ ପ୍ରେତ କି ଭୂତ କେମିତି ସବାର ହୋଇ କୋଉ ଝିଅ କେମିତି ମଲା ସେକଥା କହ ଏଥର ସୁମିତ୍ରା ତ ସୁମିତ୍ରା କହୁଥିଲା ପରେ କହିବି କାରଣ ଏବେ ମୁଁ ଜୀବନ ଓ ସାଦାକାଗଜ ବିଷୟରେ ଭାବୁଛି।


+ ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

# କେନ୍ଦୁଝରରେ ପାଳିତ ହେଲା ଅନ୍ତର୍ଜାତୀୟ ସାକ୍ଷରତା ଦିବସ

କେନ୍ଦୁଝର,୯/୦୯ (ନି.ପ୍ର): ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଅବସରରେ କେନ୍ଦୁଝର ଜିଲ୍ଲାରେ ଜିଲ୍ଲାସ୍ତରୀୟ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ ଆଜି ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେନ୍ଦୁଝର ଠାରେ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। ସମାଜର ପ୍ରତ୍ୟେକ ନାଗରିକଙ୍କୁ ସାକ୍ଷର କରିବା ଏବଂ "ସମସ୍ତଙ୍କ ପାଇଁ ଶିକ୍ଷା"ର ମହତ୍ୱପୂର୍ଣ୍ଣ ବାର୍ତ୍ତାକୁ ଘରେ ଘରେ ପହଂଚାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

କାର୍ଯ୍ୟକ୍ରମର ଶୁଭାରମ୍ଭରେ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ଏକ ବିଶାଳ ସାକ୍ଷରତା ସଚେତନତା ରାଲି ବାହାରିଥିଲା। ରାଲିରେ ସ୍ୱତନ୍ତ୍ର ପ୍ରଚାର ଯାନ ସହିତ ମାଇକ୍ ମାଧ୍ୟମରେ ସାକ୍ଷରତା ସମ୍ପର୍କିତ ସଚେତନତା ବାର୍ତ୍ତା, ପ୍ରେରଣାଦାୟକ ଗୀତ ଓ ସ୍ଲୋଗାନ ପ୍ରଚାର କରାଯାଇଥିଲା। ରାଲି ମାଧ୍ୟମରେ ନିରକ୍ଷରତା ବିରୋଧରେ ସଚେତନତା ସୃଷ୍ଟି କରିବା ସହ ସାକ୍ଷରତାକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ଆହ୍ୱାନ କରାଯାଇଥିଲା।

ଏହି ରାଲି ଓ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ପ୍ରାୟ ୪୦୦ ଜଣ ଅଂଶଗ୍ରହଣ କରିଥିଲେ। ପଂଚାୟତିରାଜ ପ୍ରତିନିଧି, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ବ୍ଲକ ଶିକ୍ଷା ଅଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, କ୍ଲଷ୍ଟର ସାଧନ କେନ୍ଦ୍ର ସଂଯୋଜକ, ଶିକ୍ଷକ-ଶିକ୍ଷୟିତ୍ରୀ, (ଉଲ୍ଲାସ) ( ସମାଜରେ ସମସ୍ତଙ୍କ ପାଇଁ ଆଜୀବନ ଶିକ୍ଷା) କାର୍ଯ୍ୟକ୍ରମ ଅଧୀନରେ ସାକ୍ଷର ହୋଇଥିବା ନବସାକ୍ଷର ଏବଂ ନିରକ୍ଷର ବ୍ୟକ୍ତିମାନେ ଏଥିରେ ଉତ୍ସାହର ସହ ଯୋଗଦେଇଥିଲେ। ରାଲି ପରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବାରିହାଙ୍କ ସଭାପତିତ୍ୱରେ ଏକ ଜିଲ୍ଲାସ୍ତରୀୟ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସମ୍ମାନିତ ଅତିଥି ଭାବେ ସମସ୍ତ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ (ସଦର), ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଏବଂ ପ୍ରଧାନ ଶିକ୍ଷୟିତ୍ରୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେନ୍ଦୁଝର ଉପସ୍ଥିତ ଥିଲେ। ସଭାର ପ୍ରାରମ୍ଭରେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ପରମେଶ୍ୱର ମହାନ୍ତ ସ୍ୱାଗତ ଓ ଉଦ୍ଘାଟନୀ ଭାଷଣ ପ୍ରଦାନ କରି ସାକ୍ଷରତାର ଗୁରୁତ୍ୱ, ଉଲ୍ଲାସ କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ସମାଜରୁ ନିରକ୍ଷରତା ଦୂର କରିବାରେ ସମସ୍ତଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।

ପରବର୍ତ୍ତୀ ସମୟରେ ମଂଚାସୀନ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ପ୍ରତିଷ୍ଠା), ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଯୋଜନା) ଏବଂ ବ୍ଲକ ଶିକ୍ଷା ଅଧିକାରୀ (ସଦର) ନିଜ ନିଜ ଅଭିଭାଷଣ ମାଧ୍ୟମରେ (ଉଲ୍ଲାସ) କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ପ୍ରାପ୍ତି ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ସାକ୍ଷରତାକୁ କେବଳ ଏକ ସରକାରୀ କାର୍ଯ୍ୟକ୍ରମ ଭାବେ ନ ଦେଖି ଏହାକୁ ଏକ ସାମାଜିକ ଦାୟିତ୍ୱ ଓ ଜନଆନ୍ଦୋଳନ ଭାବେ ଗ୍ରହଣ କରିବାକୁ ସମସ୍ତଙ୍କୁ ଆହ୍ୱାନ କରାଯାଇଥିଲା।

ଏହି ଅବସରରେ (ଉଲ୍ଲାସ) କାର୍ଯ୍ୟକ୍ରମ ଅଧୀନରେ ଏଫ୍.ଏଲ୍.ଏନ୍.ଏ.ଟି ( ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଆକଳନ ପରୀକ୍ଷା) ରେ ସଫଳତାର ସହ ଉତୀର୍ଣ୍ଣ ହୋଇ ନିକଟରେ ନବସାକ୍ଷର ହୋଇଥିବା ବ୍ୟକ୍ତିମାନଙ୍କୁ ବିଶେଷ ଭାବେ ସମ୍ବର୍ଦ୍ଧିତ ଓ ସମ୍ମାନିତ କରାଯାଇଥିଲା। ସେମାନଙ୍କର ଏହି ସଫଳତାକୁ ସଭାରେ ଉପସ୍ଥିତ ସମସ୍ତେ ପ୍ରଶଂସା କରିବା ସହ ଅନ୍ୟ ନିରକ୍ଷର ବ୍ୟକ୍ତିମାନଙ୍କୁ ମଧ୍ୟ ଶିକ୍ଷାର ମୁଖ୍ୟଧାରାରେ ସାମିଲ ହେବାକୁ ପ୍ରେରଣା ଦିଆଯାଇଥିଲା। ନବସାକ୍ଷରମାନଙ୍କର ଏହି ସଫଳତା ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣାଦାୟକ ଉଦାହରଣ ଭାବେ ପରିଗଣିତ ହୋଇଥିଲା। ସଭାକୁ ମାନସ ରଞ୍ଜନ ମିଶ୍ର, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ସଦର ଏବଂ ତାରଣୀସେନ ମୁଣ୍ଡା, ସଦର, ଜିଲ୍ଲାର ଅନେକ ପ୍ରଧାନ ଶିକ୍ଷକଙ୍କ ସହଯୋଗରେ ସୁଚାରୁ ଭାବେ ପରିଚାଳନା କରାଯାଇଥିଲା। ବିଶେଷ ଭାବରେ କପିଳ ଚନ୍ଦ୍ର ଦାଶ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ସଦର ସଭାର ସଞ୍ଚାଳନା କରି କାର୍ଯ୍ୟକ୍ରମକୁ ସୁନ୍ଦର ଓ ଆକର୍ଷଣୀୟ ଭାବେ ଆଗେଇ ନେଇଥିଲେ। ସଭା ଶେଷରେ ଆୟୋଜିତ ଏକ ସ୍ୱତନ୍ତ୍ର ସାକ୍ଷରତା ପଞ୍ଜୀକରଣ ଓ ଓରିଏଣ୍ଟେସନ୍ ଶିବିରରେ ଉପସ୍ଥିତ ନିରକ୍ଷର ବ୍ୟକ୍ତିମାନଙ୍କର ନାମ ପଞ୍ଜୀକରଣ କରାଯାଇଥିଲା। ସେମାନଙ୍କୁ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଆବଶ୍ୟକୀୟ ସୂଚନା ଓ ମାର୍ଗଦର୍ଶନ ପ୍ରଦାନ କରାଯିବା ସହ ସାକ୍ଷରତା ଅଭିଯାନରେ ସକ୍ରିୟ ଭାବେ ସାମିଲ ହେବାକୁ ପ୍ରେରିତ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମ ମାଧ୍ୟମରେ "ସାକ୍ଷରତା କେବଳ ଅକ୍ଷର ଜ୍ଞାନ ନୁହେଁ, ଏହା ସଶକ୍ତିକରଣର ମୂଳ ଆଧାର" ବୋଲି ଏକ ଦୃଢ଼ ସାମାଜିକ ବାର୍ତ୍ତା ପ୍ରଦାନ କରାଯାଇଥିଲା। କେନ୍ଦୁଝର ଜିଲ୍ଲାକୁ ନିରକ୍ଷରତାମୁକ୍ତ କରିବା ଦିଗରେ ପ୍ରଶାସନ, ଶିକ୍ଷା ବିଭାଗ, ପଂଚାୟତିରାଜ ସଂସ୍ଥା, ସ୍ୱେଚ୍ଛାସେବୀ ସଂଗଠନ, ଶିକ୍ଷକ ସମାଜ ଓ ସାଧାରଣ ଜନତାଙ୍କର ସମନ୍ୱିତ ପ୍ରୟାସ ଜାରି ରଖିବାକୁ ସାମୂହିକ ସଂକଳ୍ପ ନିଆଯାଇଥିଲା। ଆଜିର ଏହି ଜିଲ୍ଲାସ୍ତରୀୟ ଆୟୋଜନ ସାକ୍ଷରତାର ଆଲୋକକୁ ସମାଜର ଶେଷ ସ୍ତରର ବ୍ୟକ୍ତି ପର୍ଯ୍ୟନ୍ତ ପହଂଚାଇବା ଏବଂ ଏହି ଅଭିଯାନକୁ ଏକ ସଶକ୍ତ ଜନଆନ୍ଦୋଳନରେ ପରିଣତ କରିବା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ଭାବେ ପରିଗଣିତ ହୋଇଛି।

# ବଜ୍ରାଘାତରେ ଡାକ୍ତର ଉଦୟ ନାରାୟଣ ମିଶ୍ରଙ୍କ ଉଦେଶ୍ୟରେ ସ୍ମୃତିଚାରଣ ସଭା ଅନୁଷ୍ଠିତ



ଜଳେଶ୍ୱର ୦୯/୦୯ ଜଳେଶ୍ୱର ଷ୍ଟେସନ ବଜାର ମିଲବାଡି ସ୍ଥିତ ଶିକ୍ଷକ ଭବନ ସମ୍ମିଳନୀ କକ୍ଷ ପରିସରରେ ସଭାପତି ଖଗେନ୍ଦ୍ର ନାଥ ସାହୁ ଙ୍କ ଅଧ୍ୟକ୍ଷତା ରେ ବୈଠକ ଅନୁଷ୍ଠିତ ହେ !ଇଥିଲା !ସମସ୍ତ ବିବଂଗତ ଙ୍କ ଆତ୍ମ ! ର ସଦଗତି ଉଦେଶ୍ୟ ରେ ଉପସ୍ଥିତ ସମସ୍ତ ସଦସ୍ୟ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ! ସ୍ୱର୍ଗତ ସୁବଳ ଚନ୍ଦ୍ର ବାରିକ ତାଙ୍କ ନିଜସ୍ୱ ବାସଭବନ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଚମାରଗାଁ ଗ୍ରାମ ରେ ! ସେ ଚାକିରୀ ଜୀବନ ଆରମ୍ଭ କରିଥିଲେ ତମାରଗାଁ ମଧ୍ୟ ଇଂରାଜୀ ବିଦ୍ୟାଳୟ ରେ ହିନ୍ଦୀ ଶିକ୍ଷକ ଭାବରେ ସେ ଜଣେ ଆଦର୍ଶ ଶିକ୍ଷକ, ସଂଗଠକ,ମିଷ୍ଟ ଭାଷୀ,ସରଳ ମଣିଷ ପଣିଆ ପ୍ରଭୃତି ସଦସ୍ୟ ତାଙ୍କ ସମ୍ପର୍କ ରେ ସ୍ମୃତି ଚାରଣ କରିଥିଲେ। ସେଇଭଳି ଆଦର୍ଶ ଶିକ୍ଷୟତ୍ରୀ ଭାନୁମତୀ ଜେନା ଚାକିରୀ ଜୀବନ ଆରମ୍ଭ ଚୂଡାମଣି ମ ଇ ବିଦ୍ୟାଳୟ ରୁ ଆରମ୍ଭ ବୈରାଟ ଆଡି ଉପ୍ରା ବିଦ୍ୟାଳୟ,ବରହମ ପୁରା ଉ ପ୍ରା ବିଦ୍ୟାଳୟ,ଶେଷରେ ରୋଗାଗ୍ରସ୍ତ ଯୋଗୁ ପଥରପୁରା ମ ଇ ବିଦ୍ୟାଳୟ ରୁ ଭିଆର ଏସ ନେଇଥିଲେ । ନିକଟରେ ପରଲୋକ ଗମନ କରିଛନ୍ତି। ତାଙ୍କୁ ମଧ୍ୟ ଶ୍ରଦ୍ଧାଜଂଳୀ ଓ ସ୍ମୃତି ଚାରଣ ସଦସ୍ୟ ମାନେ କରିଥିଲେ। ଗତ କାଲି ବଜ୍ରାଘାତ ରେ ପରଲୋକ ଗମନ କରିଥିଲେ ଫିଜିଓ ଥେରାପି ଡାକ୍ତର ଜଳେଶ୍ୱର ଡ଼ାକ୍ତର ଉଦୟ ନାରାୟଣ ମିଶ୍ର ଙ୍କ ଅକାଳ ମୃତ୍ୟୁ ରେ ଗଭୀର ଅଶୃଳ ଶ୍ରଦ୍ଧାଞ୍ଜଳି ଓ ସ୍ମୃତି ଚାରଣ ସଦସ୍ୟ ମାନେ କରିଥିଲେ। ସମ୍ପାଦକ କପିଳେଶ୍ୱର ମହାନ୍ତି ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଡ ରମା କାନ୍ତ ଭଂଜ,ଡ ଲଳିତ ରଂଜନ ସେନାପତି, ଶଶୀକାନ୍ତ ପ୍ରଧାନ, ଡ ଅଜିତ କୁମାର ମହାନ୍ତି ଦିବଂଗତ ଆତ୍ମା ମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଜଂଳୀ ଅର୍ପଣ କରିଥିଲେ।ଶରତ ଚନ୍ଦ୍ର ପରିଡା,ପୂର୍ଣ୍ଣ ଚନ୍ଦ୍ର ଓଝା, ରାଜା ରାମ କରଶର୍ମା,କମଳ ଲୋଚନ ମହାପାତ୍ର,,ଗିରିଧାରୀ ବେହେରା, ଉମେଶ ଚନ୍ଦ୍ର ମହାନ୍ତି, ଅଧିର କୁମାର ପ୍ରମାଣିକ,ଧନ୍ୟବାଦ ଅର୍ପଣ କରିଥିଲେ ଡ ଅଜିତ କୁମାର ମହାନ୍ତ।

# ସିରିଆବଗିଚାରେ ମଦ ଦୋକାନକୁ ବିରୋଧ: ସ୍ଥାନାନ୍ତର ଦାବିରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ, ଆନ୍ଦୋଳନ ଚେତାବନୀ

ଝାରସୁଗୁଡ଼ା,୯/୦୯ (ନି.ପ୍ର): ଝାରସୁଗୁଡ଼ା ପୌରାଚଂଳର ୪ ନମ୍ବର ୱାର୍ଡ ଅନ୍ତର୍ଗତ ସିରିଆବଗିଚାରେ ନୂତନ ବିଦେଶୀ ମଦ ଦୋକାନ ଖୋଲାଯିବାକୁ ନେଇ ଅଂଚଳରେ ଅସନ୍ତୋଷ ତୀବ୍ର ହୋଇଛି। ଜନବସତି ନିକଟରେ ମଦ ଦୋକାନ ଖୋଲାଯାଇଥିବାରୁ ମହିଳା, ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କ ସୁରକ୍ଷା ନେଇ ଅଂଚଳବାସୀ ଚିନ୍ତା ପ୍ରକାଶ କରିଛନ୍ତି। ଦୋକାନଟିକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର ଦାବିରେ ମଙ୍ଗଳବାର ଅଂଚଳବାସୀ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ, କିଛିମାସ ପୂର୍ବରୁ ହୋଇଥିବା ନିଲାମ ପ୍ରକ୍ରିୟାରେ ସିରିଆବଗିଚା ଅଂଚଳରେ ବିଦେଶୀ ମଦ ଦୋକାନ ପାଇଁ ଲାଇସେନ୍ସ ମିଳିଥିଲା। ଲାଇସେନ୍ସଧାରୀ ଚଳିତମାସ ୧ ତାରିଖରୁ ଏଠାରେ ମଦ ବିକ୍ରି ଆରମ୍ଭ କରିଛନ୍ତି। ଅଂଚଳବାସୀଙ୍କ ଅଭିଯୋଗ ଅନୁସାରେ, ମଦ ଦୋକାନ ନିକଟସ୍ଥ ରାସ୍ତାଟି ରାଜପଥରୁ ସହରକୁ ଯିବା ପାଇଁ ଅଂଚଳର ଏକ ପ୍ରମୁଖ ରାସ୍ତା। ଏହି ରାସ୍ତା ଦେଇ ପ୍ରତିଦିନ ଛାତ୍ରଛାତ୍ରୀ, ଶିଶୁ, ମହିଳା ଓ କର୍ମଜୀବୀମାନେ ଯାତାୟାତ କରନ୍ତି। ମଦ ଦୋକାନ ଖୋଲିବା ପରେ ସନ୍ଧ୍ୟା ସମୟରେ ଏଠାରେ ମଦ୍ୟପଙ୍କ ଭିଡ଼ ଜମୁଥିବାରୁ ମହିଳାମାନେ ଅସୁରକ୍ଷିତ ଅନୁଭବ କରୁଥିବା ଅଭିଯୋଗ ହୋଇଛି। ଏହି ପରିସ୍ଥିତିରେ ମଦ ଦୋକାନଟିକୁ ଜନବସତି ଠାରୁ ଦୂରକୁ ସ୍ଥାନାନ୍ତର କରିବାକୁ ଅଂଚଳବାସୀ ଦାବି କରିଛନ୍ତି। ଅଂଚଳବାସୀଙ୍କ ଅଭିଯୋଗ ଉପରେ ଜିଲ୍ଲାପାଳ କୁଣାଳ ମୋତିରାମ ଚହ୍ୱାଣ ଅବକାରୀ ଅଧୀକ୍ଷକଙ୍କ ସହ ଆଲୋଚନା କରିଥିବା ଏବଂ ସମସ୍ୟାର ସମାଧାନ ଦିଗରେ ସକାରାତ୍ମକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଅଂଚଳବାସୀ କହିଛନ୍ତି। ଗୁଲଜାର କୁମାର ଗୁପ୍ତା, ସୁବାସ ଅଗ୍ରୱାଲ, ନରେଶ ଅଗ୍ରୱାଲ, ବ୍ରିଜେଶ ତିୱାରୀ, ଅଭିଷେକ ଶର୍ମା, ରାଧେଶ୍ୟାମ ଭାରତୀ, ବିଜୟ କୁମାର, ଡ. ଅଶୋକ ଜଲାନ, ହୀରାମଣି ନାୟକ, ସୁରେଶ ଅଗ୍ରୱାଲ ଓ ଦିଲୀପ ତିୱାରୀଙ୍କ ନେତୃତ୍ୱରେ ବହୁ ପୁରୁଷ ଓ ମହିଳା ଜିଲ୍ଲାପାଳଙ୍କୁ ଭେଟି ଦାବି ଜଣାଇଥିଲେ। ତେବେ ମଦ ଦୋକାନଟିକୁ ତୁରନ୍ତ ସ୍ଥାନାନ୍ତର କରାନଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି ଅଂଚଳବାସୀ ଚେତାବନୀ ଦେଇଛନ୍ତି।

# ଭୋଟର ତାଲିକା ଜାଲିଆତି ଅଭିଯୋଗ : ବିଜେଡିର ବିଶାଳ ପ୍ରତିବାଦ ଶୋଭାଯାତ୍ରା

ଝାରସୁଗୁଡ଼ା,୯/୦୯ (ନି.ପ୍ର): ଭୋଟର ତାଲିକାରୁ ବୈଧ ଓ ଜୀବିତ ଭୋଟରଙ୍କ ନାମ ହଟାଇବାକୁ ଚେଷ୍ଟା ଏବଂ ଜାଲିଆତି ଅଭିଯୋଗକୁ ନେଇ ମଙ୍ଗଳବାର ଝାରସୁଗୁଡ଼ା ସହରରେ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ବିଶାଳ ପ୍ରତିବାଦ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। 'ମୋ ଭୋଟ, ମୋ ଅଧିକାର' ନାରା ଦେଇ ଶତାଧିକ ଦଳୀୟ କର୍ମୀ ଓ ସମର୍ଥକ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପୂର୍ବତନ ବିଧାୟିକା ଦୀପାଳୀ ଦାସଙ୍କ ନେତୃତ୍ୱରେ ପୁରୁଣା ବସ୍ଷ୍ଟାଣ୍ଡରୁ ଶୋଭାଯାତ୍ରା ବାହାରି ଝାରସୁଗୁଡ଼ା ଥାନା ପର୍ଯ୍ୟନ୍ତ ଯାଇଥିଲା। ଏହା ପରେ ବିଜେଡି ପକ୍ଷରୁ ଝାରସୁଗୁଡ଼ା ଏସ୍ପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଏସ୍ଡିପିଓ ଉମାଶଙ୍କର ସିଂଙ୍କୁ ପ୍ରଦାନ କରାଯାଇଥିଲା।

ଦାବିପତ୍ରରେ ଅଭିଯୋଗ କରାଯାଇଛି ଯେ, ଚାଲିଥିବା ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ସମୟରେ ଏକ ନିର୍ଦ୍ଦିଷ୍ଟ ଦଳର କର୍ମୀମାନେ ଜାଲ କାଗଜପତ୍ର, ମିଥ୍ୟା ଅଭିଯୋଗ ଓ ଭୁଲ ତଥ୍ୟ ଦେଇ ବୈଧ ଭୋଟରଙ୍କ ନାମ ଭୋଟର ତାଲିକାରୁ ହଟାଇବାକୁ ଉଦ୍ୟମ କରୁଛନ୍ତି। ଜଣେ ବ୍ୟକ୍ତି ଗୋଟିଏ ଦିନରେ ସର୍ବାଧିକ ୧୦ଟି ଆପତି ଦାଖଲ କରିପାରିବାର ନିୟମ ଥିବା ସତ୍ତ୍ୱେ କେତେକ ସ୍ଥାନରେ ଏହାର ଉଲ୍ଲଂଘନ ହୋଇଥିବା ଦଳ ପକ୍ଷରୁ ଦାବି କରାଯାଇଛି। ଏଥିସହ କୋଲାବିରା, ବଡ଼ମାଲ ସମେତ ଅନ୍ୟାନ୍ୟ ଥାନାରେ ଏହି ଅଭିଯୋଗ ସମ୍ପର୍କରେ ଏଫ୍.ଆଇଆର୍ ଦେବାକୁ ଯାଇଥିବା ବେଳେ ପୁଲିସ ମାମଲା ରୁଜୁ କରିବାରେ ଆପତି କରୁଥିବା ବିଜେଡି ଅଭିଯୋଗ କରିଛି। ପ୍ରଜା ପ୍ରତିନିଧି ଆଇନ, ୧୯୫୦ର ଧାରା ୩୧ ଅନୁଯାୟୀ ମିଥ୍ୟା ଆବେଦନକାରୀଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ନେବାକୁ ଦଳ ପକ୍ଷରୁ ଦାବି କରାଯାଇଛି । ଶୋଭାଯାତ୍ରା ସମୟରେ 'ମୋ ଭୋଟ, ମୋ ଅଧିକାର' ସମେତ ବିଭିନ୍ନ ନାରା ଦେଇ ବିଜେଡି କର୍ମୀମାନେ ଭୋଟଦାନ ଅଧିକାରର ସୁରକ୍ଷା ଦାବି କରିଥିଲେ। ନାଗରିକଙ୍କ ଗଣତାନ୍ତ୍ରିକ ଓ ଭୋଟଦାନ ଅଧିକାର ସୁରକ୍ଷିତ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ପୂର୍ବତନ ବିଧାୟିକା ଦୀପାଳୀ ଦାସଙ୍କ ସମେତ ଦଳୀୟ ନେତାମାନେ ଚେତାବନୀ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ହରୀଶ ଗଣତ୍ରା, ପିଂଟୁ ପାଢ଼ୀ, ଅଶୋକ ଦାସ, ଆଲୋକ ତ୍ରିପାଠୀ, ରୁବିନ ପାଣ୍ଡେ, ପବନ ସିଂହ ଯାଦବ, ପବନ ଶର୍ମା, ନବନୀତ କୌର, ବି. ନାଗେଶ୍ୱରୀ, ଦୀପା ନାୟକ, ରୁବିନା ଖାନଙ୍କ ସମେତ ବହୁ ଦଳୀୟ ନେତା, ମହିଳା ଓ ଯୁବ କର୍ମୀ ଉପସ୍ଥିତ ଥିଲେ।

# ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଜଙ୍ଗ'ର ଟାଇଟିଲ ଘୋଷଣା




ଭୁବନେଶ୍ୱର,୯/୦୯ (ନି.ପ୍ର): ଶଗୁନ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମାଣ ହେବାକୁ ଯାଉଥିବା ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଜଙ୍ଗ' ର ଟାଇଟିଲ ଘୋଷଣା ହୋଇଛି । ଭୁବନେଶ୍ୱର ଉପକଣ୍ଠଏକ ତାରକା ହୋଟେଲରେ ମହାଡମ୍ବରରେ ଟାଇଟିଲ ଘୋଷଣା ଅବସରରେ ଫିଲ୍ମର ସମସ୍ତ କ୍ରିୟୁ ମେମ୍ବର ଏବଂ ଗଣମାଧ୍ୟମ ବନ୍ଧୁ ଯୋଗଦେଇଥିଲେ । ନୂଆ ପୀଢ଼ିର ପ୍ରଯୋଜକ, ନିର୍ଦ୍ଦେଶକ, ଲେଖକଙ୍କ ଭିନ୍ନ ଏକ ପରିକଳ୍ପନା ଜଙ୍ଗ । ଅନେକ ମୌଳିକ କାହାଣୀକୁ ନେଇ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣର ଧାରା ଚାଲିଥିବା ବେଳେ ପ୍ରଯୋଜକ ଶୁଭ୍ରଜିତ ଜେନା ମଧ୍ୟ ସେହିଭଳି ପରିକଳ୍ପନା କରିଛନ୍ତି । ଯାହାକୁ ନିର୍ଦ୍ଦେଶନା ଦେଇଛନ୍ତି ଶୁଭ୍ରଜିତ ଜେନା ଏବଂ ରାହୁଲ ରାୟ । ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ବହୁ ଅଭିଜ୍ଞ ସିଦ୍ଧାର୍ଥ ଗୌତମ । ବିଶ୍ୱଜିତ କୁଲଡି (ଡିଓପି) ଦାୟିତ୍ୱ ନେଇଛନ୍ତି । ପ୍ରଚାର ଓ ପ୍ରସାରରେ ମିଡ଼ିଆ ପ୍ଲାନର ପ୍ରଣୟ ଜେଠୀ ରହିଛନ୍ତି । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ସମ୍ବିତ କୁମାର ମହାନ୍ତି, ମହାଦେବ ରାଉତ ଏବଂ ମ୍ରିନ୍ମୟ ଏମ ଏସ । କଣ୍ଠଦାନ କରିଛନ୍ତି ଅନ୍ତରା ଚକ୍ରବର୍ତ୍ତୀ, କୁଲଦୀପ ପଟ୍ଟନାୟକ, ସତ୍ୟଜିତ୍ ପ୍ରଧାନ, ସୌରଭ ଭରଦ୍ୱାଜ, ଗୌରବ ଆନନ୍ଦ ଏବଂ ମ୍ରିନ୍ମୟ ଏମ୍.ଏସ୍ । ଅନେକ ଯୁବ ଅଭିଜ୍ଞ କଳାକାର ଏହି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ଏସଡି ମଣ୍ଡଳ, ପାର୍ଥ ସାରଥୀ ରାୟ, ବିଶ୍ୱରୂପା ରାଉତ, ଜଗନ୍ନାଥ ସେଠ, ଉମାକାନ୍ତଙ୍କ ଭଳି ଆହୁରି ଅନେକ କଳାକାର । ତେବେ ଜଙ୍ଗ ବିଷୟରେ ଅନେକେ ଆଇ ମାଆ କାହାଣୀ ବା ଲୋକକଥା ଭାବନ୍ତି ତ କେହି ପୌରାଣିକ କଥା ବସ୍ତୁ ଭାବିଥାନ୍ତି । ଏହି କାହାଣୀକୁ ଦୀର୍ଘ ଦୁଇବର୍ଷ ଧରି ଗବେଷଣା କରିଛନ୍ତି ସିଦ୍ଧାର୍ଥ ଗୌତମ କ୍ଷ ଏଥିରେ ଆମ ଜଗନ୍ନାଥ ସଂସ୍କୃତିର କଥା ରହିଛି, ଆମ ରାଜ ରାଜୁଡା ସମୟର କଥା ରହିଛି । ଖୁବ ଶୀଘ୍ର ସୁଟିଂ ଫ୍ଲୋର କୁ ଯିବ ଏବଂ ଏହା ଆସନ୍ତା ୨୦୨୭ ରେ ନୂଆ ବର୍ଷ ଅବସରରେ ମୁକ୍ତିଲାଭ କରିବ।

# ଏସ୍ଆଇଆର୍‌ରେ ଯୋଗ୍ୟ ଭୋଟରଙ୍କ ନାମ କାଟିବା ଅଭିଯୋଗ

କେନ୍ଦ୍ରାପଡ଼ା,୯/୦୯ (ନି.ପ୍ର): ଏସ୍ଆଇଆର୍‌ରେ ଯୋଗ୍ୟ ଭୋଟରଙ୍କ ନାମ କାଟିବା ଅଭିଯୋଗବିଡିଓଙ୍କୁ ବିଜେଡିର ଦାବିପତ୍ର, ନିରପେକ୍ଷ ତଦନ୍ତ ପାଇଁ ଦାବିଏସ୍ଆଇଆର୍ ପ୍ରକ୍ରିୟାରେ ଯୋଗ୍ୟ ଭୋଟରଙ୍କ ନାମ ବାଦ୍ ନଦେବା ଏବଂ ଅଭିଯୋଗଗୁଡ଼ିକର ନିରପେକ୍ଷ ଯାଂଚ ଦାବିରେ ରାଜକନିକା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ କନିକା ବିଡିଓ କୈଳାସ ମହାଲିକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି ଯେ, ରାଜକନିକା ବ୍ଲକର ୨୯ଟି ଗ୍ରାମ ପଂଚାୟତରେ ବହୁ ସଂଖ୍ୟକ ଯୋଗ୍ୟ ଭୋଟରଙ୍କ ନାମ ବାଦ୍‌ଦେବା ପାଇଁ ଉଦ୍ୟମ ହେଉଛି। ବିଶେଷକରି ସଂଖ୍ୟାଲଘୁ ସମ୍ପ୍ରଦାୟର ଭୋଟରଙ୍କୁ ଟାର୍ଗେଟ କରାଯାଉଥିବା ଦଳ ପକ୍ଷରୁ ଦାବି କରାଯାଇଛି । ଜୟନଗର, ପଣସଗଣ୍ଡ, କୋଇଲିପୁର, ଆଖୁଳିପଡ଼ା, ବରାଡ଼ିଆ, ତରାସ, ବାଘବୁଦା, ସିହୋପଡ଼ା, ଅବଦୁଲପୁର, ସିକୋ, କୋରନ୍ଦ, ବାରହା ଦୋମୁଣ୍ଡା ଓ ତ୍ରୈଲୋକ୍ୟପୁର ପଂଚାୟତରେ ଶହ ଶହ ଭୋଟରଙ୍କ ନାମ କାଟିବା ପାଇଁ ଅଭିଯୋଗ ହୋଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି । ଏଥିସହ ଜୟନଗର, ଓଳାଭର ଓ ଆଖୁଳିପଡ଼ା ଅଂଚଳର କିଛି ସଂଖ୍ୟାଲଘୁ ଭୋଟରଙ୍କ ନାମ ବାଦ୍ ଦେବା ପାଇଁ ଯେଉଁ ଅଭିଯୋଗ ଦାଖଲ ହୋଇଛି, ସେଥିରେ ଅଭିଯୋଗକାରୀଙ୍କ ମୋବାଇଲ ନମ୍ବର ଭୁଲ ଦର୍ଶାଯାଇଥିବା ଅଭିଯୋଗ ହୋଇଛି । କିଛି ଅଭିଯୋଗକାରୀ ଏ ସମ୍ପର୍କରେ ନିଜେ କିଛି ଜାଣିନଥିବା କହୁଥିବା ବିଜେଡି ପକ୍ଷରୁ କୁହାଯାଇଛି । ଏଭଳି ଅଭିଯୋଗର ସତ୍ୟାସତ୍ୟ ଯାଂଚ କରିବା ସହ ପ୍ରକୃତ ଯୋଗ୍ୟ ଭୋଟରଙ୍କ ନାମ ଯେପରି କୌଣସି ପରିସ୍ଥିତିରେ ବାଦ୍ ନପଡ଼େ, ସେଥିପାଇଁ ବିଜେଡି ପକ୍ଷରୁ ବିଡିଓଙ୍କ ନିକଟରେ ଦାବି କରାଯାଇଛି । ଏନେଇ ବିଡିଓ କୈଳାସ ମହାଳିକ କହିଛନ୍ତି, "କାହାର ନାମ କଟାଯାଇ ନାହିଁ। ଫାଇନାଲ ଲିଷ୍ଟ ପ୍ରକାଶ ପୂର୍ବରୁ ସମସ୍ତ ଅଭିଯୋଗର ତଦନ୍ତ କରାଯିବ।

# ଗଛକୁ ବାଡେଇ ଜଣେ ମୃତ: ଜଣେ ଗୁରୁତର

ନୀଳଗିରି , ୯/୯ (ନି.ପ୍ର): ବେପରୁଆ ଗାଡ଼ି ଚଳାଇବା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଥିବା ଜଣାଯାଇଛି। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ନିକଟସ୍ଥ ଟାଙ୍ଗିରିଆ ଗ୍ରାମର ବାଜୁନ୍ କିସ୍କୁଙ୍କ ଦୁଇପୁଅ ଫାଦୁ କିସ୍କୁ(୨୦) ଏବଂ ବୁଦ୍ଧିରାମ କିସ୍କୁ (୨୫) ଓଡି-୧୧ଏକେ -୭ ୩୧୬ନାମକ ମଟର ସାଇକେଲରେ ନୀଳଗିରି ଅଭିମୁଖେ ଆସୁଥିବା ବେଳେ ଦିନ ପ୍ରାୟ ୧୨.୩୦ମିନିଟ ସମୟରେ ୧୯ନଂ ରାଜ୍ୟରାଜପଥ ଭାଲୁକାଶୁଣି ନିକଟବର୍ତ୍ତୀ ଦେବଯାନୀ ଛକ ନିକଟରେ ଏକ ଗଛକୁ ଧକ୍କା ଦେଇ ଛିଟିକି ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ଫାଦୁ କିସ୍କୁର ମୃତ୍ୟୁ ହୋଇଥିବା ବେଳେ ବୁଦ୍ଧିରାମ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ଆମ୍ବୁଲାନ୍ସ ଯୋଗେ ନୀଳଗିରି ହସ୍ପିଟାଲକୁ ଅଣାଯାଇଥିଲେ ହେଁ ଫାଦୁକୁ ଡାକ୍ତର ମୃତଘୋଷଣା କରିଥିବାବେଳେ ବୁଦ୍ଧିରାମଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଫକୀରମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି । ଆସନ୍ତାକାଲି ଶବବ୍ୟବଚ୍ଛେଦ କରାଯିବ ବୋଲି ଜଣାଯାଇଛି।

# ଜିଲ୍ଲା ସିନିୟର ନକ୍ ଆଉଟ ଫୁଟବଲ ଟୁର୍ଣ୍ଣାମେଂଟ ସେମିଫାଇନାଲରେ ନକଟାସର

ବଲାଙ୍ଗୀର,୯/୦୯ (ନି.ପ୍ର): ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଗାନ୍ଧୀ ଷ୍ଟାଡିୟମ ଠାରେ ପ୍ରଥମ କ୍ୱାଟର ଫାଇନାଲ ଖେଳ ହୋଇଯାଇଛି। ଜିୱାଇଡିସି ନକଟାସର ୫-୧ ଗୋଲରେ ରାଇଜିଂ ଷ୍ଟାର ଟିଟିଲାଗଡ଼କୁ ହରାଇ ପ୍ରଥମ ଦଳ ଭାବେ ସେମିଫାଇନାଲକୁ ପ୍ରବେଶ କରିଛି। ନକଟାସର ତରଫରୁ ଶଙ୍କର ଭୁଏ ୩ଟି ଓ ବିକାଶ ଧରୁଆ ୨ଟି ଗୋଲ ଦେଇଥିବାବେଳେ ଟିଟିଲାଗଡ଼ ତରଫରୁ ଅଜୟ ସରାଫ ଗୋଟିଏ ଗୋଲ ସ୍କୋର କରିଥିଲେ। ଓଡ଼ିଶା ଫୁଟବଲ ଏସୋସିଏସନ ତଥା ଜିଲ୍ଲା କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ କ୍ରୀଡ଼ା ସଂସଦର ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସଂପାଦକ ଶତ୍ରୁଘ୍ନ ସିଂ, କ୍ରୀଡ଼ା ସଂପାଦକ ବିଭୂତି ଭୂଷଣ ପଣ୍ଡା, ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର, ଶିଶିର କୁମାର ବହିଦାର ଓ ଡା. ସିଦ୍ଧେଶ୍ୱର ମିଶ୍ର ଯୋଗ ଦେଇଥିଲେ। ଜିଲ୍ଲା କ୍ରୀଡ଼ାଧିକାରୀ ପରାଶର ବାଗ ଓ ଶ୍ରୀକାନ୍ତ ରାଉତ ମଂଚାସିନ ଥିଲେ। କ୍ରୀଡ଼ା ସଂସଦର ସାଧାରଣ ସଂପାଦକ ହରିନାରାୟଣ ପୁଜାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ କୋଷାଧ୍ୟକ୍ଷ ତଥା ଟୁର୍ଣ୍ଣାମେଂଟ କମିଟି ଅଧ୍ୟକ୍ଷ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇ ଥିଲେ। ଖେଳକୁ ସଂଜିବ ମହାରଣା, ଉମେଶ ଭୋଇ, ସୁଶାନ୍ତ ନାଗ, ଜ୍ୟୋତି ରଂଜନ ମହାନନ୍ଦ ଓ ଜିତୁ ଦଳାଇ ପରିଚାଳନା କରିଥିଲେ। ବୁଧବାର ଆର୍.ଏନ୍. ସିଂଦେଓ ସ୍ପୋର୍ଟ କମ୍ପ୍ଲେକ୍ସ ଠାରେ ସ୍ପୋର୍ଟ ହଷ୍ଟେଲ ବନାମ ରିଜର୍ଭ ପୋଲିସ ଏବଂ ଗାନ୍ଧୀ ଷ୍ଟାଡିୟମ ଠାରେ ବିକେସି ୟୁନାଇଟେଡ୍ ବନାମ ଜରାସିଂହା ମଧ୍ୟରେ ଖେଳ ହେବ ବୋଲି ସଂସଦ ପକ୍ଷରୁ ସୂଚନା ଦିଆଯାଇଛି।

# ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମର ବାସ୍ତବ ସ୍ଥିତି ପରଖିବା ପାଇଁ ଏକ ରାଜ୍ୟସ୍ତରୀୟ ଟିମ୍ ମାଲକାନଗିରିରେ

ମାଲକାନଗିରି,୯/୦୯ (ନି.ପ୍ର): ମ୍ୟାଲେରିଆ ନିୟନ୍ତ୍ରଣ ଓ ନିରାକରଣ ଦିଗରେ ମାଲକାନଗିରି ଜିଲ୍ଲାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ଜିଲ୍ଲାରେ ଚାଲିଥିବା ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମର ବାସ୍ତବ ସ୍ଥିତି ପରଖିବା ପାଇଁ ଏକ ରାଜ୍ୟସ୍ତରୀୟ ଟିମ୍ ମାଲକାନଗିରି ଗସ୍ତରେ ଆସିଛି। ଚାରିଦିନିଆ ଗସ୍ତରେ ଆସିଥିବା ଏହି ଟିମ ରେଏଣ୍ଟମୋଲୋଜି ବିଶେଷଜ୍ଞ ଡ ସ୍ୱାତୀ କୁମାରୀ, ଟ୍ରେନିଂ କନସଲଟାଂଟ ଅନୁପ କୁମାର ମିଶ୍ର ସମେତ ବରିଷ୍ଠ ଅଧିକାରୀ ସାମିଲ ଅଛନ୍ତି।ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଟିମ୍ର ସଦସ୍ୟମାନେ ଜିଲ୍ଲାର ବିଭିନ୍ନ ଅଂଚଳ ଗସ୍ତ କରି ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯ୍ୟର ତୃଣମୂଳ ସ୍ତରର ସ୍ଥିତି ଅନୁଧ୍ୟାନ କରୁଛନ୍ତି। ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମରେ କୌଣସି ତ୍ରୁଟି, ଅଭାବ କିମ୍ବା ଗ୍ୟାପ୍ ରହିଛି କି ନାହିଁ, ସେନେଇ ଯାଂଚ କରାଯାଉଛି। ଏଥିସହ ଚିହ୍ନଟ ହେଉଥିବା ସମସ୍ୟାକୁ କିପରି ଦୂର କରାଯିବ ଏବଂ ଆଗାମୀ ଦିନରେ ମ୍ୟାଲେରିଆ ନିୟନ୍ତ୍ରଣକୁ ଆହୁରି ଶକ୍ତିଶାଳୀ କରିବା ପାଇଁ କେଉଁ ପଦକ୍ଷେପ ନିଆଯିବ, ସେନେଇ ଆଲୋଚନା କରାଯାଉଛି। ଆଜି ପ୍ରଥମ ଦିନରେ ଏହି ଟିମ ମାଥିଲି ବ୍ଲକର କିଆଙ୍ଗ ଓ କର୍ତନପାଲ୍ଲୀ ପଂଚାୟତର ବିଭିନ୍ନ ଦୁର୍ଗମ ଗ୍ରାମ ଗସ୍ତ କରିବା ସହ ଲୋକଙ୍କ ସହ ଆଲୋଚନା କରିଛନ୍ତି। ଏପଟେ ଜିଲ୍ଲାରେ ମ୍ୟାଲେରିଆ ମାମଲା ହ୍ରାସ ପାଉଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଜୁଲାଇ ମାସ ତୁଳନାରେ ବର୍ତମାନ ମ୍ୟାଲେରିଆ ମାମଲାରେ ପ୍ରାୟ ୫୦ ପ୍ରତିଶତ ହ୍ରାସ ଘଟିଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏହି ହ୍ରାସ ଧାରା ଆଗକୁ ମଧ୍ୟ ଜାରି ରହିବ ବୋଲି ବିଭାଗ ଆଶା ପ୍ରକାଶ କରିଛି। ରାଜ୍ୟସ୍ତରୀୟ ଟିମ୍ର ଗସ୍ତ ସମୟରେ ସଂଗୃହୀତ ତଥ୍ୟ ଓ ଅନୁଧ୍ୟାନ ରିପୋର୍ଟ ଆଧାରରେ ମାଲକାନଗିରି ପାଇଁ ନୂଆ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରାଯିବ। ଏହି ଯୋଜନା ମାଧ୍ୟମରେ ଜିଲ୍ଲାରେ ମ୍ୟାଲେରିଆ ମାମଲାକୁ ଆହୁରି କମାଇବା ସହ ରୋଗ ନିୟନ୍ତ୍ରଣ ଦିଗରେ ଅଧିକ ପ୍ରଭାବୀ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି।

# ବହୁ ବାଦବିବାଦ ପରେ ଗେଡ଼ିଆପଲ୍ଲୀ ଉଚ୍ଚ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠିତ

## କାହ୍ନୁ ବେହେରା ଅଧ୍ୟକ୍ଷ, ଝରଣା ନାୟକ ଉପାଧ୍ୟକ୍ଷା

ଖୋର୍ଦ୍ଧା , ୯/୯ (ନି.ପ୍ର): ବହୁ ବାଦବିବାଦ ଓ ଅଭିଯୋଗର ତଦନ୍ତ ପରେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ଗେଡ଼ିଆପଲ୍ଲୀ ଉଚ୍ଚ ବିଦ୍ୟାଳୟର ନୂତନ ବିଦ୍ୟାଳୟ ପରିଚାଳନା କମିଟି ଗଠିତ ହୋଇଛି । ନୂତନ କମିଟିର ବୈଠକରେ ସର୍ବସମ୍ମତିକ୍ରମେ କାହ୍ନୁ ବେହେରାଙ୍କୁ ଅଧ୍ୟକ୍ଷ ଏବଂ ଝରଣା ନାୟକଙ୍କୁ ଉପାଧ୍ୟକ୍ଷା ଭାବେ ମନୋନୀତ କରାଯାଇଛି । କମିଟିରେ ମୋଟ ୧୪ ଜଣ ସଦସ୍ୟ ମନୋନୀତ ହୋଇଥିବା ଜଣାପଡ଼ିଛି । ବିଦ୍ୟାଳୟରେ ଏକ ଉନ୍ନତ ଶୈକ୍ଷିକ ପରିବେଶ ସୃଷ୍ଟି, ଗୁଣାତ୍ମକ ଶିକ୍ଷାର ବିକାଶ, ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ସହିତ ବିଦ୍ୟାଳୟ ପରିଚାଳନାରେ ସ୍ୱଚ୍ଛତା ଓ ଅଭିଭାବକଙ୍କ ଅଂଶଗ୍ରହଣ ସୁନିଶ୍ଚିତ କରିବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ବିଦ୍ୟାଳୟ ପରିଚାଳନା କମିଟି ଗଠନର ବ୍ୟବସ୍ଥା କରାଯାଇଛି । ଏଥିରେ ଅଭିଭାବକ ଓ ଶିକ୍ଷକଙ୍କ ଅଂଶଗ୍ରହଣ ରହିଥାଏ । ତେବେ ଗେଡ଼ିଆପଲ୍ଲୀ ଉଚ୍ଚ ବିଦ୍ୟାଳୟରେ କମିଟି ଗଠନକୁ ନେଇ ଗତ କିଛି ସପ୍ତାହ ଧରି ବିବାଦ ଦେଖାଦେଇଥିଲା । ସୂଚନାନୁସାରେ, ବିଦ୍ୟାଳୟର ପ୍ରଥମ ପରିଚାଳନା କମିଟି ବୈଠକ ଜୁଲାଇ ୧୦ ତାରିଖରେ ଆୟୋଜିତ ହୋଇଥିଲା । ଆବଶ୍ୟକ ସଂଖ୍ୟକ ଅଭିଭାବକ ଉପସ୍ଥିତ ନଥିବାରୁ ଉକ୍ତ ବୈଠକକୁ ସ୍ଥଗିତ ରଖାଯାଇଥିଲା । ପରେ ଜୁଲାଇ ୧୪ ତାରିଖରେ ପୁନର୍ବାର ବୈଠକ ଡକାଯାଇଥିଲା । ତେବେ ଏହି ବୈଠକରେ କମିଟି ଗଠନ ପ୍ରକ୍ରିୟାକୁ ନେଇ ଅନିୟମିତତା ହୋଇଥିବା ଅଭିଯୋଗ ଉଠିଥିଲା । ସ୍ଥାନୀୟ ଅଭିଭାବକ ଓ ଅଞ୍ଚଳବାସୀଙ୍କ ଅଭିଯୋଗ ଥିଲା ଯେ, ନିୟମ ଅନୁଯାୟୀ ସ୍ୱଚ୍ଛ ଓ ନିରପେକ୍ଷ ଭାବେ କମିଟି ଗଠନ କରାଯିବା ପରିବର୍ତ୍ତେ ଜଣେ ସ୍ଥାନୀୟ ଜନପ୍ରତିନିଧିଙ୍କ ପ୍ରଭାବରେ କମିଟି ଗଠନ କରାଯାଇଥିଲା । ଏହି ଅଭିଯୋଗକୁ ନେଇ ଅଞ୍ଚଳର ଅଭିଭାବକ ଓ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଅଭିଯୋଗର ସମାଧାନ ପାଇଁ ଅଭିଭାବକମାନେ ଜୁଲାଇ ୧୭ ତାରିଖରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଗୁରୁତ୍ୱ ଦେଇ ଜିଲ୍ଲାପାଳ ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ଦେଇଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ଘଟଣାର ତଦନ୍ତ କରିବା ପରେ କମିଟି ଗଠନ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ନେଇ ରିପୋର୍ଟ ଦେଇଥିବା ଜଣାପଡ଼ିଛି । ତଦନ୍ତ ରିପୋର୍ଟ ପାଇବା ପରେ ଜିଲ୍ଲାପାଳ ପୂର୍ବରୁ ଗଠିତ ପରିଚାଳନା କମିଟିକୁ ଭଙ୍ଗ କରି ପୁନର୍ବାର ନିୟମ ଅନୁଯାୟୀ ସ୍ୱଚ୍ଛ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ନୂତନ କମିଟି ଗଠନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଅଗଷ୍ଟ ୮ ତାରିଖରେ ପୁନର୍ବାର ପରିଚାଳନା କମିଟି ଗଠନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା । କିନ୍ତୁ ଉକ୍ତ ବୈଠକ ସମୟରେ ବିଦ୍ୟାଳୟ ପରିସରରେ କେତେକ ଯୁବକଙ୍କ ଉପସ୍ଥିତିକୁ ନେଇ ଅପ୍ରୀତିକର ପରିସ୍ଥିତି ଉପୁଜିଥିବା ଅଭିଯୋଗ ହୋଇଥିଲା । ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ବୈଠକକୁ ଅଧାରୁ ସ୍ଥଗିତ ରଖିବାକୁ ପଡ଼ିଥିବା ଜଣାପଡ଼ିଛି । ଏହି ଘଟଣା ପରେ ବିଦ୍ୟାଳୟରେ ପୁନର୍ବାର କମିଟି ଗଠନ କରିବାକୁ ପ୍ରଶାସନିକ ସ୍ତରରେ ପଦକ୍ଷେପ ନିଆଯାଇଥିଲା । ଶେଷରେ ପ୍ରଶାସନର ନିର୍ଦ୍ଦେଶକ୍ରମେ ପୋଲିସ ସୁରକ୍ଷା ମଧ୍ୟରେ ପରିଚାଳନା କମିଟିର ବୈଠକ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିଲା । ବୈଠକରେ ନିୟମ ଅନୁଯାୟୀ ୧୪ ଜଣ ସଦସ୍ୟଙ୍କୁ ନେଇ ନୂତନ ପରିଚାଳନା କମିଟି ଗଠନ କରାଯାଇଥିଲା । ପରେ ସଦସ୍ୟମାନଙ୍କ ସର୍ବସମ୍ମତିକ୍ରମେ କାହ୍ନୁ ବେହେରାଙ୍କୁ ଅଧ୍ୟକ୍ଷ ଏବଂ ଝରଣା ନାୟକଙ୍କୁ ଉପାଧ୍ୟକ୍ଷା ଭାବେ ମନୋନୀତ କରାଯାଇଥିଲା । ନୂତନ କମିଟି ଗଠନ ପରେ ବିଦ୍ୟାଳୟରେ ଦୀର୍ଘଦିନ ଧରି ଚାଲିଥିବା ବିବାଦର ଅବସାନ ଘଟିବା ସହ ଏବେ ବିଦ୍ୟାଳୟର ଶୈକ୍ଷିକ ପରିବେଶକୁ ଆହୁରି ସୁଦୃଢ଼ କରିବା ଦିଗରେ କମିଟି କାର୍ଯ୍ୟ କରିବ ବୋଲି ଅଭିଭାବକ ଓ ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି । ଛାତ୍ରଛାତ୍ରୀଙ୍କ ଶିକ୍ଷା, ବିଦ୍ୟାଳୟର ଭିତ୍ତିଭୂମି ବିକାଶ, ଶିକ୍ଷକ-ଅଭିଭାବକ ସମନ୍ୱୟ ଏବଂ ବିଦ୍ୟାଳୟ ପରିଚାଳନାରେ ସ୍ୱଚ୍ଛତା ଆଣିବା ନୂତନ କମିଟିର ପ୍ରମୁଖ ଦାୟିତ୍ୱ ହେବ ବୋଲି ମତ ପ୍ରକାଶ ପାଇଛି । ସ୍ଥାନୀୟ ଅଭିଭାବକମାନେ କହିଛନ୍ତି ଯେ, ବିଦ୍ୟାଳୟ ପରିଚାଳନା କମିଟି ଗଠନର ମୂଳ ଉଦ୍ଦେଶ୍ୟ ହେଉଛି ବିଦ୍ୟାଳୟର ସ୍ୱାର୍ଥ ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ପ୍ରାଥମିକତା ଦେବା । ତେଣୁ କୌଣସି ପ୍ରକାର ରାଜନୈତିକ ପ୍ରଭାବ କିମ୍ବା ବ୍ୟକ୍ତିଗତ ସ୍ୱାର୍ଥ କମିଟିର କାର୍ଯ୍ୟଧାରାକୁ ପ୍ରଭାବିତ ନକରିବା ଆବଶ୍ୟକ । ନୂତନ କମିଟି ନିରପେକ୍ଷ ଭାବେ କାର୍ଯ୍ୟ କରି ବିଦ୍ୟାଳୟର ଉନ୍ନତି ଓ ଛାତ୍ରଛାତ୍ରୀଙ୍କ ହିତକୁ ଆଗରେ ରଖିବ ବୋଲି ସେମାନେ ଆଶା ବ୍ୟକ୍ତ କରିଛନ୍ତି ।

# ଭଦ୍ରକରେ ଚାକିରୀ କରାଇଦେବା ନାଁରେ ଠକେଇ: ଦିଘାରୁ ବାନ୍ଧିଲା ଭଦ୍ରକ ଟାଉନ ପୋଲିସ

ଭଦ୍ରକ , ୯/୯ (ନି.ପ୍ର): ସରକାରୀ ଚାକିରୀ କରାଇ ଦେବା ନାଁରେ ଠକୁଥିବା ଜଣେ ଠକକୁ ଦୀଘାରୁ ବାନ୍ଧିଛି ଭଦ୍ରକ ଟାଉନ ପୋଲିସ ଅଭିଯୁକ୍ତ ଯୁବକ ଜଣକ ହେଲେ ଧାମନଗର ଚୁଡ଼ାକୁଟି ଅଞ୍ଚଳର ଜଗନ୍ନାଥ ବାହାଲିଆ, ସେ ଭଦ୍ରକ ଟାଉନ ଥାନା ଅଧିନ ଜଗନ୍ନାଥପୁର ଅଞ୍ଚଳରେ ରହି ନିଜର ଜାଲ ବିଛାଉଥିଲା ଓଡ଼ିଶାର



ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ବ୍ୟାକ୍ତିଗତ ସଚିବ ସହ ଅନେକ ହାଇପ୍ରୋଫାଇଲଙ୍କ ସହ ନିଜର ଫଟୋ ଦେଖାଇ ଲୋକମାନଙ୍କୁ ଠକୁଥିଲା ,ବଡ଼ ବଡ଼ ଲୋକଙ୍କ ସହ ସଂପର୍କ ଥିବା କହି ଅନେକ ଚାକିରୀ ଆଶୀୟାଙ୍କ ଠାରୁ ପ୍ରାୟ ଏକ କୋଟିରୁ ଉର୍ଦ୍ଧ ଟଙ୍କା ଠିକିଥିଲା -ଅଭିଯୋଗ ପରେ ବହୁ ତନାଘନା କରି ପଶ୍ଚିମବଙ୍ଗ ଦୀଘାରୁ ଅଭିଯୁକ୍ତକୁ ଗିରଫ କରିଛି ଭଦ୍ରକ ଟାଉନ ପୋଲିସି ଆଜି କୋର୍ଟ ଚାଲାଣ କରାଯାଇଛି ।

# ନାହୁଆ ନଦୀରେ ପଥରବନ୍ଧ ପାଇଁ କାହ୍ନୁପୁରୁ ଗ୍ରାମବାସୀଙ୍କ ଦାବି

ଉଦଳା , ୯/୯ (ନି.ପ୍ର): ଖୁଂଟା ବ୍ଲକର ଗଡ଼ିଗାଁ ପଂଚାୟତ ଅନ୍ତର୍ଗତ କାହ୍ନୁପୁର ଗ୍ରାମଦେଇ ପ୍ରବାହିତ ହୋଇଛି ଶିମିଳିପାଳରୁ ବାହାରିଥିବା ନାହୁଆ ନଦୀ । ପ୍ରତିବର୍ଷ ବନ୍ୟା ଯୋଗୁଁ ନଦୀର ଉଭୟପାର୍ଶ୍ୱ ଖାଇଯିବା ସହିତ ମୃତିକାକ୍ଷୟ ଜନିତ ଭୟଙ୍କର ବିପଦ ଡ଼ାକିଆଣୁଛି । ନଦୀର ଉଭୟ ପାର୍ଶ୍ୱରେ ପଥରବନ୍ଧ ବସାଇବାକୁ କାହ୍ନୁପୁର ଗ୍ରାମବାସୀ ଦାବି ଜଣାଇଛନ୍ତି । ପଥରବନ୍ଧ ନବସାଇଲେ କିଛିବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କାହ୍ନୁପୁର ଗ୍ରାମଟି ନଦୀଗର୍ଭକୁ ଚାଲିଯିବ ବୋଲି ଗ୍ରାମବାସୀ କହିଛନ୍ତି । ଗ୍ରାମବାସୀଙ୍କର ଏପରି ଏକ ଦାବିକୁ ପୁରଣ କରିବା ପାଇଁ ବିଭାଗୀୟ କତୃପକ୍ଷ ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଅନ୍ତୁ ବୋଲି ଜନଜାଗୃତି ମଂଚର ସଦସ୍ୟ ମାନେ ଅନୁରୋଧ ଜଣାଇଛନ୍ତି ।

# ହେଲଦି ଲାଇଫର ସୁଘୋଷିତ ଓଡ଼ିଶା ମିଶନ ଜାତୀୟ ସେବା ଯୋଜନା ତାଲିମ ଶିବିର

ବାଲେଶ୍ୱର, ୯/୯ (ନି.ପ୍ର): ବାଲେଶ୍ୱର ସଦର ବ୍ଲକର ଇନଷ୍ଟିଚ୍ୟୁଟ ଅଫ୍ ନେଚର କିଅର ହେଲଦୀ ଲାଇଫ୍ ଯୋଗ ମହାବିଦ୍ୟାଳୟ ଚିଡିଆ ପୋଲ ସ୍ଥିର ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ମାନଙ୍କୁ ବାଲେଶ୍ୱର ସଦର ଜିଲ୍ଲା ପୋଷଣ ଅଙ୍ଗନବାଡ଼ି ସୁପର ଭାଜର ସୁଭଶ୍ରୀ ଜେନା ତାଲିମ ଶିବିରରେ ଯୋଗଦାନ କରି ତାଲିମ ପ୍ରଦାନ କରିଥିଲେ, ଅଙ୍ଗନବାଡ଼ି କେନ୍ଦ୍ରକୁ ମନୋନୟନ କରାଯାଇ ସୁପୋଷିତ କରାଯାଇପାରିବ ବୋଲି କୁହାଯାଇ ଥିଲା, ଏଥି ସହିତ ପିଲାଙ୍କ ଓଜନ ଓ ଉଚ୍ଚତା କିପରି ସଠିକ୍ ଭାବେ ମହାଯିବ, ସେହି ବିଷୟରେ ପିଲାଙ୍କୁ ଅବଗତ କରାଇଥିଲେ । ଏହି




କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଫିସର ଡା ଚିତ୍ତରଂଜନ ସାହୁ ପରିଚାଳନା କରିବା ସହିତ ସ୍ୱେଚ୍ଛାସେବୀକୁ ତାଲିମର ଗୁରୁତ୍ୱ ଓ ଉପକାରିତା ସମ୍ପର୍କରେ ପରାମର୍ଶ ଦେଇଥିଲେ ମହାବିଦ୍ୟାଳୟର ବିଭାଗ ଏବଂ ମହିଳା ଓ ଶିଶୁ ବିକାଶର ମିଳିତ ନିର୍ଦ୍ଦେଶ କ୍ରମେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଓ ତାଲିମ ଦେଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ, ଅଧ୍ୟାପିକା ଅଜିତା ମିଶ୍ର, ଅଧ୍ୟାପିକା କାନ୍ତିକ୍ରୀଷ୍ଣା ପାଣି ଗ୍ରାହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଅଧ୍ୟାପକ ଅଭିଶେକ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ବ୍ଲକ୍ ସ୍ତରୀୟ ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ

ବାସୁଦେବପୁର, ୯/୯ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବେତଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ୍ ସ୍ତରୀୟ ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ବାସୁଦେବପୁର ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ସଭାପତିତ୍ୱ କରିଥିଲେ । ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲୋ। ଏହି ଉତ୍ସବରେ ବିଡିଓ ତନ୍ମିତା କର,ତହସିଲଦାର ପ୍ରିୟବ୍ରତ ଦାସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ବ୍ଲକ୍



ସାମାଜିକ ସୁରକ୍ଷା ଅଧିକାରୀ ଆଭା ରଞ୍ଜିତା ପୁହାଣ, ବରଣ୍ଡୁଆ ପଞ୍ଚାୟତ ର ସରପଞ୍ଚ ଗୌରେନ୍ଦ ଚନ୍ଦ୍ର ମଲ୍ଲିକ୍,ଉପ ସାମାଜିକ ସୁରକ୍ଷା ଅଧିକାରୀ ସ୍ମିତା ମାଝୀ, ବେତଡ଼ା ହାଇସ୍କୁଲର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ଏହି ଶିବିରରେ ୩୩୦ ଜଣ ଶାରୀରିକ ଭିନ୍ନ କ୍ଷମ ପଞ୍ଜୀକୃତ ହୋଇଥିଲେ । ଏହି ଶିବିରରେ ଶିକ୍ଷକ ଅମୀୟ ପାଣିଗ୍ରାହୀ ଅତିଥି ମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ ଏବଂ ଶିକ୍ଷକ ଦୈତାରୀ ବେହେରା ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିବିରରେ ବହୁ ସଂଖ୍ୟାରେ ଜନ ସାଧାରଣ ଯୋଗ ଦେଇଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ବ୍ଲକ୍ କର୍ମଚାରୀ ଏହି ଶିବିରରେ ସହଯୋଗ କରିଥିଲେ ।

# ହରଣ ପରିଶୋଧ ନକରିବା ପଡ଼ିଲା ମହଙ୍ଗା: ଘରକୁ ସିଲ୍ କଲା ବ୍ୟାଙ୍କ

ନୀଳଗିରି , ୯/୯ (ନି.ପ୍ର): ଏକ ଘରୋଇ ଫାଇନାନ୍ସ କମ୍ପାନୀରୁ ଘରତିଆରି ପାଇଁ ଲୋନ୍ ଆଣିଥିବା ବେଳେ ପରିଶୋଧ ନକରିବାରୁ ଶେଷରେ ବ୍ୟାଙ୍କ୍ ଘରକୁ ସିଲ୍ କରିଛି । ସୂଚନା ଅନୁଯାୟୀ ନୀଳଗିରି ଥାନା ଅନ୍ତର୍ଗତ ବଉଳଗଡ଼ିଆ ଗ୍ରାମର ଅଂଶୁମାନ ମହାନ୍ତିର ସ୍ତ୍ରୀ ଶୁଭଶ୍ରୀ ମହାନ୍ତି ୨୦୧୭ମସିହାରେ ଆଧାର ହାଉସିଙ୍ଗ ଫାଇନାନ୍ସ ବ୍ୟାଙ୍କରୁ ସାତଲକ୍ଷ ବତିଶିହଜାର ଟଙ୍କା ଋଣ ଆଣିଥିଲେ । ୨୦୧୯ମସିହା ଠାରୁ ଏଯାବତ୍ ବାରମ୍ୱାର ନୋଟିସ୍ ଦେବା ପରେ ବି ଋଣପରିଶୋଧ କରି ନଥିଲେ । ତେବେ ୨୦୨୬ସେପ୍ଟେମ୍ବର ମାସ ସୁଧା ମୋଟ ୨୩ଲକ୍ଷ ୭୧ହଜାର ୮୫୦ଟଙ୍କା ସମୂଳସୁଧ ହୋଇଥିବା ବେଳେ ପରିଶୋଧ ନ କରିବାରୁ ଶେଷରେ ଉକ୍ତ ଫାଇନାନ୍ସ କମ୍ପାନୀ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ନୀଳଗିରିର ସହକାରୀ ଜିଲ୍ଲାପାଳ ପ୍ରଦୀପ କୁମାର ଦାସଙ୍କ ଉପସ୍ଥିତିରେ ଓ ପୋଲିସ୍ ସହାୟତାରେ ଘରର ମୁଖ୍ୟଦ୍ୱାର ଓ ମୁଖ୍ୟଗେଟକୁ ସିଲ୍ କରାଯାଇଛି । ଏହି ଉପଲକ୍ଷେ ନୀଳଗିରି ଥାନାର ଆଇ ଆଇ ସି ଗୋବର୍ଦ୍ଧନ ନାୟକ, ଏ ଏସ ଆଇ, ଶ୍ରୀନିବାସ ରାଉତ, ସମେତ ପୋଲିସ୍ ଫୋର୍ସ ମୁତୟନ ହୋଇଥିବା ବେଳେ ଫାଇନାନ୍ସ କମ୍ପାନୀର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ ।

# ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ଏସଆଇଆରରେ ବ୍ୟାପକ ଚଞ୍ଚକତା: ଇଣ୍ଡିଆ ମେଣ୍ଟ ଜଳେଶ୍ୱର ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ଜଳେଶ୍ୱର , ୯/୯ (ନି.ପ୍ର): ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ଏସ ଆଇ ଆର ପ୍ରକ୍ରିୟାରେ ବ୍ୟାପକ ଅନିମତିୟତା ଓ ଚଞ୍ଚକତା ବିରୁଦ୍ଧରେ ଆଜି ଇଣ୍ଡିଆ ମେଣ୍ଟ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏସ ଆଇ ଆର ପ୍ରକ୍ରିୟା ଦାୟିତ୍ୱରେ ଥିବା ଜଳେଶ୍ୱର ଗ୍ରାମ ପଞ୍ଚାୟତ ଅଧିକାରୀ ସଂପୃକ୍ତିରେ ଫର୍ମ ୭ କୁ ବ୍ୟବହାର କରି ହଜାର ହଜାର ଲୋକଙ୍କୁ ଭୋଟର ଲିଷ୍ଟ ରୁ ବାଦ୍ କରିବା ପାଇଁ ଚକ୍ରାନ୍ତ ଚାଲିଛି । ରାଜପୁର ପଞ୍ଚାୟତରେ ୧୦୨ ନମ୍ବର ବୁଥ ରେ ୬୩ ଜଣ ଭୋଟରଙ୍କ ନାମରେ ୭ ନମ୍ବର ଫର୍ମରେ ଜାଲ ଦସ୍ତଖତ କରି ସେମାନଙ୍କ ନାମ କାଟିବା ପାଇଁ ଯୋଜନା ଚାଲିଛି ଯାହାର ପ୍ରମାଣ ସହ ସାମ୍ବାଦିକ ସମ୍ମିଳନୀ ରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ଉପସ୍ଥାପିତ କରିବା ସହିତ ଜି ପି ଓ ଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ତାହା ସହିତ ସମଗ୍ର ନିର୍ବାଚନ ମଣ୍ଡଳୀରେ ଥିବା ଥିବା ୩୧୬ ବୁଥ ରେ କେତେ ଲୋକଙ୍କ ନାମରେ ୭ ନମ୍ବର ଫର୍ମରେ ଅଭିଯୋଗ ଆସିଛି ବା ସେମାନଙ୍କ ନାମ କାଟିବା ପାଇଁ ଆବେଦନ କରାଯାଇଛି, ତାର ତାଲିକା ଦେବା ପାଇଁ ଏ ଇ ଆର ଓ, ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ଦାବି କରାଯାଇଛି । ଯଦି ଅନ୍ୟାୟ ବା ଚଞ୍ଚକତା କରି କାହାରି ନାମ କରିବାକୁ ପ୍ରୟାସ କରାଯାଏ ତେବେ ଇଣ୍ଡିଆ ମେଣ୍ଟ ପକ୍ଷରୁ ଘୋର ପ୍ରତିବାଦ ହେବ ବୋଲି ଇଣ୍ଡିଆ ମେଣ୍ଟ ତରଫରୁ ଚେତାବନୀ ଦିଆଯାଇଛି । ଆଜିର ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା ସୁଦର୍ଶନ ଦାସ, ସିପିଏମ ନେତା ଶିଶିର ହୁଇ ଙ୍କ ସମେତ ବ୍ଲକ କଂଗ୍ରେସ ସଭାପତି ହେମନ୍ତ ଗିରି, ଟାଉନ କଂଗ୍ରେସ ସଭାପତି ଜଗଦୀଶ ନନ୍ଦୀ, ନିର୍ବାଚନ ମଣ୍ଡଳୀର ସଂଯୋଜକ ମଧୁ ସୁଦନ ଦାସ, କିଶାନ କଂଗ୍ରେସ ସଭାପତି ସୁଦାମ ପାତ୍ର, ସିପିଏମ ନେତା ସୀତାଂଶୁ ସେନାପତି, ରବୀନ୍ଦ୍ର ବାରିକ, ପଦ୍ମଲୋଚନ ବେହେରା, ଦୀପ୍ତିମାନ ଆଚାର୍ଯ୍ୟ, ଦିଲୀପ ପରିଡ଼ା, ରାମ ବେହେରା, ସଞ୍ଜିତ ପ୍ରଧାନ, ପ୍ରଶାନ୍ତ ରାୟ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ୟୁଏଇ ଇନଭେଷ୍ଟର୍ସ ମିଟ:...

ପରିଚାଳନା ନିର୍ଦ୍ଦେଶକ କରଣ ଆଦାନୀ ଓ ଆଦାନୀ ଗ୍ରୀନ୍ ଏନର୍ଜିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସାଗର ଆଦାନୀଙ୍କ ସମେତ ୟୁଏଇର ପ୍ରମୁଖ ଶିଳ୍ପପତି ଓ ବହୁ ବିଶିଷ୍ଟ ଓଡ଼ିଆ ଉଦ୍ୟୋଗୀ ସାମିଲ ଥିଲେ । ସେହିପରି ପୂର୍ବ ବୁଝାମଣା ଅନୁଯାୟୀ ପ୍ରସ୍ତାବିତ ମେଗା ସମନ୍ୱିତ ଆଲୁମିନିୟମ ପ୍ରକଳ୍ପର ଅଂଶସ୍ୱରୂପ ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର ତହସିଲରେ ଆଲୁମିନା ରିଫାଇନାରି ଓ ସୁନ୍ଦରଗଡ଼ ସଦର ତହସିଲରେ ଆଲୁମିନିୟମ ସ୍ମେଲ୍ଟର ସ୍ଥାପନ ନିମନ୍ତେ ଜମି ନିରୂପଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି । ଏଥିସହ ଡାଉନଷ୍ଟ୍ରିମ୍ ଧାତବ ଶିଳ୍ପ, ସ୍ଲରି ପାଇପଲାଇନ୍, ଦୁର୍ଲଭ ଖଣିଜ ସମ୍ପଦ, ପେଟ୍ରୋକେମିକାଲ୍ସ, ଅକ୍ଷୟ ଶକ୍ତି ଉପକରଣ, ସ୍ୱାସ୍ଥ୍ୟସେବା, ଭିତ୍ତିଭୂମି, ପର୍ଯ୍ୟଟନ, ଦକ୍ଷତା ବିକାଶ ତଥା କ୍ରୀଡ଼ା ଭିତ୍ତିଭୂମି ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ଏହି ନୂଆ ପୁଞ୍ଜିନିବେଶ ହେବ ବୋଲି ଜଣାପଡ଼ିଛି । ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କକୁ ଆଗେଇ ନେବାପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ଇଣ୍ଡିଆନ ବିଜନେସ ଆଣ୍ଡ ପ୍ରଫେସନାଲ ଗ୍ରୁପ୍ (ଆଇବିପିଜି)ର କର୍ମକର୍ତ୍ତାଙ୍କ ସହ ବୈଠକ କରି ଏକ ସହଯୋଗ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି । ଏହା ମାଧ୍ୟମରେ କନ୍ଧମାଳ ହଳଦୀ, ଅଦା ଓ ସାମୁଦ୍ରିକ ଖାଦ୍ୟ ଭଳି ଓଡ଼ିଶାର ସ୍ଥାନୀୟ ଉତ୍ପାଦଗୁଡ଼ିକୁ ୟୁଏଇ ବଜାରକୁ ରପ୍ତାନି କରିବା ସହ ଅନ୍ତର୍ଜାତୀୟ ବ୍ରାଣ୍ଡ ପାଇଁ ଚୁକ୍ତିଭିତ୍ତିକ ଉତ୍ପାଦନ ଓ ରାଜ୍ୟର ଦକ୍ଷ କାରିଗରଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ । ସେହିପରି ପେଟ୍ରୋକେମିକାଲ କ୍ଷେତ୍ରକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରମୁଖ ପଲିମର କମ୍ପାନୀ 'ବୋରୋଜ୍'ର ସିଇଓ ହଜିମ ସୁଲତାନ ଅଲ ସୁୱାଇଦିଙ୍କୁ ଭେଟି ପାରାଦୀପରେ ଇଣ୍ଡିଆନ ଅଏଲର ନାପଥା କ୍ରାକର ପ୍ରକଳ୍ପ ସହାୟତାରେ ଏକ ବୃହତ୍ ଡାଉନଷ୍ଟ୍ରିମ କେମିକାଲ୍ସ କମ୍ପ୍ଲେକ୍ସ ସ୍ଥାପନ ପାଇଁ ନିମନ୍ତ୍ରଣ କରିଛନ୍ତି । ଅନ୍ୟ ଏକ ବୈଠକରେ ୟୁଏଇର ଶୀର୍ଷ ନିବେଶକାରୀ ସଂସ୍ଥାଗୁଡ଼ିକ ଆଗରେ ଓଡ଼ିଶାର ବନ୍ଦର ଓ ପିପିପି ମୋଡ୍ ପ୍ରକଳ୍ପଗୁଡ଼ିକ ଉପସ୍ଥାପନ କରାଯାଇଛି ହୋଇଛି, ଯାହା ଆଗାମୀ ଦିନରେ ରାଜ୍ୟରେ ଏକ ସ୍ଥାୟୀ ଓ ସୁଦୃଢ଼ ଅର୍ଥନୈତିକ ଭିତ୍ତିଭୂମି ଗଠନ କରିବାରେ ସହାୟକ ହେବ ବୋଲି ସରକାରୀ ଭାବେ କୁହାଯାଇଛି ।

### କଳା ଗାଡ଼ି ବଢ଼ାଇଲା...

କରୁଥିବା ଟ୍ରଲର ଓ ଅନ୍ୟ ଜାହାଜ ବାବଦରେ ତଥ୍ୟ ସଂଗ୍ରହ କରାଯାଇଛି । ବିରଳ ବନ୍ୟଜନ୍ତୁଙ୍କୁ ସମୁଦ୍ର ପଥ ଦେଇ ଚୋରା ଚାଲାଣ କରାଯାଇଥିବା ସନ୍ଦେହ କରାଯାଉଛି । ବାଲେଶ୍ୱରକୁ କେଉଁଠୁ ଆସିଲେ ବିରଳ ଓରାଙ୍ଗ ଉଟାନ୍ ? ପଶ୍ଚିମବଙ୍ଗ ଦେଇ କରାଯାଇଥିଲା କି ଚୋରା ଚାଲାଣ ? ବାଲେଶ୍ୱରକୁ ଟ୍ରାନଜିଟ୍ କରିଡର କରି କୋଲକାତାରୁ ହେଉଥିଲା ଅନ୍ତର୍ଜାତୀୟ ସ୍ମଗଲିଂ ଧରାପଡିବା ଭୟରେ ଜଙ୍ଗଲରେ ଛାଡିଦେଲେ କି ମାଫିଆ ? ବିଦେଶୀ ଜନ୍ତୁଙ୍କ ଏଭଳି ଉଦ୍ଧାର ନେଇ ଘନ ଘନ ପ୍ରଶ୍ନ ଭିତରେ ସନ୍ଦେହ ବଢାଇଛି କଳା ରଙ୍ଗର ଗାଡି । ଓରାଙ୍ଗଉଟାନ ଠାବ ହେବା ପୂର୍ବରାତିରେ ସେହି ରାସ୍ତାରେ ଦେଖିବାକୁ ମିଳିଥିଲା ଏକ କଳା ରଙ୍ଗର ଗାଡି । ଯାଇଥିଲା ରାତି ପ୍ରାୟ ୧୧ଟା ୩୫ରେ ଆଉ ଫେରିଥିଲା ତାର ୧୦ ମିନିଟ ପରେ ଅର୍ଥାତ୍ ୧୧ଟା ୪୭ରେ । ସ୍ଥାନୀୟ ଲୋକେ କହିଛନ୍ତି ରାତିରେ ସେମାନେ ଏହି ଗାଡି ଦେଖିଥିଲେ । ଖୋଳତାଡ ପରେ ସାମନାକୁ ଆସିଛି ଗାଡିର ସିସିଟିଭି ଫୁଟେଜ୍ । ସ୍ଥାନୀୟ ବନବିଭାଗ ବି କହୁଛି ପ୍ରାଟ୍ରୋଲିଂ ସମୟରେ ସେମାନେ ଏହି ଗାଡିକୁ ଦେଖିଥିଲେ । ନନ୍ଦନକାନନକୁ ଅଣାଯାଇଥିବା ୫ଟି ଓରାଙ୍ଗଉଟାନ୍କୁ ଏବେ କ୍ୱାରେଣ୍ଟାଇନରେ ରଖାଯାଇଛି । ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଆବଶ୍ୟକ ଚିକିତ୍ସା ଓ ଯତ୍ନ ନିଆଯାଉଛି । ପରୀକ୍ଷା ବେଳେ ଜଣକର ସାମାନ୍ୟ ଜ୍ୱର ଥିବା ବେଳେ ଅନ୍ୟ ଦୁଇ ଜଣଙ୍କଠାରେ ଥଣ୍ଡା ଲକ୍ଷଣ ଦେଖାଦେଇଥିଲା । ଔଷଧ ଦିଆଯାଇ ବର୍ତ୍ତମାନ ସେମାନଙ୍କୁ ୨୪ ଘଣ୍ଟିଆ ନିରୀକ୍ଷଣରେ ରଖାଯାଇଛି । ଆଗକୁ ସେମାନଙ୍କ ଡିଏନଏ ସହ ବିଭିନ୍ନ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯିବ । ରିପୋର୍ଟ ମିଳିବା ପରେ ସେମାନଙ୍କ ପ୍ରଜାତି, ଉତ୍ସ ଓ ସ୍ୱାସ୍ଥ୍ୟ ସମ୍ପର୍କରେ ଅଧିକ ସ୍ପଷ୍ଟତା ମିଳିବ । ଉଦ୍ଧାର ହୋଇଥିବା ଓରାଙ୍ଗଉଟାନ ଇଣ୍ଡୋନେସିଆର ବୋର୍ଣ୍ଣିଓ ଅଞ୍ଚଳର ହୋଇଥିବା ସନ୍ଦେହ କରାଯାଉଛି । ତେବେ ସେମାନେ ଏଠାକୁ କେମିତି ଆସିଲେ ତାର ତଦନ୍ତ ଚାଲିଛି । ବିଭିନ୍ନ ସମ୍ଭାବ୍ୟ ରୁଟ୍, ବିମାନବନ୍ଦର ଓ ରେଳ ଷ୍ଟେସନ୍ ର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି । ସେପଟେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ କହିଛନ୍ତି, ଓରାଙ୍ଗଉଟାନ୍ ଙ୍କ ବୟସ ଓ ସେମାନଙ୍କ ପ୍ରାକୃତିକ ଜୀବନଶୈଳୀକୁ ଦୃଷ୍ଟିରେ ରଖି ନନ୍ଦନକାନନରେ ସେମାନଙ୍କ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବା ବଡ଼ ଚ୍ୟାଲେଞ୍ଜ । ଏନେଇ ବିଶେଷଜ୍ଞଙ୍କ ପରାମର୍ଶ ନିଆଯାଉଛି ।

### ଏସଆଇଆରକୁ ନେଇ...

ଝାରସୁଗୁଡ଼ାରେ ଜୀବିତ ବ୍ୟକ୍ତିଙ୍କୁ ମୃତ ଦର୍ଶାଇ ନାଁ କଟାଯାଇଥିବା ଅଭିଯୋଗ କରି, ବିରୋଧ ଶୋଭାଯାତ୍ରା କରିଛି ବିଜେଡି । ନିର୍ଦ୍ଦିଷ୍ଟ କିଛି ଗୋଷ୍ଠୀଙ୍କ ସମର୍ଥନରେ ଜାଣିଶୁଣି କରାଯାଇଥିବା କହିଛନ୍ତି ଲୋକେ । ପୂର୍ବତନ ବିଧାୟିକା ଦୀପାଳି ଦାସ ଏଥିରେ ସାମିଲ ହୋଇଥିବା ବେଳେ, ଏସ୍‌ଡିପିଓଙ୍କୁ ଦାବିପତ୍ର ଦେଇଛି ଦଳ । ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ରେ ୧୧ ଦଫା ଦାବି ନେଇ ଉପଜିଲ୍ଲାପାଳଙ୍କ ଅଫିସ୍ ଘେରାଉ କରିଛି ବିଜେଡି । ସେଥିରୁ ଗୋଟିଏ ପ୍ରମୁଖ ଦାବି ହେଉଛି ଏସ୍‌ଆଇଆର୍ ସମ୍ପର୍କିତ । ତେବେ ନାଁ କଟାକୁ ନେଇ ନୁହେଁ, ନା କଟା ନଯିବାକୁ ନେଇ । ଉପମୁଖ୍ୟମନ୍ତ୍ରୀ କେଭିଙ୍କ ଝିଅ ରାଜସ୍ଥାନ ଉଦୟପୁରରେ ବାହା ହୋଇ, ସେଠାରେ ରହୁଛନ୍ତି । ଅଥଚ ଏସ୍‌ଆଇଆର୍ ସଂଶୋଧନରେ ତାଙ୍କ ନାଁ କାହିଁକି କଟାଗଲା ନାହିଁ ବୋଲି ପ୍ରଶ୍ନ ଉଠାଇଛନ୍ତି ବିରୋଧୀ ।

### ଆସୁଛି ଲଘୁଚାପ...

ଧୀରେ ପଶ୍ଚିମରୁ ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଓଡ଼ିଶା ଦେଇ ଛତିଶଗଡ଼ ଏବଂ ମଧ୍ୟ ଭାରତ ଆଡ଼କୁ ଯାଇପାରେ । ପ୍ରଥମେ ଉତ୍ତର ଓ ଉତ୍ତର ଉପକୂଳ ଓଡ଼ିଶାରେ ବର୍ଷା ବଢ଼ିବ । ପରେ ଲଘୁଚାପ ନିକଟତର ହେବା ସହ ଉପକୂଳ ଏବଂ ମଧ୍ୟ ଓଡ଼ିଶାରେ ବଢ଼ିପାରେ ବର୍ଷାର ପରିମାଣ । ଏହାପରେ ଦକ୍ଷିଣ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାକୁ ବି ପ୍ରଭାବିତ କରିପାରେ । ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ହେବ । କିନ୍ତୁ କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି । ୨୪ ଘଣ୍ଟା ମଧ୍ୟରେ କିଛି ଜାଗାରେ ୧୦୦ ମିଲିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ଏହାଛଡ଼ା, ସେପ୍ଟେମ୍ବର ୧୭ରୁ ୨୦ ଭିତରେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି ।

### ୟୁପିରେ ବିଜେପିର ...

୨୭୩ଟି ଆସନ ପାଇଥିଲା । ୪୦୩ ସଦସ୍ୟ ବିଶିଷ୍ଟ ବିଧାନସଭାରେ ସଂଖ୍ୟାଗରିଷ୍ଠତା ପାଇଁ ୨୦୨ଟି ଆସନ ଆବଶ୍ୟକ । ଅନ୍ୟପକ୍ଷରେ ୨୦୨୪ ଲୋକସଭା ଫଳାଫଳରେ ଉତ୍ସାହିତ ସମାଜବାଦୀ ପାର୍ଟି ଓ କଂଗ୍ରେସ ମଧ୍ୟ ନିର୍ବାଚନ ପ୍ରସ୍ତୁତିରେ ଲାଗିଛନ୍ତି । ଅଖିଳେଶ ଯାଦବ 'ପିଡିଏ' ସାମାଜିକ ସମୀକରଣ ଉପରେ ଗୁରୁତ୍ୱ ଦେଉଥିବା ବେଳେ କଂଗ୍ରେସ ଦଳିତ ଓ ମୁସଲିମ୍ ଭୋଟକୁ ଏକାଠି କରି ନିଜ ଆଧାର ବଢ଼ାଇବାକୁ ଉଦ୍ୟମ କରୁଛି ।

# 'ଶ୍ୱେତପଦ୍ମା ସାହିତ୍ୟ ସଂସଦ' ତରଫରୁ କବିତା ପାଠୋତ୍ସବ



ବ୍ରହ୍ମପୁର, ୯/୯ (ନି.ପ୍ର): ୟୁ.ସି.ପି ଇଂଜିନିୟରିଂ ସ୍କୁଲ ଖେଳ ପଡ଼ିଆ ଠାରେ ବ୍ରହ୍ମପୁର ସ୍ୱଦେଶୀ ଉଦ୍ୟୋଗ ମେଳା ତରଫରୁ ଅନୁଷ୍ଠିତ ସାହିତ୍ୟ ସନ୍ଧ୍ୟା ଅବସରରେ 'ଶ୍ୱେତପଦ୍ମା ସାହିତ୍ୟ ସଂସଦ' ତରଫରୁ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନେକ କବି ଓ କବୟିତ୍ରୀ ସ୍ୱରଚିତ ମନଛୁଁଆ କବିତା ପାଠ କରିଥିଲେ । ଶ୍ୱେତପଦ୍ମା ସାହିତ୍ୟ ସଂସଦର ପ୍ରତିଷ୍ଠାତା ସଭାପତି ଇଂ. ବିଜୟ ମିଶ୍ର ସାହିତ୍ୟ ଆସରର ସଭାପତିତ୍ୱ କରିଥିଲେ । କାର୍ଯ୍ୟକାରୀ ସମ୍ପାଦିକା ଶ୍ରୀମତୀ ସସ୍ମିତା ମିଶ୍ର ଆସରର ପରିଚାଳନା କରିଥିଲେ । କବୟିତ୍ରୀ ସୁଶ୍ରୀ ସୁଚେତା ପାଣିଗ୍ରାହୀ କବିତା ଗୁଡିକର ସଂଯୋଜନା କରିଥିଲେ । ସାଧାରଣ ସମ୍ପାଦିକା ଶ୍ରୀମତୀ ମଧୁଛନ୍ଦା ମିଶ୍ର ଓ ଉପ-ସଭାପତି ଶ୍ରୀମତୀ ସୌଦାମିନୀ ମିଶ୍ର ବି ଏହି ସଭା କାର୍ଯ୍ୟରେ ସହଯୋଗ କରିଥିଲେ । ନୀଳକଣ୍ଠ ସାହୁ, ଭିକାରୀ ଚରଣ ମହାପାତ୍ର, ସବିତା ସାହୁ, ମିହିର କୁମାର ରଥଶର୍ମା, ମନମୋହନ ମହାପାତ୍ର, ହରପ୍ରିୟା ସାହୁ, ପୂର୍ଣ୍ଣମ ଦାସ, ଅଶୋକ ମହାନ୍ତି, ଡ. ଲକ୍ଷ୍ମୀନାରାୟଣ ଦାଶ, ଆଡଭୋକେଟ ମନୋଜ କୁମାର ପାଣିଗ୍ରାହୀ, ଜ୍ୟୋସ୍ନା ରାଣୀ ଦେବୀ, କୁସୁମ ପଣ୍ଡା, ବି. ସତ୍ୟମ ଆଚାରୀ, ସୁଶ୍ରୀ ସୁଚେତା ପାଣିଗ୍ରାହୀ, ସସ୍ମିତା ମିଶ୍ର, ସୌଦାମିନୀ ମିଶ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ପ୍ରତିଷ୍ଠାତା ସଭାପତି ଇଂ. ବିଜୟ ମିଶ୍ର ସ୍ୱରଚିତ କବିତା ପାଠ କରିବା ସହ ହିନ୍ଦୀ ଭଜନ ତଥା ରୋମାଣ୍ଟିକ ହିନ୍ଦୀ ଗୀତ ସଂଗୀତ ପରିବେଷଣ କରିଥିଲେ । ପରିଶେଷରେ ଉପ-ସଭାପତି ଶ୍ରୀମତୀ ସୌଦାମିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କବିତା ପାଠୋତ୍ସବ ସଫଳ ଓ ଅତ୍ୟନ୍ତ ଆନନ୍ଦଦାୟକ ହୋଇଥିଲା ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଜଳେଶ୍ୱର ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ

ଜଳେଶ୍ୱର, ୯/୯ (ନି.ପ୍ର): ଜଳେଶ୍ୱର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱତନ୍ତ୍ର ବୈଠକ ଆଜି ଅପରାହ୍ନ ୪ ଘଟିକା ସମୟରେ ସମିତି ସଭାଗୃହରେ ପଞ୍ଚାୟତ ସମିତିର ଅଧକ୍ଷ ମାନସ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଧାୟକ ଅଶ୍ୱିନୀ କୁମାର ପାତ୍ର,ଜିଲ୍ଲା ପରିଷଦ ଉପାଧକ୍ଷା ଅନୁସୟା ପ୍ରଧାନ,ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ,ତହସିଲଦାର ସତ୍ୟଜିତ ମହାନ୍ତି,ପଞ୍ଚାୟତ ସମିତି ଉପାଧକ୍ଷା ସଞ୍ଚିତା ସେନାପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ଲକ୍‌ର ବିଭିନ୍ନ ଜନହିତକର ଓ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ସମୀକ୍ଷା କରାଯିବା ସହ ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇ ଥିଲା। ପଞ୍ଚାୟତ ସମିତି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ,ଏହି ଅଧିବେଶନରେ ମୁଖ୍ୟତଃ ବିପିଡିପି ପ୍ରକଳ୍ପ,ବ୍ଲକ୍‌ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା,ଭିବି-ଜି ରାମଜି ଯୋଜନା,ଏବଂ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ସମସ୍ୟା ଓ ସମାଧାନ ଉପରେ ବିଶେଷ ଆଲୋଚନା କରାଯାଇ ଥିଲା। ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଜରୁରୀ ସମସ୍ୟା ଉପରେ ମଧ ବିଚାରବିମର୍ଶ କରାଯାଇ ଥିଲା। ଏହି ସ୍ୱତନ୍ତ୍ର ବୈଠକରେ ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା,ସମସ୍ତ ସମିତି ସଭ୍ୟ/ସଭ୍ୟା ଏବଂ ଜଳେଶ୍ୱର ବ୍ଲକ୍‌ର ସମସ୍ତ ସରପଞ୍ଚ ମାନେ ଉପସ୍ଥିତ ଥିଲେ।ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ,ଗୋଷ୍ଠୀ କୃଷି ଅଧିକାରୀ, ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ,ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ,ଗ୍ରାମ୍ୟ ଜଳ ଓ ପରିମଳ,ମତ୍ସ୍ୟ ବିଭାଗର ବିଭାଗୀୟ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ,ବ୍ଲକ୍‌ର ବିକାଶମୂଳକ କାର୍ଯ୍ୟଗୁଡ଼ିକୁ ଆଗେଇ ନେବା ଏବଂ ଗ୍ରାମାଞ୍ଚଳର ପାନୀୟ ଜଳ ସମସ୍ୟାର ସମାଧାନ କରିବା ପାଇଁ ଏହି ସ୍ୱତନ୍ତ୍ର ବୈଠକ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା।

## ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ବାଲେଶ୍ୱର ଗସ୍ତ



ଭୁବନେଶ୍ୱର, ୯/୯ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗର ପ୍ରାକ୍ତନ ବିଭାଗ-ମୁଖ୍ୟ, ଓଡ଼ିଶାର ବିଶିଷ୍ଟ ଲେଖକ ଓ ଶିକ୍ଷାବିତ ତଥା ସ୍ୱଭାବ-କବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର ପ୍ରଫେସର ମଣୀନ୍ଦ୍ର କୁମାର ମେହେର ଚଳିତ ୧୦ ତାରିଖରେ ବାଲେଶ୍ୱର ଆସୁଥିବାର ସୂଚନା ମିଳିଛି। ସେ ବ୍ୟାସ ବିହାରରେ ଅବସ୍ଥାନ କରି ୧୧ ତାରିଖରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ।

## ଅଗ୍ରୱାଲା ବିଦ୍ୟାଳୟରେ ଉତ୍ତର ଜୋନସ୍ତରୀୟ କ୍ରୀଡା ମହୋତ୍ସବ



ବସ୍ତା , ୯/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ହଳଦୀପଦା ସ୍ଥିତ ଅଗ୍ରୱାଲା ସରକାରୀ ଉଚ୍ଚ ବିଦ୍ୟାଳୟ ରେ ଉତ୍ତର ଜୋନ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ଉତ୍ସାହ ଓ ଉଦ୍ଦୀପନାର ସହ ସହିତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୋନ ଅନ୍ତର୍ଗତ ବିଭିନ୍ନ ସ୍କୁଲ ର ୧୪ ରୁ ୧୭ ବର୍ଷ ବର୍ଗର ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଉଦ୍ଘାଟନୀ ସଭାରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଡ କୌଶିକ କୁମାର ଦାସ ସଭାପତିତ୍ୱ କରିଥିଲେ । ସେ ନିଜ ଅଭିଭାଷଣ ରେ କହିଥିଲେ ଯେ କ୍ରୀଡା କ୍ରୀଡା ଛାତ୍ର ଛାତ୍ରୀଙ୍କୁ ଶାରୀରିକ ସୁସ୍ଥତା ସହିତ ମାନସିକ ଦୃଢ଼ତା, ଶୃଙ୍ଖଳା, ଧର୍ଯ୍ୟ ଓ ଆତ୍ମବିଶ୍ୱାସ କୁ ବୃଦ୍ଧି କରେ । ଜିତିବା ଅପେକ୍ଷା ଖେଳ ର ନିୟମ ମାନି ସତ୍ୟନିଷ୍ଠା ଓ କ୍ରୀଡ଼ାସୁଲଭ ଗୁଣ ମନୋଭାବ ରେ ଅଂଶ ଗ୍ରହଣ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ଛାତ୍ର ଛାତ୍ରୀ ଙ୍କୁ ପରାମର୍ଶ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ସଦର ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପିରିନ୍ସିପାଲ ଗୋକୁଳ କୃଷ୍ଣ ବେହେରା ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅଥିତି ଭାବେ କସିପଦା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଚନ୍ଦ୍ର ଶେଖର ଦାସ, ମହାପାତ୍ର ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରି କଲ୍ୟାଣୀ ସାହୁ ସି ଆର ସି ସି ରାଇସୁଆଁ କାର୍ତ୍ତିକ କୁମାର ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଣେଶ ଚନ୍ଦ୍ର ସେଠୀ, ୱାର୍ଡ ସଦସ୍ୟା ସତ୍ୟଭାମା ନାୟକ, ପୁରାତନ ଛାତ୍ର ସଂସଦ ସଭ୍ୟ ଅନିଲ କୁମାର ସାହୁ ଯୋଗ ଦେଇଥିଲେ। କର୍ଯ୍ୟକ୍ରମ ରେ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା ଶିକ୍ଷୟିତ୍ରି ଡ. ପ୍ରତିଭା ମାନ୍ନା, ଇତିଶ୍ରୀ ପଣ୍ଡା କରିଥଲେ । ଛାତ୍ର ଛାତ୍ରୀ ମାନଙ୍କୁ ନେଇ, ଦୌଡ, କବାଡି, କ୍ରିକେଟ, ଭଲିବଲ, ଫୁଟବଲ ଆଦି ବିଭିନ୍ନ ପ୍ରକାର ର ଖେଳ ଆୟୋଜନ ହେଇଥିବା ବେଳେ ଉତ୍ତର ଜୋନ ର କ୍ରୀଡା ଶିକ୍ଷକ ରବୀନ୍ଦ୍ର ନାଥ ପ୍ରଧାନ ଓ ଶିକ୍ଷୟିତ୍ରି ମାନେ ଖେଳ ପରିଚାଳନା କରିଥିଲେ । ଏହି କ୍ରୀଡା ଆୟୋଜନ କୁ ଜୟଶ୍ରୀ ଜେନା, ସୌଭାଗ୍ୟ ଲକ୍ଷ୍ମୀ ସାହୁ, ସରିତା ବାରିକ, ଭବାନୀ ଶଙ୍କର ଭଞ୍ଜ, ଜୟପ୍ରକାଶ ଜେନା ଆଲୋକ ପାଢ଼ୀ, ସସ୍ମିତା ଦାସ, ସୂର୍ଯ୍ୟମୟୀ ବେହେରା, ସୁଚିସ୍ମିତା ପାତ୍ର, ସୁଜାତା ଦାସ ଅଧିକାରୀ ଗୌତମ ଧଳ, ଦୀପକ ସାମଲ, ସଞ୍ଜୟ ଦାସ ଓ ସୌମ୍ୟ ପ୍ରକାଶ ମହାନ୍ତି ସଫଳ କରିବା ରେ ସହୋଜୋଗ କରିଥିଲେ । ଶେଷରେ ସ୍କୁଲ ର ଶିକ୍ଷୟିତ୍ରି ରନିତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଉଦଳାରେ ଜଙ୍ଗଲଜମି ପଟ୍ଟା ବଂଟନ ପର୍ବ



ଉଦଳା , ୯/୯ (ନି.ପ୍ର): ଉଦଳା ପଂଚାୟତ ସମିତି ତରଫରୁ ଜଙ୍ଗଲଜମି ପଟ୍ଟା ବଂଟନ ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଏଥିପାଇଁ ଚଳିତ ସେପ୍ଟେମ୍ବର ୮ ତାରିଖ ମଙ୍ଗଳବାର ଦିନ ସ୍ଥାନୀୟ ସନ୍ଧାନଗୃହ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମାନ୍ୟବର ବିଧାୟକ ଭାସ୍କର ମଢ଼େଇ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ । ଏହାପରେ ଉଦଳାରେ କାର୍ଯ୍ୟରତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମରଜିତ କରଙ୍କ ଅଧକ୍ଷତାରେ ହିତାଧିକାରୀ ମାନଙ୍କୁ ପଟ୍ଟା ବଂଟନ କରାଯାଇଥିଲା । ତହସିଲଦାର ସୁପ୍ରଭା ଦାସ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର ମହାନ୍ତି, ମଙ୍ଗଳ ଅଧିକାରୀ ମନୋଜ କୁମାର ଶତପଥି, ରାଜସ୍ୱ ଅଧିକାରୀ ପ୍ରଣତି ପୁଷ୍ପାଞ୍ଜଳି ପ୍ରମୁଖ ଉପସ୍ଥିତ ରହି ପଟ୍ଟା ବଂଟନ କରିଥିଲେ । ମୋଟ ୮୨ ଜଣ ହିତାଧିକାରୀଙ୍କୁ ଜଙ୍ଗଲଜମି ପଟ୍ଟା ବଂଟନ କରାଯାଇଥିବାର ଜଣାଯାଇଛି ।

## ଶାନ୍ତିଲତା ଉପ୍ରା ବିଦ୍ୟାଳୟରେ ଶିକ୍ଷୟତ୍ରୀଙ୍କୁ ବଦଳି : ୨ୟ ଦିନରେ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ଧାରଣା



ଖଇରା, ୯/୯ (ନି.ପ୍ର): ଅର୍ଦ୍ଧବାର୍ଷିକ ପରୀକ୍ଷାକୁ ଆଉମାତ୍ର ୨୦ଦିନ ଥିବା ବେଳେ ବାଲେଶ୍ୱର ଜିଲା ଖଇରା ବ୍ଲକ ବାଉଁଶଗଡିଆ ପଞ୍ଚାୟତ ଅଧୀନ ବରପଦାସ୍ଥିତ ଶାନ୍ତିଲତା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ସହକାରୀ ଶିକ୍ଷୟତ୍ରୀ ତମାଳ ବାରିକଙ୍କୁ ବଦଳୀ କରାଯିବାକୁ ନେଇ ପରିଚାଳନା କମିଟି,ଅଭିଭାବକ ତଥା ଛାତ୍ରଛାତ୍ରୀ ଙ୍କ ପକ୍ଷରୁ ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ଧାରଣା ଅବ୍ୟାହତ ରହିଛି । ବୁଧବାର ପରିଚାଳନା କମିଟି ସଭାପତି କାହ୍ନୁ ଚରଣ ମହାନ୍ତିଙ୍କ ନେତୃତ୍ୱରେ ଗ୍ରାମବାସୀ ଓ ଛତ୍ରୀଛାତ୍ର ମାନେ ଫାଟକରେ ତାଲା ଦେଇ ୪ଟା ପର୍ଯ୍ୟନ୍ତ ଧାରଣାରେ ବସିରହିଥିଲେ । ତେବେ ଗୋଷ୍ଠୀ ଶିକ୍ଷାଧିକାରୀଣୀଙ୍କ କାର୍ଯ୍ୟାଳୟ ରୁ କୌଣସୀ ଅଧିକାରୀ ଧାରଣାସ୍ଥଳକୁ ଯାଇନଥିବାରୁ ଗ୍ରାମବାସୀ ମାନେ ବ୍ଲକ ଓ ଜିଲା ଶିକ୍ଷାଧିକାରୀଙ୍କ ଉପରେ ପ୍ରବଳ ଅସନ୍ତୋଷ ପ୍ରକାଶ କରିଛନ୍ତି । ଖଇରା ପୋଲିସ ଘଟଣାସ୍ଥଳକୁ ଯାଇ ବୁଝାଶୁଝା କରିଥିଲେ ହେଁ ଯେତେଦିନ ପର୍ଯ୍ୟନ୍ତ ବିଇଓ କିମ୍ବା ଡିଇଓ ଆଲୋଚନାକୁ ଯାଇ ନାହାଁନ୍ତି ସେତେଦିନ ପର୍ଯ୍ୟନ୍ତ ଏହି ଧାରଣା ଚାଲୁରହିବ ବୋଲି ଛାତ୍ରୀଛାତ୍ର ମାନେ କହିଛନ୍ତି । ବିଦ୍ୟାଳୟରେ ୧୮୦ ପିଲା ପଢୁଥିବା ବେଳେ ମେ ମାସରେ ଜଣେ ଶିକ୍ଷୟତ୍ରୀ ଓ ପୁନଶ୍ଚ ସେପ୍ଟେମ୍ବର ୫ତାରିଖରେ ସବୁପ୍ରକାର ଗାଇଡଲାଇନକୁ ଉଲ୍ଲଂଘନ କରି ଜନଗଣନା ଦାୟିତ୍ୱରେ ଥିବା ଶିକ୍ଷୟତ୍ରୀ ତମାଳ ବାରିକଙ୍କ ବଦଳୀକୁ ନେଇ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଧାରଣାକୁ ଓହ୍ଲାଇଛନ୍ତି । ଯଦି ବୁଧବାର କୌଣସୀ ଅଧିକାରୀ ଘଟଣାସ୍ଥଳକୁ ନଯାଆନ୍ତି ତେବେ ନିଜ ଅଭିଭାବକଙ୍କ ସହ ବାଲେଶ୍ୱର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବାକୁ ସଂପୃକ୍ତ ଛାତ୍ରଛାତ୍ରୀ ମାନେ ଚେତାବନୀ ଦେଇଛନ୍ତି ।

## ମୟୂରଭଞ୍ଜ ଜିଲ୍ଲାରେ ଆନ୍ତର୍ଜାତୀୟ ସାକ୍ଷରତା ଦିବସ-୨୦୨୬ ପାଳିତ



ବାରିପଦା, ୯/୯ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ଆନ୍ତର୍ଜାତୀୟ ସାକ୍ଷରତା ଦିବସ-୨୦୨୬ ଉତ୍ସାହ ଓ ଉଦ୍ଦୀପନାର ସହିତ ପାଳିତ ହୋଇଛି । ଏହି ଅବସରରେ ବାରିପଦାସ୍ଥିତ ପିଏମ୍ ଶ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଛାତ୍ରଛାତ୍ରୀ ଓ ଗାଇଡ୍ ଶିକ୍ଷକମାନେ ଏଥିରେ ଯୋଗଦେଇ ସାକ୍ଷରତାର ଗୁରୁତ୍ୱ ଏବଂ ଏକ ସ୍ୱାକ୍ଷର ସମାଜ ଗଠନର ବାର୍ତ୍ତା ପ୍ରସାର କରିଥିଲେ । ଉଦ୍‌ଘାଟନୀ ଅଧିବେଶନରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁନ୍ଦୁୟା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ (ଏକାଡେମିକ୍) ବିନୋଦ ସିଂ, ଏଡିଇଓ (ଏଷ୍ଟାବ୍ଲିଶମେଣ୍ଟ) ଗୌତମ କୁମାର ପାତ୍ର, ବାରିପଦା ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ବାରିପଦାର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସ୍ମୃତି ଲିପି ସାହୁ, ବାରିପଦା ବିଇଓ ଅନୁଜା ମାଧୁରୀ ଦାସ, ପିଏମ୍ ଶ୍ରୀ ଏମ୍.କେ.ସି. ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ଟୁଡୁ ଏବଂ କଣ୍ଠାପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ସାକ୍ଷରତାର ଆବଶ୍ୟକତା, ଶିକ୍ଷାର ସାର୍ବଜନୀନତା ଏବଂ ସମାଜରୁ ନିରକ୍ଷରତା ଦୂରୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଶିକ୍ଷା ମାଧ୍ୟମରେ ବ୍ୟକ୍ତି, ପରିବାର ଓ ସମାଜର ସାମଗ୍ରିକ ବିକାଶ ସମ୍ଭବ ବୋଲି ଅନ୍ୟ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଜିଲ୍ଲାର ପ୍ରତ୍ୟେକ ବ୍ଲକ୍‌ରୁ ଦୁଇଜଣ ଛାତ୍ରଛାତ୍ରୀଙ୍କ ସହ ଜଣେ ଗାଇଡ୍ ଶିକ୍ଷକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଛାତ୍ରଛାତ୍ରୀମାନେ ସାକ୍ଷରତା ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ । ଏହା ମାଧ୍ୟମରେ 'ସ୍ୱାକ୍ଷରତା ସମସ୍ତଙ୍କ ଅଧିକାର' ବାର୍ତ୍ତା ପ୍ରଚାର ସହ ଏକ ସ୍ୱାକ୍ଷର ଓ ସଚେତନ ସମାଜ ଗଠନ ପାଇଁ ଜନସଚେତନତା ସୃଷ୍ଟି କରାଯାଇଥିଲା । ଉଦ୍‌ଯାପନୀ ଅଧିବେଶନରେ ବିଭିନ୍ନ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ସ୍ମାରକୀ ଓ ପ୍ରମାଣପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମର ସଫଳ ଆୟୋଜନରେ ବାରିପଦା ବ୍ଲକ୍ ଅଧୀନସ୍ଥ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କ ସମେତ ପିଏମ୍ ଶ୍ରୀ ଏମ୍.କେ.ସି. ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀ ସକ୍ରିୟ ସହଯୋଗ ପ୍ରଦାନ କରିଥିଲେ ।

**AFFIDAVIT**

By virtue of an affidavit before the executive Magistrate Balasore, I Purabi Giri, D/o- Babuli Giri, At- Kathasangara, Po- Udampur, Ps- Remuna, Dist- Balasore, Odisha-756019 declare that I, wholly renounce, relinquish and abandon the use of my former name (old name) Prachipratysa Giri and in place thereof assume from the date hereof the name of (new name) Purabi Giri. I will be known as Purabi Giri for all purposes.

Purabi Giri

## ଅବକାରୀ ଏବଂ ମୋବାଇଲ ଟିମର ମିଳିତ ଭାବେ ଚଢ଼ାଉ: ବିପୁଳ ପରିମାଣର ମଦ ଜବତ ସହିତ ଦୁଇ ଜଣକୁ ଗିରଫ



ବାଲିଆପାଳ , ୯/୯ (ନି.ପ୍ର): ବାଲିଆପାଳ ବ୍ଲକରେ ବୁଧବାର ବାଲେଶ୍ୱର ମୋବାଇଲ ଟିମ ସ୍କାଡ୍ ଏବଂ ଜଳେଶ୍ୱର ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଛି । ସିମୁଳିଆ ରାଜାରାଣୀ ଛକ ନିକଟରେ ରେ ଚୋରା ମଦ ବେପାରୀ ସପନ ମଣ୍ଡଳ (ଝୁନା) ମଣ୍ଡଳଙ୍କ ଘରେ ଚଢ଼ାଉ କରି ବିପୁଳ ପରିମାଣରେ ଦେଶୀ ଓ ବିଦେଶୀ ମଦ ଜବତ କରିବା ସହ ବେପାରୀଙ୍କୁ ଗିରଫ କରି ବସ୍ତା ଅବକାରୀ ଥାନାକୁ ନିଆଯାଇଛି । ସେହିପରି ନରାଛକ ଏବଂ ଲଙ୍ଗଳେଶ୍ୱର ଠାରେ ଥିବା ଦୀର୍ଘ ଦିନରୁ ଚୋରା ମଦ ଦୋକାନୀ ବିଜୟ ନାୟକ ଙ୍କ ଘରେ ଚଢ଼ାଉ କରିବା ସହିତ ଗିରଫ କରିଛି ଅବକାରୀ ବିଭାଗ । ଏହି ତିନି ଜାଗା ଚଢ଼ାଉ ସର୍ବ ମୋଟ ୨୭୦ ଲିଟର ଦେଶୀ ମହୁଲି,୬.୧୨୦ ଲିଟର ବିଦେଶୀ ଏବଂ ୯.୧୦୦ ଲିଟର ବିଅର ଜବଦ କରାଯାଇଛି । ତେବେ ବାଲିଆପାଳ ବ୍ଲକ ରେ ଦିନକୁ ଦିନ ଛକ ବଜାରରେ ଗାଁ ଗହଳିରେ ଚୋରା ମଦ କାରବାର ବଢୁଛି ଜାଣିଶୁଣି ଅବକାରୀ ବିଭାଗର ନିଷ୍କ୍ରିୟତା ନେଇ ଚର୍ଚ୍ଚା ହୋଇଛି । ବର୍ଷକୁ ଥରେ କି ଦିଥର ଲୋକ ଦେଖାଣିଆ ବାଃ ବାଃ ନେଉଛି ବିଭାଗ । ଏହା ବ୍ୟତୀତ ଗିରଫ କରି ନେଉଥିବା ଅଭିଯୋକ୍ତଙ୍କୁ କିଛି ଦିନ ପରେ ମୋଟା ଅଙ୍କର ଅର୍ଥ ନେଇ ଛାଡିଦେବାରୁ ପୁଣି ଅସାଧୁ ବ୍ୟକ୍ତି ମାନେ ଚୋରା ମଦ ବିକ୍ରି କରୁଛନ୍ତି । ଏହି ଚଢାଉ ସମୟରେ ବାଲେଶ୍ୱର ଭ୍ରାମ୍ୟମାଣ ସଂସ୍ଥାର ଅବକାରୀ ନିରୀକ୍ଷକ ଅଭିରାମ ସାହୁ, ବସ୍ତା ଅବକାରୀ ନିରୀକ୍ଷକ ଜଗନ୍ନାଥ ଭିତିରିଆ, ଜଳେଶ୍ୱର ଅବକାରୀ ଉପ ଅଧିକ୍ଷକ ଶ୍ରୀକାନ୍ତ ଦତ୍ତ, ପ୍ରଭାକର ସେଠି, ବାଲିଆପାଳ ଉପ ଅଧିକ୍ଷକ ସୁନିଲ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।




## କାଦରାୟାଁ ନିକଟରେ ପୁଣି ଧସିଲା ୨୦୦ ଫୁଟର ଅତଡ଼ା: ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହେବା ଆଶଙ୍କା



ବସ୍ତା , ୯/୯ (ନି.ପ୍ର): ବସ୍ତା ବ୍ଲକ ସୁବର୍ଣ୍ଣରେଖା ନଦୀର କାଦରାୟାଁ ନିକଟରେ ପୁଣି ଥରେ ପ୍ରାୟ ୨୦୦ ଫୁଟର ଅତଡ଼ା ଧସିଯାଇଛି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି ।ଏକ ମାସ ପୂର୍ବରୁ ଉକ୍ତ ସ୍ଥାନର ଶହେ ମିଟର ଦୂରରୁ ସମାନ ଢଙ୍ଗରେ ୨ଶହ ମିଟର ଅତଡ଼ା ଧସିଥିଲା, ସେହି ସ୍ଥାନକୁ ମରାମତି ପାଇଁ ଜଳ ସମ୍ପଦ ବିଭାଗ କୌଣସି ଅନୁମତି ପତ୍ର ବିନା ପ୍ରତିଦିନ ଶହ ଶହ ଭାରି ପଥର ବୋଝେଇ ହାଇୱା ଓ ଟ୍ରକ ଉକ୍ତ ନଦୀ ବନ୍ଧ ଉପର ଦେଇ ଯିବା ଆସିବା ଯୋଗୁଁ ପ୍ରଥମେ ରାସ୍ତା ଫାଟିଲା କିଛି ସ୍ଥାନରେ ରାସ୍ତା ଦବିଲା ଏବଂ ଆଜି ମଧ୍ୟାହ୍ନରେ ଦୁର୍ବଳ ନଦୀ ବନ୍ଧ ୨ଶହ ମିଟର ଧସିଲା ବୋଲି ଗ୍ରାମବାସି ଅଭିଯୋଗ କରିଛନ୍ତି । ଏବେ ବର୍ଷା ଦିନ, ନଦୀରେ ଜଳସ୍ତର ବଢୁଛି । ଚଳିତ ବର୍ଷ ସୁବର୍ଣ୍ଣରେଖାରେ ତୃତୀୟ ଥର ବନ୍ୟା ଆସିସାରିଛି, ଆଜିର ଅତଡ଼ା ଧସିବା ପରେ ଯଦି ଆଉ ଥରେ ବନ୍ୟା ଆସେ, ତାହାଲେ ବନ୍ଧ ଭାଙ୍ଗିବା ସହ କାଦରାୟାଁ ସହ ସନ୍ତୋଷପୁର, ଭେଲୋରା, ରଘୁନାଥପୁର, କରୁଆ, ପାଉଁଶକୁଲି, ତାଡଦା, ସିଂଲା ଆଦି ପଞ୍ଚାୟତର ପ୍ରାୟ ୫୦ହଜାରରୁ ଉର୍ଦ୍ଧ ଲୋକ ପ୍ରଭାବିତ ହେବେ । ସ୍ଥାନୀୟ ଲୋକେ ଜିଲ୍ଲାପାଳ ଓ ଜଳସମ୍ପଦ ବିଭାଗକୁ ତୁରନ୍ତ ଅତଡ଼ା ମରାମତି ଏବଂ ବନ୍ଧ ଉପରେ ଭାରି ଯାନ ଚଳାଚଳ ବନ୍ଦ କରିବାକୁ ଦାବି କରିଛନ୍ତି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida